ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଶନିବାର ୨୭ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 July 2024
Vol.No. 35 ■ No.201 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ପ୍ୟାରିସ ଅଲିମ୍ପିକ୍ସ ଉଦଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଫ୍ରାନ୍ସର ରେଳ ନେଟୱର୍କ ଉପରେ ଆକ୍ରମଣ: ପୁରା ଦେଶରେ ହାଇଆଲର୍ଟ

ନୂଆଦିଲ୍ଲୀ, ୨୬/୭ : ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଫ୍ରାନ୍ସର ରେଳ ନେଟୱର୍କ ଉପରେ ବଡ଼ ଧରଣର ଆକ୍ରମଣ ହୋଇଛି । ଫ୍ରାନ୍ସର ହାଇସ୍ପିଡ ରେଳପଥର ଉପରେ ବଡ଼ ଧରଣର ସାଇବର ଆକ୍ରମଣ ହୋଇଛିଫଳରେ ହାଇସ୍ପିଡ ରେଳ ନେଟୱର୍କ ବିଶେଷ ଭାବରେ ପ୍ରଭାବିତ ହୋଇଛି । ସିଗ୍ନମକୁ ପଙ୍ଗୁ କରିବା ପାଇଁ ହାଇସ୍ପିଡ ରେଳ ନେଟୱର୍କକୁ କିଛି ଦୁର୍ବୃତ୍ତ ଟାର୍ଗେଟ କରିଥିବା ଫ୍ରାନ୍ସ ରେଳ କମ୍ପାନୀ ଏସଏନସିଏଫ ପକ୍ଷରୁ କୁହାଯାଇଛି । ହାଇସ୍ପିଡ ରେଳ ନେଟୱର୍କ ବାଧାପ୍ରାପ୍ତ ହେବା ଯୋଗୁଁ ୮ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଫ୍ରାନ୍ସର ଜାତୀୟ ଟ୍ରେନ ଅପରେଟର କମ୍ପାନୀ ଏସଏନସିଏଫ ପକ୍ଷରୁ ଖବର ସରବରାହ ସଂସ୍ଥା ଏଏଫପିକ ପୂରା ଘଟଣା ସମ୍ପର୍କରେ



ସୂଚନା ଦିଅଯାଇଛି । ଫ୍ରାନ୍ସର ଦ୍ରୁତଗାମୀ ରେଳ ନେଟୱର୍କ ଉପରେ ହୋଇଛି ସାଇବର ଆକ୍ରମଣ । ଯେଉଁଥିପାଇଁ ଦେଶରେ ଟ୍ରେନ ସେବା ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ସହରରୁ ଅଲିମ୍ପିକ୍ସ କ୍ରୀଡ଼ାର ଉଦଘାଟନ ସମାରୋହ ଦେଖିବାକୁ ଯାତ୍ରୀମାନେ ପ୍ୟାରିସ ଆସିବା ଲାଗି ଷ୍ଟେସନଗୁଡ଼ିକରେ ଅଟକି ରହିଛନ୍ତି । ପୂର୍ବରୁ ଅଲିମ୍ପିକ୍ସରେ ରକ୍ତପାତ ହେବା ନେଇ ହମାସ ଆତଙ୍କବାଦୀ ସଂଗଠନ ପକ୍ଷରୁ ଧମକ ଦିଆଯାଇଥିବାବେଳେ ଉଦଘାଟନୀ ସମାରୋହ ଦିନ ରେଳ ନେଟୱର୍କ ବାଧାପ୍ରାପ୍ତ ହେବା ଆୟୋଜକଙ୍କୁ ଅଡୁଆରେ ପକାଇଛି । ଫ୍ରାନ୍ସର ଜାତୀୟ ରେଳ ପରିଚାଳକ କହିଛନ୍ତି ଯେ, କୌଣସି ପ୍ରକାର 'ମାଲିସିଅସ ଆକ୍ଟ' ଯୋଗୁ ରେଳ ନେଟୱର୍କ ବାଧାପ୍ରାପ୍ତ ହୋଇଛି । କେବଳ ଘରୋଇ ଟ୍ରେନ ନୁହେଁ, ପଡ଼ୋଶୀ ବେଲଜିୟମ ଏବଂ ଲଣ୍ଡନରୁ ଚ୍ୟାନେଲ ଟନେଲ ଦେଇ ଆସିବାକୁ ଥିବା ଟ୍ରେନ ବି ବାଧାପ୍ରାପ୍ତ ହୋଇଛି । ସରକାରଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଫ୍ରାନ୍ସର ପଶ୍ଚିମାଞ୍ଚଳ, ଉତ୍ତରାଞ୍ଚଳ ଏବଂ ପୂର୍ବାଞ୍ଚଳରେ ରେଳ ସେବା ଅଧିକ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ସହରରେ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ କରାଯାଉଥିବାବେଳେ ରେଳ ନେଟୱର୍କ ପ୍ରଭାବିତ ହେବା ସରକାର ଏବଂ ଆୟୋଜକଙ୍କୁ ଚିନ୍ତାରେ ପକାଇଛି । ଅପରପକ୍ଷରେ ଉତ୍ୟକ୍ତ ଲୋକ ରେଳ ଲାଇନରେ ଅଗ୍ନି ସଂଯୋଗ କରିଥିବା ସୂଚନା ମିଳିଛି । ସେହିପରି ଭଙ୍ଗାରୁଜା କରାଯିବାରୁ ମଧ ଯାତାୟତ ପ୍ରଭାବିତ ହୋଇଛି ।

# ବାରବାଟୀ ଷ୍ଟାଡ଼ିୟମ ରୂପାନ୍ତରଣ: ଶିଳାନ୍ୟାସର ମହାଡ୍ରାମା କରିଥିଲେ ନବୀନ, ଏବେ ମିଛ ଧରାଇଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୬/୭ (ନି.ପ୍ର): ଐତିହାସିକ ବାରବାଟୀ ଷ୍ଟାଡ଼ିୟମର ରୂପାନ୍ତରୀକରଣ ନାଁରେ ପୂର୍ବ ବିଜେଡି ସରକାର ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇଥିଲା । ଏପରିକି ୫ମାସ ପୂର୍ବରୁ ଫେବୃୟାରୀ ୨୭ତାରିଖରେ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରବାଟୀ ଷ୍ଟାଡ଼ିୟମର ନବକଳେବର ପାଇଁ ଯେଉଁ ୭୦୦କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ତାହା ବି ମିଛ ଡ୍ରାମା ଥିଲା । ଆଜି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଦେଇଥିବା ଉତ୍ତରରୁ ବିଜେଡି ସରକାରର ମହାଡ୍ରାମା ଧରାପଡ଼ିଛି ତଥା



କଟକବାସୀଙ୍କ ଭାବାବେଗ ସହ ବିଜେଡି ସରକାର ଖେଳିଥିବା ସ୍ପଷ୍ଟ ହୋଇଛି । କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ଏକ ପ୍ରଶ୍ନର ଆଜି ଲିଖିତ ଉତ୍ତର ଦେଇ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, କଟକସ୍ଥିତ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ବାରବାଟୀ ଷ୍ଟାଡ଼ିୟମ ପରିଚାଳିତ ହେଉଛି । ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏହି ବାରବାଟୀ ଷ୍ଟାଡ଼ିୟମର ଉନ୍ନତିକରଣ ଓ ପୁନଃବିକାଶ ପାଇଁ କୌଣସି ପଦକ୍ଷେପ ନେଇନାହିଁ । ଏପରିକି ଷ୍ଟାଡ଼ିୟମରେ ନିର୍ଦ୍ଦିଷ୍ଟ ଭିତ୍ତିଭୂମିରେ ସୁଧାର ଓ ଅତ୍ୟାଧୁନିକ ସୁବିଧାସୁଯୋଗ ପାଇଁ ମଧ କୌଣସି ପଦକ୍ଷେପ ନେଇନଥିବା କ୍ରୀଡ଼ାମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ▶▶ପୃଷ୍ଠା ୭

# ୩୩୭ କେଜି ଗଞ୍ଜେଇ ଜବତ: ୬ ଗିରଫ



ବଲାଙ୍ଗୀର, ୨୬/୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ପୁଲିସକୁ ମିଳିଛି ବଡ଼ ସଫଳତା । ଗଞ୍ଜେଇ ଚୋରା ଚାଲାଣ ବେଳେ ୬ ଜଣଙ୍କୁ ଗିରଫ କରିଛନ୍ତି ଏହି ଦୁଇଟି ଅଞ୍ଚଳର ପୁଲିସ୍ । ଗିରଫ ୬ ଜଣଙ୍କଠାରୁ ୩୩୭ କେଜି ଗଞ୍ଜେଇ ଜବତ କରାଯାଇଛି । ବଲାଙ୍ଗୀର ଏସପି ଋଷିକେଶ ଖିଲାରୀ ଆଜି ସାମ୍ବାଦିକ ସମ୍ମିଳନୀ କରି ଏ ସଂପର୍କରେ ସୂଚନା ଦେଇଛନ୍ତି । ଏସପି କହିଛନ୍ତି, ବାଲିଗୁଡ଼ା ଅଞ୍ଚଳରୁ ଦୁଇଟି ପିକଅପ ▶▶ପୃଷ୍ଠା ୭

# ସଜାଗ ରହିବାକୁ ୧୩ ଜିଲ୍ଲାପାଳଙ୍କୁ ଏସଆରସିଙ୍କ ଚିଠି

ଭୁବନେଶ୍ୱର, ୨୬/୭ (ନି.ପ୍ର): ଆହୁରି ୫ ଦିନ ଯାଏଁ ବର୍ଷାରୁ ନିସ୍ତାର ମିଳିବନି । କାରଣ, ବଙ୍ଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଏକ ଲଘୁଚାପ କ୍ଷେତ୍ର । ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ମୁହାଁ ହେବ । ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେଥିପାଇଁ ୧୩ ଜିଲ୍ଲାକୁ ସ୍ୱତନ୍ତ୍ର ରିଲିଫ୍ କମିଶନ (ଏସ୍ଆରସି)ର ଚିଠି ଲେଖିଛନ୍ତି । ଲଘୁଚାପ ବର୍ଷାରେ ଉତ୍ତର



ଓଡ଼ିଶାରେ ଉପୁଜିପାରେ ବନ୍ୟା ସ୍ଥିତି । ଜିଲ୍ଲାସ୍ତରରେ ପ୍ରସ୍ତୁତ ରହିବା ସହ ସ୍ଥିତି ନେଇ ଅବଗତ କରିବାକୁ ନିର୍ଦ୍ଦେଶ । ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାକୁ ସତର୍କ କଲେ ସ୍ୱତନ୍ତ୍ର ରିଲିଫ୍ କମିଶନର । ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିଂ ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ▶▶ପୃଷ୍ଠା ୭

# ଜମ୍ମୁରେ ହାଇ ଆଲର୍ଟ ଜାରି: ଆର୍ମି ସ୍କୁଲ୍ ଛୁଟି ଘୋଷଣା



ନୂଆଦିଲ୍ଲୀ, ୨୬/୭ : କିଛି ଦିନ ହେବ ସୀମାରେ ଆତଙ୍କୀ ହମଲା ଜାରି ରହିଛି । ଏହାରି ମଧ୍ୟରେ ଜମ୍ମୁରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ସୂଚନା ଅନୁସାରେ, ପଞ୍ଜାବର ପଠାନକୋଟ ଜିଲ୍ଲାର ଜଣେ ମହିଳା ଉକ୍ତ ଅଞ୍ଚଳରେ ୭ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିବା ପରେ ଜମ୍ମୁରେ ହାଇ ଆଲର୍ଟ ଜାରି କରାଯାଇଛି । ପ୍ରାଥମିକ ସତର୍କତା ସ୍ୱରୂପ ଅଞ୍ଚଳର ସମସ୍ତ ଆର୍ମି ସ୍କୁଲକୁ ମଧ ଛୁଟି ଘୋଷଣା କରାଯାଇଛି । ଆସନ୍ତାକାଲି ପର୍ଯ୍ୟନ୍ତ ସମସ୍ତ ଆର୍ମି ସ୍କୁଲ୍ ବନ୍ଦ ରହିବ । ସ୍ଥାନୀୟ ଅଞ୍ଚଳନରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯିବା ସହ ବ୍ୟାପକ ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ରଖାଯାଇଛି । ସେପଟେ ପଞ୍ଜାବ ପୁଲିସ ଜଣେ ସନ୍ଦିଗ୍ଧର ସ୍କେଚ୍ ଜାରି କରି ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି । ସ୍ଥାନୀୟ ଲୋକଙ୍କୁ ସଜାଗ ରହିବା ସହ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କ ସୂଚନା ପାଇଲେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ କୁହାଯାଇଛି ।

# ଜ୍ୱାଇଁର ପଥର ମାଡ଼ରେ ଶ୍ୱଶୁରଙ୍କ ମୃତ୍ୟୁ

ବୌଦ୍ଧ, ୨୬/୭ (ନି.ପ୍ର): ଜ୍ୱାଇଁର ପଥର ମାଡ଼ରେ ଶ୍ୱଶୁରର ମୃତ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ପଲସାଗୋରା ଗାଁରେ । ମୃତକ ହେଲେ ବେଡ଼ା ବାଘ (୬୦) । ଗତକାଲି ରାତିରେ ଜ୍ୱାଇଁ ମାମୁଧନ ବାଘ୍ ମଦ୍ୟପାନ କରି ଶ୍ୱଶୁର ଘରକୁ ଯାଇଥିଲେ । ସେଠାରେ ଶ୍ୱଶୁରଙ୍କ ସହିତ ପାଟିତୁଣ୍ଡ କରିବା ସହିତ ପଥର ମାଡ଼ କରିଥିଲା । ପଥର ମାଡ଼ରେ ଗୁରୁତର ଭାବେ ଆହତ ହୋଇଥିଲେ ବେଡା ବାଘ । ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଡାକ୍ତର ଖାନାକୁ ନେଇଥିଲେ ପରିବାର ଲୋକେ । ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି । ସେପଟେ ହତ୍ୟାକାରୀ ଜ୍ୱାଇଁ ମାମୁଧନ ଘଟଣା ସ୍ଥଳରୁ ଫେରାର ଅଛନ୍ତି । ତେବେ ମନମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଜ୍ୱାଇଁ ମାମୁଧନଙ୍କୁ ଖୋଜୁଛି ।

# ଜେଲ୍ ଗଲେ ଦୁର୍ନୀତିଗ୍ରସ୍ତ ଇଞ୍ଜିନିୟର ସୁନୀଲ ରାଉତ

ଭୁବନେଶ୍ୱର, ୨୬/୭ (ନି.ପ୍ର): କୋଟିକୋଟି ଟଙ୍କାର ଆୟବର୍ହିଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଆଜି ବଲାଙ୍ଗୀର ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟର ସୁନୀଲ କୁମାର ରାଉତଙ୍କୁ ଗିରଫ କରିଛି । ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍ କୋର୍ଟରେ ହାଜର କରାଯିବା ସହ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ଭିଜିଲାନ୍ସ ଗତ ଦୁଇଦିନ ଧରି ଇଞ୍ଜିନିୟର ଶ୍ରୀ ରାଉତଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କୋଟିକୋଟି ଟଙ୍କା ମୂଲ୍ୟର ଜମି, ଫ୍ଲାଟ୍ , କୋଠା, ଫାର୍ମହାଉସ୍, କେଜିଏ ସୁନା ସହ ବହୁ ମୂଲ୍ୟବାନ ସମ୍ପତ୍ତି ଜବତ କରିଛି । ଶ୍ରୀ ରାଉତଙ୍କର ମଥୁରାରେ ଗୋଟିଏ ମୂଲ୍ୟବାନ ଫ୍ଲାଟ୍ ଥିବା ମଧ ଜଣାପଡ଼ିଛି । ରାଜ୍ୟ ଭିଜିଜିଲାନ୍ସ ଗତକାଲି ତାଙ୍କର ବିଭିନ୍ନ ସ୍ଥାନରେ ଚଢ଼ଉ କିରବା ପରେ ଆଜି ଭିଜିଲାନ୍ସ ସେଲରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି । ଏହି ସମ୍ପତ୍ତିର ଉତ୍ସ ସମ୍ପର୍କରେ ▶▶ପୃଷ୍ଠା ୭

# ବିଲକୁ ନେଇ ରାଜ୍ୟ-ରାଜ୍ୟପାଳ ବିବାଦ: କେନ୍ଦ୍ରକୁ ନୋଟିସ୍ ପଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬/୭ : କେରଳ ଓ ପଶ୍ଚିମବଙ୍ଗ ସରକାର ଏବଂ ସେମାନଙ୍କ ରାଜ୍ୟପାଳଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ୍ ପଠାଇଛନ୍ତି ସୁପ୍ରିମକୋର୍ଟ । ବିଧାନସଭାରେ ବିଲ୍ ପାରିତ ହେବା ସତ୍ତ୍ୱେ ରାଜ୍ୟପାଳ ଅନୁମୋଦନ ଦେଉନଥିବା ଅଭିଯୋଗ କରି ଏହି ଦୁଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । କେରଳ ଓ ପଶ୍ଚିମବଙ୍ଗ



ସରକାରଙ୍କ ଅଭିଯୋଗ ହେଲା ଯେ, ବିଧାନସଭାରେ ବହୁମତ ସହ ଏକାଧିକ ବିଲ୍ ପାରିତ ହୋଇଛି । କିନ୍ତୁ ରାଜ୍ୟପାଳ ସେସବୁକୁ ଅନୁମୋଦନ ଦେଉନାହାନ୍ତି । ଫଳରେ ଏକାଧିକ ▶▶ପୃଷ୍ଠା ୭

# ରତ୍ନଭଣ୍ଡାରକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ଦେଲେ ଜଷ୍ଟିସ ରଥ

ପୁରୀ, ୨୬/୭ (ନି.ପ୍ର):"ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡରରେ ଲାଗିଥିଲା ୩ଟି ତାଲା । ସେହି ତାଲା ବହୁ ଷ୍ଟ୍ରଙ୍ଗ ଓ ବିଲାତି ଅମଳର । ହେଲେ ଆମ ପାଖରେ ଥିଲା ୨ଟି ଚାବି । କେଉଁ ଗୋଟିଏ ଚାବିରେ ଖୋଲିନଥିଲା ତାଲା । ସବୁ ତାଲା ଭଙ୍ଗା ହେଲା । ଅଳଙ୍କାର ଭର୍ତ୍ତି ୨ଟି କାଠ ଆଲମାରୀରେ କୋଲପ ପଡ଼ିନଥିଲା । ଲୁହା ସିନ୍ଦୁକ ମଧ ଦୋଦୁଲ୍ୟମାନ ଅବସ୍ଥାରେ ଥିଲା ।" ଓଟିଭି ଖୋଲା କଥାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ



କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି । ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷଙ୍କ ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମହଲରେ ସୃଷ୍ଟି କରିଛି ହଇଚଇ । ସେପଟେ ଡୁପ୍ଲିକେଟ ଚାବି ଥିବା ଲଫାପା ଭିତରୁ ମିଳିଥିବା ଅଳଙ୍କାର ଲିଷ୍ଟ ୧୯୭୮ ମସିହା ନା ୨୦୧୮ରେ? ତାକୁ ନେଇ ମଧ ବଢ଼ିଲାଣି ଆଶଙ୍କା । ତେବେ ଏଠି ପ୍ରଶ୍ନ ଉଠୁଛି, ଜାଣିଶୁଣି କିଏ ବନେଇ ଥିଲା କି ଭିତର ରତ୍ନଭଣ୍ଡାରର ନକଲି ଚାବି ? ୨୦୧୮ ମସିହାରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଯାଇ ଚାବି ନଥିବାରୁ ପ୍ରାଧିକୃତ ଟିମ୍ ଫେରି ଆସିବା ଓ ତାକୁ ନେଇ ତମ୍ଭି ତୋଫାନ ପରେ ଜିଲ୍ଲା ଟ୍ରେଜେରୀ ▶▶ପୃଷ୍ଠା ୭

# ପୁରୀ ବେଳାଭୂମିକୁ ବିକ୍ରି କରିବାକୁ ମସୁଧା: ଚାଲିଛି ପ୍ଲଟିଂ

ପୁରୀ, ୨୬/୭ (ନି.ପ୍ର): ପୁରୀ ବେଳାଭୂମିକୁ ବିକ୍ରି କରିବାକୁ ଚାଲିଛି ମସୁଧା । ପୁରୀ ବେଳାଭୂମିରେ ଚାଲିଛି ପ୍ଲଟିଂ । ଖଣ୍ଡ ଖଣ୍ଡ କରି ବେଳାଭୂମିକୁ ବିକ୍ରି କରିବାକୁ ଚାଲିଛି ଷଡଯନ୍ତ୍ର । ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଏ ସଂପର୍କରେ ଜାଣିବା ପରେ ଏହା ବିରୋଧରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ବି ଆରମ୍ଭ ହୋଇସାରିଛି । ପୁରୀ ବେଳାମାର୍ଗ ଷ୍ଟର୍ଲିନ୍ ଛକ ନିକଟରେ ଏଭଳି ବେଆଇନ୍ କାର୍ଯ୍ୟକଳାପ ଦେଖିବାକୁ ମିଳିଛି । ବେଳାଭୂମି ବାଲି ଉପରେ ପ୍ଲଟିଂ ହୋଇଥିବା ଜାଗା ଚିହ୍ନଟ ପାଇଁ ପୋତା ହୋଇଛି ଶହ ଶହ ହଳଦିଆ ଖୁଣ୍ଟି । ଏହା ପଛରେ ବଡ଼ ବଡ଼ ଜମି ମାଫିଆଙ୍କ ହାତ ଥିବା ସୂଚନା ମିଳିଛି । ସୁଚିନ୍ତିତ ଭାବେ ଜମି ମାଫିଆମାନେ ବେଳାଭୂମିର ଏହି ଜାଗାକୁ ବିକ୍ରି ପାଇଁ ବାହାର ରାଜ୍ୟର ଗ୍ରାହକ ଯୋଗାଡ଼ କରିଥିବା ସୂଚନା ମିଳିଛି । ସିଆରଜେଡ୍ ନିୟମର ଏହା ଖୋଲା ଉଲ୍ଲଂଘନ ଓ ଦଣ୍ଡନୀୟ ଅପରାଧ । ୪ ଭାଗରେ ବିଭକ୍ତ ସିଆରଜେଡ୍ ଭିତରୁ ସମୁଦ୍ର ଜଳରାଶିକୁ ଲାଗି ରହିଥିବା କୂଳବର୍ତ୍ତୀ ଅଞ୍ଚଳ ସିଆରଡେଜ୍ -୧ ଓ ସିଆରଜେଡ୍ -୨ରେ ଆସୁଛି । ସିଆରଜେଡ୍ ଆଇନ ଅଧୀନ ପରିବେଶ ଆଇନ-୧୯୮୬ର ସେକ୍ସନ୍ -୩ ଆଧାରରେ ଏଠାରେ ଖନନ ଓ ନିର୍ମାଣ ଦଣ୍ଡନୀୟ ଅପରାଧ । କୌଣସି ପରିସ୍ଥିତିରେ ବି ଏଠାରେ କଂକ୍ରିଟ୍ ନିର୍ମାଣ ହୋଇପାରିବନାହିଁ । କିନ୍ତୁ ସିଆରଜେଡ୍ ନିୟମର ଖୋଲା ଉଲ୍ଲଂଘନ କରି ଷ୍ଟର୍ଲିନ୍ ଛକ ବୁଲାଣି ନିକଟରେ ସମୁଦ୍ରକୁ ଲାଗି ବେଳାଭୂମି ଉପରେ କରାଯାଇଛି ପ୍ଲଟିଂ । ଯେଉଁଠି ସମୁଦ୍ର ଜଳରାଶି ବି ଆସି ମାଡ଼ ହେଉଛି । ଅପରପକ୍ଷରେ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଏ ସଂପର୍କରେ ଜାଣିବା ପରେ ଏହା ବିରୋଧରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ବି ଆରମ୍ଭ ହୋଇସାରିଛି । ତେବେ ଘଟଣା ସଂପର୍କରେ ଜିଲ୍ଲାପାଳ କହିଛନ୍ତି ଘଟଣାର ତଦନ୍ତ ଚାଲିଛି । ସେଟେଲମେଣ୍ଟ ବେଳେ ବେଳାଭୂମିର କିଛି ଅଂଶ ସ୍ଥିତିବାନ ଜମି ଭାବେ ଲୋକଙ୍କୁ ମିଳିଥିଲା । ସେହି ଜମିରେ ଚାଲିଛି ନିର୍ମାଣ କାମ । ତେବେ କେମିତି ବେଳାଭୂମିରେ ସ୍ଥିତିବାନ ଜମି ମିଳିଲା ତାହାର ତଦନ୍ତ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ।

# ବଢ଼ିଲା କମଳା ହ୍ୟାରିସଙ୍କ ବଳ: ସମର୍ଥନ ଦେବାକୁ ବାରାକ ଓବାମା ଓ ମିଚେଲ ଓବାମାଙ୍କ ଘୋଷଣା

ନୂଆଦିଲ୍ଲୀ, ୨୬/୭ : ସବୁ ଚର୍ଚ୍ଚା, ଗୁଜବକୁ ପଛରେ ରଖି ଶେଷରେ କମଳା ହ୍ୟାରିସଙ୍କୁ ସମର୍ଥନ ଜଣାଇଲେ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଓ ପତ୍ନୀ ମିଚେଲ ଓବାମା । ଅଫିସିଆଲ ୱେବସାଇଟରେ ଏକ ଭିଡିଓ ରିଲିଜ ହୋଇଛି । ଯେଉଁଥିରେ ଓବାମା ଦମ୍ପତି ଫୋନରେ କମଳା ହ୍ୟାରିସଙ୍କ ▶▶ପୃଷ୍ଠା ୭



# କେନ୍ଦୁଝରରେ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୨୬/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ୭୮ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ୨୫ତାରିଖ ଗୁରୁବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯଦୁମଣି ମହଲାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହଲା ଆଗାମୀ ସ୍ୱାଧିନତା ଦିବସକୁ ଜାତୀୟ ଭାବନା ସହକାରେ ବିପୁଳ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦୀପନା ସହିତ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି। ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଘଟିକାରୁ ଘ୭.୩୦ମି. ମଧରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ଘ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତୋଳନ, ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଂଟନ, ଅପରାହ୍ଣରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ କବିତା ପାଠୋତ୍ସବ ଏବଂ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସ୍ୱାଧୀନତା ଦିବସ ଦିନ ପୂର୍ବାହ୍ଣ ଘ୯.୧୫ ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ସମ୍ମିଳିତ ପ୍ୟାରେଡ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଗାମୀ ଅଗଷ୍ଟ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ ଘଟିକା ସମୟରେ ପ୍ୟାରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି । ସ୍ୱାଧୀନତା ଦିବସ ଉପଲକ୍ଷେ ଆଗାମୀ ଅଗଷ୍ଟ ମାସ ୦୫ ରୁ ୦୭ ତାରିଖ ମଧରେ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ବର୍ଗରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରଛାତ୍ରୀମାନଙ୍କ ମଧରେ ମ୍ୟୁଜିକ୍ ଚେୟାର, ଛାତ୍ରୀ ଓ ମହିଳାମାନଙ୍କ ମଧରେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଂଗ, ପିଏ ଆଇଟିଡିଏ ସୌମ୍ୟ ସାର୍ଥକ ମିଶ୍ର, ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଚନ୍ଦ୍ର ପୃଷ୍ଟି, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, କେନ୍ଦୁଝର ସଦର ବିଡିଓ ତିଳୋତମା ପୃଷ୍ଟି, ରିଜର୍ଭ ଇନସ୍ପେକ୍ଟର ମାନସ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱାଧିନତା ଦିବସ ପାଳନକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମତାମତ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କେନ୍ଦୁଝରର ସାର୍ଥକ ରାୟ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ୭୬ ତମ ସଂସ୍କୃତି ଚର୍ଚ୍ଚା ସମାରୋହ

ଭୁବନେଶ୍ୱର, ୨୬/୦୭ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୬ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଜିତୁ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍, ଲେଖକ ଓ ଐତିହ୍ୟବିତ୍ । ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିଲୀପ ରାଉତରାଏ । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଶ୍ରୀମତୀ ବନାନୀ ମହାପାତ୍ର । ଉକ୍ତ ଉତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଡ. ଅନୀଲ ଧୀର, ପ୍ରଦୋଷ ପଟ୍ଟନାୟକ, ଡ. ସତ୍ୟନାରାୟଣ ମିଶ୍ର, ଗୌତମ ମହାନ୍ତି ପ୍ରମୁଖ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଜିତୁ ମିଶ୍ର କହିଥିଲେ ଯେ ଓଡ଼ିଶା ଭାରତର ଗୋଟିଏ ରାଜ୍ୟ ଯେଉଁଠିକି ଶତକଡା ୨୫ ଭାଗ ଆଦିବାସୀ ଜନଜାତିର ଲୋକ ବସବାସ କରନ୍ତି । ସେମାନେ ମୁଖ୍ୟତଃ ପୂର୍ବଘାଟ ପର୍ବତମାଳା ଏବଂ ଛୋଟନାଗପୁର ମାଳଭୂମି ଅଂଚଳରେ କେଉଁ ଆଦିମ କାଳରୁ ବସବାସ କରିଆସୁଛନ୍ତି । ଓଡ଼ିଆ ସଂସ୍କୃତିରେ ଆଦିବାସୀମାନଙ୍କ ଜୀବନ ଶୈଳୀ ତାଙ୍କର ପ୍ରକୃତି ଏବଂ ପାରମ୍ପରିକ କୃଷି ସମ୍ବନ୍ଧୀୟ ଜ୍ଞାନ, କୌଶଳ, ଚାରୁକଳା, ଧର୍ମ ବିଶ୍ୱାସରେ ବହୁତ ଅବଦାନ ରହିଅଛି । ଆଜିର ସଂସ୍କୃତି ଚର୍ଚ୍ଚାରେ ଶ୍ରୀ ମିଶ୍ର ତିନୋଟି ବିଷୟରେ ବକ୍ତୃତା ରଖିଛନ୍ତି । ପ୍ରଥମ ଅଂଶରେ ଶ୍ରୀ ମିଶ୍ର ତାଙ୍କର ଅନୁଭୂତି ଠାରୁ ଆରମ୍ଭ କରି ଆଦିବାସୀମାନଙ୍କର ଗୁଣି ଗାରେଡି ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଅଂଶରେ କିପରି ମାନବ ସମାଜରେ ପ୍ରଥମେ ଗୁଣିଗାରେଡିର ପ୍ରଥା ଆରମ୍ଭ ହେଲା ଏବଂ ପ୍ରାଗ ଐତିହାସିକ ଗୁମ୍ଫାଚିତ୍ରମନଙ୍କରେ ଏହା ଦେଖିବାକୁ ମିଳେ । ଏହି କ୍ରମରେ ଶ୍ରୀ ମିଶ୍ର ଓଡ଼ିଶାର କୁଟିଆ କନ୍ଧ ଏବଂ ଲାଞ୍ଜିଆ ସଉରାଙ୍କ ଗୁଣି ଗାରେଡି ବିଷୟରେ ଆଲୋଚନା କରିଥିଲେ । ବକ୍ତୃତାର ଦ୍ୱିତୀୟ ଅଂଶରେ ଶ୍ରୀ ମିଶ୍ର ପାରମ୍ପରିକ ଚାଷ ସହିତ ମହାଭାରତର ଭୀମଙ୍କ ଆଦିବାସୀ ସଂସ୍କୃତିରେ କିଭଳି ସମ୍ପର୍କ ରହିଅଛି ତାହା ଲୋକକଥା ଏବଂ ପର୍ବପର୍ବାଣୀ ଏବଂ ଚିତ୍ରକଳା, ନାଚଗୀତ ମାଧ୍ୟମରେ ବର୍ଣ୍ଣନା କରିଥିଲେ ।

# ଗାଁ ଅନାବାଦୀ ଜମିକୁ ବିଲଡ଼ରକୁ ଦେବାକୁ ମସୁଧା ପ୍ରତିବାଦରେ ପୁଲିସ୍‌ର ଦମନ ଓ ନିର୍ଯ୍ୟାତନା

## ବିଦ୍ୟାଧର ଦେହୁରୀଙ୍କ ସମେତ ୨୭ ଆଦିବାସୀଙ୍କ ଗିରଫଂକୁ ନିନ୍ଦା

କୋରେଇ, ୨୬/୦୭ (ନି.ପ୍ର): ସରକାରୀ ଅନାବାଦୀ ଜମିକୁ ବେସରକାରୀ ଲୋକଙ୍କୁ ହସ୍ତାନ୍ତରର ବିରୋଧ କରିବାରୁ ମିଥ୍ୟା ମକଦ୍ଦମା କରି ଗିରଫ କରାଯିବା ଘଟଣାକୁ ମୂଳ ନିବାସୀ ୟୁନାଇଟେଡ ଫୋରମ ତୀବ୍ର ନିନ୍ଦା କରିଛି । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ତହସିଲ ଅଧିନ ଓସିଲ ଓ ଭୁବନେଶ୍ୱର ଉପକଣ୍ଠ ମଧୁପୁରର ଆଦିବାସୀଙ୍କୁ ସରକାର ୧୯୯୦ ମସିହାରେ ଜମିପଟ୍ଟା ଦେଇଥିଲେ ମଧ ଜାଗା ଚିହ୍ନଟ ଦେଇନାହାନ୍ତି । ମାତ୍ର ସେହି ଗ୍ରାମରେ ଥିବା ଅନାବାଦୀ ଜମିକୁ ଖଣି ଖନନ ଓ ବିଲଡ଼ରଙ୍କୁ ପ୍ରଦାନ କରିଥିବାରୁ ଆଦିବାସୀମାନେ ଏକ୍ର ହୋଇ ପ୍ରତିବାଦ କରିଥିଲେ । ମାତ୍ର ମଧୁପୁର ଜମିରେ ବିଲଡ଼ର ଓ ପ୍ରଶାସନ ଦଖଲରେ ବିଫଳ ହେବା ପରେ ୧୨ ତାରିଖରେ ଅତି ଅମାନୁସିକ ଭାବେ ଆନ୍ଦୋଳନକାରୀ ଶତାଧିକ ନିରୀହ ଆଦିବାସୀଙ୍କ ଉପରେ ଲାଠି ମାଡ଼ ଓ ମରଣାତ୍ମକ ଆକ୍ରମଣ କରିଥିଲେ । ଚନ୍ଦକା ଥାନା ଅଧିକାରୀ ଦିପକ କୁମାର ଜେନା ୭୨ ଜଣ ନିରୀହ ଆଦିବାସୀଙ୍କ ନାମରେ ସଂଗୀନ ଦଫା ଲାଗାଇ ମାମଲା ରୁଜୁ କରିଥିଲେ । ଏହାପରେ ଗତ ୨୦ ତାରିଖରେ ୨୭ ଜଣଙ୍କୁ ଥାନାକୁ ଏପରିକି ପୁରୁଷ ପୁଲିସ୍ ମାନେ ମହିଳାଙ୍କୁ ବି ଜୋରଜବରଦସ୍ତ ଉଠାଇ ନେଇଥିଲେ । ମାତ୍ର ଏହି ଆନ୍ଦୋଳନର ନେତୃତ୍ୱ ଜଣେ ଜଣାଶୁଣା ବିଶିଷ୍ଟ ଆଦିବାସୀ ନେତା ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀ ନେଉଥିବାରୁ ଓ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦୀ ହୋଇଥିବାରୁ ତାଙ୍କୁ ରାଜନୈତିକ ଆକ୍ରୋଶ ରଖି ବିଜେପି ସରକାର ଗିରଫ କରିଛନ୍ତି । ଘଟଣା ଦିନ ସେ ତାଙ୍କନିଜ ବାସଭବନରେ ଦିନ ୧୧ଟା ପର୍ଯ୍ୟନ୍ତ ଥିଲେ । ଜଣେ ଆତଙ୍କବାଦୀଙ୍କୁ ଉଠାଇଲା ଭଳି ୪ ଗୋଟି ପୁଲିସ୍ ଭ୍ୟାନ୍ ଘର ଚାରିପଟେ ସକାଳ ୭ଟାରେ ଘେରି ଉଠାଇବା ଓ ଅପବ୍ୟବହାର କରିବା ନିନ୍ଦନୀୟ ଅଟେ । ସାମ୍ବିଧାନିକ ମୌଳିକ ଅଧିକାର, ସ୍ୱତନ୍ତତା ଓ ଆତ୍ମ ସମ୍ମାନ କ୍ଷୁର୍ଣ୍ଣ ହୋଇ ଚାଲିଛି । ନ୍ୟାୟ ପ୍ରତିଷ୍ଠା ପାଇଁ ହି ଫୋରମ୍ ଜରିଆରେ ଜାଗରଣ ଓ ସଂଗଠିତ କରାଇ ରାଜ୍ୟବ୍ୟାପୀ ସଶକ୍ତ ଜନ ଆନ୍ଦୋଳନ ସଦୃଢ଼ କରାଯିବା ପାଇଁ ଲକ୍ଷ ସ୍ଥିର କରାଯାଇଛି । ଆସନ୍ତା ୨୮ ତାରିଖରେ କୁଆଖିଆ ଠାରେ ସମସ୍ତ ସଂଗଠନକୁ ନେଇ ଜିଲ୍ଲାସ୍ତରୀୟ ପ୍ରତିବାଦ ସଭା କରାଯାଇ ଦାବୀପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯିବାକୁ ନିଷ୍ପତି ନିଆଯାଇଛି । ଏହି ମାମଲାରେ ରାଜ୍ୟ ସରକାର, ମହାମହିମା ରାଷ୍ଟ୍ରପତି ଓ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରି ଶ୍ରୀ ଦେହୁରୀଙ୍କ ସମେତ ସମସ୍ତ ଆଦିବାସୀଙ୍କୁ ତୁରନ୍ତ ଛାଡ଼ କରିବା ନିମନ୍ତେ ନିବେଦନ କରିଛନ୍ତି । ଏହି ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା ତରଫରୁ ପାଣିକୋଇଲି ଠାରେ ସାମ୍ବାଦିକ ସମ୍ମିଳନୀରେ ଫୋରମ୍‌ର ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଂଜନ ଜେନା, ଜିଲ୍ଲା ସଭାପତି ଆର୍ତତ୍ରାଣ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, ଉପସଭାପତି ଶ୍ରୀଧର ମଲ୍ଲିକ, ରାଜ୍ୟ ସଦସ୍ୟା ସସ୍ମିତା ଜେନା, ମିନାକ୍ଷୀ ମଲ୍ଲିକ, ମୀନା ଜେନା, ସରସ୍ୱତୀ ମଲ୍ଲିକ, ବାପି ଜେନା, ମାନସ ମଲ୍ଲିକ, ରମେଶ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ ନିନ୍ଦା କରିଛନ୍ତି ।

# ନାବାଳକଙ୍କ ସହ ଜବରଦସ୍ତ ଯୌନ ସମ୍ପର୍କ ମାମଲା: ଅଭିଯୁକ୍ତକୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହ ୫୦ ହଜାର ଜୋରିମାନା

କେନ୍ଦ୍ରାପଡ଼ା, ୨୬/୦୭ (ନି.ପ୍ର): ଜନୈକ ୧୨ ବର୍ଷର ନାବାଳକଙ୍କ ସହ ଯୋରଜବରଦସ୍ତ ଯୌନ ସମ୍ପର୍କ ରଖିବା କେଶର ବିଚାର କରି କେନ୍ଦ୍ରାପଡ଼ା ଆଡହକ ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ କେଶରୀ ନିମ୍ନାରା ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କରାଦଣ୍ଡାଦେଶରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଦୁଇବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତ ନାବାଳକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ଷତିପୂରଣ ରାଶି ନାବାଳକଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ୧୫ ବର୍ଷ ପାଇଁ ସ୍ଥାୟୀ ଜମା କରାଯିବ । ଯାହାକି ନାବାଳକର ଭବିଷ୍ୟତ ସୁରକ୍ଷା ନିମନ୍ତେ ଜମା ରହିବ । ସ୍ଥାୟୀ ଜମାର ସୁଧ ନିୟମିତ ଭାବେ ନାବାଳକଙ୍କ ବ୍ୟାଙ୍କ ଜମାଖାତାକୁ ଆସିବ । ଏଥିସହିତ ଅଭିଯୁକ୍ତ ଯେଉଁ ୫୦ ହଜାର ଟଙ୍କା ଜୋରିମାନା ଅର୍ଥ ଦେବେ ସେ ଅର୍ଥ ନାବାଳକଙ୍କ ଡାକ୍ତରଖାନା ଖର୍ଚ୍ଚ ପାଇଁ ତାକୁ ପ୍ରଦାନ କରାଯିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ରାଜନଗର ଥାନା ଅନ୍ତର୍ଗତ ଗୁହାଳକଣି ଗ୍ରାମର ଆସାମୀ ସ୍ୱର୍ଗତ ରାଧୁ ସାହୁଙ୍କ ପୁଅ ସୌଦାଗର ସାହୁ(୫୫) ନାବାଳକଙ୍କ ଘରକୁ ନିୟମିତ ଭାବେ ଯିବାଆସିବା କରୁଥିଲେ । ଗତ ୨୦୨୧ ମସିହା ଜୁଲାଇ ମାସ ୧୬ ତାରିଖ ଅପରାହ୍ଣ ସାଢେ ୨ଟା ବେଳେ ଅଭିଯୁକ୍ତ ନାବାଳକଙ୍କ ଘରକୁ ଆସି ପିଡିତ ନାବାଳଙ୍କୁ ଘର ପଛପଟେ ଥିବା ଗୁହାଳକୁ ଲୁଡୁ ଖେଳିବା ପାଇଁ ଡାକିଥିଲା । ନାବାଳକ ଜଣଙ୍କ ଅଭିଯୁକ୍ତ ସହିତ ଲୁଡୁ ଖେଳିବାକୁ ଗୁହାଳକୁ ଯାଇଥିଲା । ଏହି ସମୟରେ ଅଭିଯୁକ୍ତ ନାବାଳକଙ୍କ ସହ ବଳ ପୂର୍ବକ ଅପ୍ରାକୃତିକ ଯୌନସମ୍ପର୍କ ରଖିଥିଲେ । ଏହାପରେ ନାବାଳକ ଜଣକ କାନ୍ଦି କାନ୍ଦି ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ କହିବା ସହିତ ପୂର୍ବରୁ ଅନେକ ଥର ଏହିପରି କରିଥିବା ମଧ ସେ ମା'ଙ୍କୁ କହିଥିଲେ । ଫଳରେ ତାଙ୍କ ମା' ଏ ନେଇ ଅଭିଯୁକ୍ତକୁ ପଚାରିବାରୁ ସେ ଓଲଟା ତାଙ୍କ ମା'ଙ୍କୁ ଗାଳିଦେବା ସହ ଚୁଟି ଧରି ଘୁରେଇ ତଳେ ପକାଇ ଦେଇଥିଲେ ତାଙ୍କ ଛାତିକୁ ଗୋଇଠା ମାରିଥିଲେ । ମହିଳାଙ୍କ ଚିତ୍କାର ଶୁଣି ତାଙ୍କ ଯା' ଘଟଣା ସ୍ଥଳକୁ ଆସି ତାଙ୍କୁ ଘରକୁ ନେଇ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ଗୋଡାଇ ଗୋଡାଇ ମହିଳାଙ୍କୁ ଏକ ବାଡିରେ ପିଟି ଚାଲିଥିଲେ । ଏ ନେଇ ମହିଳା ଜଣକ ସେହିଦିନ ରାତିରେ ଥାନାରେ ଅଭିଯୋଗ କରିଥିଲେ । କେବଳ ମହିଳାଙ୍କ ନାବାଳକ ପୁଅ ନୁହେଁ ତାଙ୍କ ନାବାଳିକା ଝିଅକୁ ମଧ ଅଭିଯୁକ୍ତ ଜଣଙ୍କ ଯୌନ ଶୋଷଣ କରିଥିଲା । ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ତାଙ୍କୁ ବଳାତ୍କାର କରାଯିବ ବୋଲି ନାବାଳିକାଙ୍କୁ ଅଭିଯୁକ୍ତ ଧମକ ମଧ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନକୁ ଅଦାଲତ ବିଚାର କରି ଅଭିଯୁକ୍ତ ସୌଦାଗର ସାହୁଙ୍କୁ ୩୪୧ଦଫାରେ ୧୫ଦିନ ସଶ୍ରମ କାରାଦଣ୍ଡାଦେଶ ସହ ୨ଶହ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ୪ଦିନ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ । ୩୭୭ଦଫାରେ ୧୦ବର୍ଷ ସଶ୍ରମ ଜେଲଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ । ଏଷାବ୍ୟତିତ ପୋକ୍ସୋ ଆଇନର ୪(୨) ଦଫାରେ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫୦ହଜାର ଟଙ୍କା ଜୋରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଅଦାଲତରେ ସ୍ୱତନ୍ତ୍ର ପିପି ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ ।

# ଫୁଲବାଣୀ ଡାନ୍ସ ଏକାଡେମୀ ସଭାପତି ଭାଗବତ ବେହେରାଙ୍କ ଉଦ୍ଦେଶ୍ୟରେ ଶୋକସଭା

କନ୍ଧମାଳ, ୨୬/୦୭ (ନି.ପ୍ର): ଫୁଲବାଣୀ ଡାନ୍ସ ଏକାଡେମୀର ସଭାପତି ଭାଗବତ ବେହେରାଙ୍କ ପରଲୋକରେ ଏକାଡେମୀରେ ବୁଧବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସମ୍ପାଦକ ସରୋଜ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶୋକସଭାକୁ ଆଇନଜୀବି ସତ୍ୟ ନାରାୟଣ ବେହେରା ସଭାପତିତ୍ୱ କରିଥିଲେ । ପ୍ରଥମେ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଜେଡ଼ି ନେତା କମଳ ବେହେରା, ଶଙ୍କର ବେହେରା, ଟିକି ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଭ୍ୟ ସଦାଶିବ ପାତ୍ର, ଡାନ୍ସ ଏକାଡେମୀ ସମ୍ପାଦକ ସରୋଜ ପାତ୍ର, ଜିଲ୍ଲା କୋର୍ଟର କ୍ୟାଡ଼ର ପି.ପି.ଶ୍ରୀମତୀ ମହାପାତ୍ର, ରୂପସ୍ମିକା ତ୍ରିପାଠୀ, ଦେବାଶିଷ ମିଶ୍ର, ଅଶୋକ ମହାନ୍ତି ପ୍ରମୁଖଙ୍କ ସମେତ ଅନେକ ତାଙ୍କର ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବେହେରା ଜଣେ ଦକ୍ଷ ସଂଗଠକ, ସମାଜସେବୀ, ପରୋପକାରୀ, ମିଷ୍ଟ ଭାଷୀ ବ୍ୟକ୍ତି ଥିଲେ । ଏକାଡେମୀ ପ୍ରତି ତାଙ୍କର ଅବଦାନ ଓ ସହଭାଗିତାକୁ ମନେ ପକାଇଥିଲେ ସମସ୍ତେ । ଛାତ୍ରଛାତ୍ରୀ, ଅଭିଭାବକ ମାନେ ମଧ ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ । ଗଭୀର ଶୋକ ବ୍ୟକ୍ତି କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗ ପ୍ରତି ସମବେଦନା ଜଣାଇଛନ୍ତି ଅନୁଷ୍ଠାନର ସମ୍ପାଦକ ଓ ଅନ୍ୟ କର୍ମକର୍ତା । ଶୋକ ସଭାକୁ ସଂଯୋଜନା କରିଥିଲେ ଦେବାଶିଷ ମିଶ୍ର । ସୂଚନାଯୋଗ୍ୟ ଯେ ପୌରପାଳିକାର ପୂର୍ବତନ କାଉନସିଲର ତଥା ବିଜେଡି ନେତା ସ୍ୱର୍ଗତ ଭାଗବତ ବେହେରାଙ୍କ ମଙ୍ଗଳବାର ରାତିରେ ଚିକିତ୍ସିତ ଅବସ୍ଥାରେ ଭୁବନେଶ୍ୱରରେ ପରଲୋକ ହୋଇଯାଇଥିଲା ।

# ଡ୍ରାଇଭରକୁ ବନ୍ଧୁକ ଦେଖାଇ ଲୁଟ

ଜୟପୁର, ୨୬/୦୭ (ନି.ପ୍ର): ଡ୍ରାଇଭରକୁ ବନ୍ଧୁକ ଦେଖାଇ ଲୁଟ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଗତ ୨୦ ତାରିଖ ରାତ୍ର ୨ଟାରେ ରେ ନୟାଗଡ ଜିଲା ସୌମ୍ୟ ରଞ୍ଜନ ମହାନ୍ତି ଏକ ଟ୍ରକରେ ମାଲ ଧରି ଜୟପୁର ଆସିଥିଲେ । ରାତ୍ର ହୋଇ ଯିବାରୁ ଗାନ୍ଧୀ ଛକ ମହିନ୍ଦ୍ରା ସୋରୁମ ନିକଟରେ ଟ୍ରକ ରଖି ଶୋଇଥିବା ବେଳେ କିଛି ଦୁର୍ବୃତ ମାନେ ଖଣ୍ଡା, ବନ୍ଧୁକ ଦେଖାଇଥିଲେ । ପ୍ରଥମେ ଗାଡି ବାଡାଇ ବନ୍ଧୁକ ଦେଖାଇ ଗେଟ ଖୋଲିବାକୁ କହିଥିଲେ । ଡୋର ଖୋଲିବା ପରେ ଖଣ୍ଡା ଦେଖାଇ କ୍ୟାବିନ ଉପରେ ବସି ୨ ଟାୟାର ନେଇଯାଇଥିଲେ । ଏହା ସହ ୮ ହଜାର ଟଙ୍କା ମୋବାଇଲ, ଲୁଟ କରି ନେଇ ଗଲେ । ୨୧ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିବା ଡ୍ରାଇଭର ସୂଚନା ଦେଇଛନ୍ତି । ଏନେଇ ପଚାରିବାରୁ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ କୈଣସି ଅଭିଯୋଗ ହୋଇ ନଥିବା ସୂଚନା ଦେଇଛନ୍ତି ।

# ବଲାଙ୍ଗୀର କରାଟେ ସ୍କୁଲର କୋଲକତା ଗସ୍ତ

ବଲାଙ୍ଗୀର, ୨୬/୦୭ (ନି.ପ୍ର): ପଶ୍ଚିମବଙ୍ଗର କୋଲକତାରେ ହେବାକୁ ଥିବା ୮ତମ ଆର୍ନ୍ତଃଜାତୀୟ କରାଟେ ଚମ୍ପିୟାନସିପ ୨୦୨୪ ସ୍ଥାନୀୟ ନେତାଜୀ ଇନ୍‌ଡୋର ଷ୍ଟାଡିୟମ ଠାରେ ତା.୨୬ରୁ ୨୮ ଜୁଲାଇ ପର୍ଯ୍ୟନ୍ତ ହେବ । ଏହି ଚମ୍ପିୟାନସିପ୍‌କୁ ସର୍ବ ଭାରତୀୟ ସେଇସିନକାଇ ସିଟୋ ର୍ୟୁ କରାଟେଡୁ ସଂଘ ଆୟୋଜନ କରିଅଛି । ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର କରାଟେ ସ୍କୁଲର ୯ ଜଣ ଝିଅ ଓ ୫ ଜଣବାଳକ ବିଭିନ୍ନ ବର୍ଗରେ ସର୍ବମୋଟ୧୪ ଜଣ କରାଟିକା ଭାଗ ନେଇଛନ୍ତି । ସ୍କୁଲର ମୁଖ୍ୟ କୋଚ ତଥା ସଂପାଦକ ହୃଦୟ ଶବର, ସହ-କୋଚ ମନଗୋବିନ୍ଦ ମେହେର ଓ ମ୍ୟାନେଜର ରାଜେନ୍ଦ୍ର ବାଗ ଙ୍କ ସହିତ ଦଳ କୋଲକତା ଯାତ୍ରା କରିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ଗ୍ରାମ ରୋଜଗାର ସେବିକାଙ୍କ ଲାଂଚ କାରବାର ଅଡିଓ ଭାଇରାଲ

ମାଲକାନଗିରି, ୨୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ନାକାମୁଣ୍ଡା ଗ୍ରାମରେ ଜଣେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବାରେ ସହାୟତା କରିଥିବା ଯୋଗୁଁ ରୋଜଗାର ସେବିକା ଜଣଙ୍କ ସହ ଆର୍ଥିକ କାରବାର ହୋଇଥିବା ନେଇ ଏକ ଅଡିଓ ବାର୍ତାଳାପ ସାମାଜିକ ଗଣମାଧମରେ ଭାଇରାଲ୍ ହୋଇଥିବା ଜଣାପଡିଛି । ଏହି ବାର୍ତାଳାପରେ ପଡିଆ ପଂଚାୟତର ଗ୍ରାମୀଣ ରୋଜଗାର ସେବିକା ନାକାମୁଣ୍ଡା ଗ୍ରାମର ଜଣେ ହିତାଧିକାରୀଙ୍କ ଠାରୁ ପ୍ରାୟ କିଛି ଟଙ୍କା ନେଇଥିବା ବେଳେ ଏହି ଅର୍ଥ ମଧ୍ୟରୁ ପାଂଚ ହଜାର ଟଙ୍କା ଲେଖାଏଁ ଦୁଇ କିସ୍ତିରେ ଫେରାଇ ଦେବା ସହ ବଳକା ଟଙ୍କା ସେହି ଗ୍ରାମର ହିତାଧିକାରୀଙ୍କ ଆକାଉଂଟକୁ ଛାଡିବା ନେଇ ଆଶ୍ୱାସନା ଦେଉଥିବା ଜଣାପଡ଼ିଛି । ଅପରପକ୍ଷେ ହିତାଧିକାରି ଜଣକ ବିନମ୍ରତାର ସହ ସମସ୍ତ ଟଙ୍କା ଏକା ଥରକେ ଫେରାଇବାକୁ ଗୁହାରି କରୁଥିବା ବାର୍ତାଳାପରୁ ଜଣାପଡୁଛି । ଉକ୍ତ ବାର୍ତାଳାପରେ ରୋଜଗାର ସେବିକା ଜଣକ କିଛି ଟଙ୍କା ଫୋନ ପେ ଓ ବଳକା ଟଙ୍କା ଶ୍ରମିକଙ୍କ ଆକାଉଂଟକୁ ଛାଡିବା ନେଇ ଆଲୋଚନା କରିବା ସମ୍ପୂର୍ଣ୍ଣ ଘଟଣାକୁ ସନ୍ଦେହଘେରକୁ ନେଇଛି । ଏ ବାବଦରେ ସମ୍ପୃକ୍ତ ଯୋଗାଣ ସେବିକାଙ୍କୁ ପଚାରିବାରୁ ସେ କିଛି ଟଙ୍କା ଉକ୍ତ ହିତାଧିକାରୀଙ୍କ ଠାରୁ ଧାର ଆକାରରେ ନେଇଥିବା ସ୍ୱୀକାର କରିଥିଲେ ଓ ଏହି ଟଙ୍କା ଫେରାଇବା ନେଇ ବାର୍ତାଳାପ କରିଥିବା କହିଛନ୍ତି । ଅନ୍ୟପଟେ ଏ ବାବଦରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଘଟଣାର ପ୍ରକୃତ ତଦନ୍ତ ପରେ ସରକାରୀ ଜନକଲ୍ୟାଣ ଯୋଜନାରେ ଆର୍ଥିକ କାରବାର ହୋଇଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି ।

# ସ୍ୱଚ୍ଛସାଥୀ ଓ ସୁପର ଭାଇଜର ସଂଘର ୧୦ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୨୬/୦୭ (ନି.ପ୍ର): ଓଡିଶା ସ୍ୱଚ୍ଛସାଥୀ ଓ ସୁପର ଭାଇଜର ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଏକ ୧୦ ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସଂଘର ସଭାପତି ଲକ୍ଷ୍ମୀପ୍ରିୟା ଦାସଙ୍କ ନେତୃତ୍ୱରେ ସଂପାଦକ ମମତା ସେଠୀ, ସୁପର ଭାଇଜର ମଧୁସ୍ମିତା ସିଂହ, ରୋଜାଲିନ ଦାସ, ନଳିନୀ ରାଉତରାୟ, ପୁଣ୍ୟପ୍ରଭା ଦେବନାଥ, ମନୋରମା ପୃଷ୍ଟି, ଦେବୀ ଜଗଦେବ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନଗର ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୫୯୯୩ ଓ ୬୦୦୩ ଅନୁଯାୟୀ ଘୋଷିତ ବର୍ଦ୍ଧିତ ଦରମା କୁ ତୁରନ୍ତ ପ୍ରଦାନ କରାଯାଉ । ରାଜ୍ୟର ସମସ୍ତ ପୌର ପରିଷଦ, ପୌର ନିଗମ ଓ ବିଜ୍ଞାପିତ ଅଂଚଳ ପରିଷଦ ରେ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପର ଭାଇଜରମାନଙ୍କୁ ନିୟମିତ ନିଯୁକ୍ତି କରାଯାଉ । ସ୍ୱଚ୍ଛସାଥୀ ଓ ସୁପର ଭାଇଜର ମାନଙ୍କୁ ବୀମା ଭୁକ୍ତ କରିବା ସହିତ ସାମାଜିକ ସୁରକ୍ଷା ଓ ୟୁନିଫର୍ମ ପ୍ରଦାନ କରାଯାଉ । ଅନ୍ୟ କର୍ମଚାରୀଙ୍କ ଭଳି ଇପିଏଫ୍ ଓ ଇଏସଆଇ ର ସୁବିଧା ପ୍ରଦାନ କରାଯିବା ଆଦି ୧୦ ଦଫା ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସ୍ୱପ୍ନା ସିଂହ, ଶୁଭସ୍ମିତା ନାୟକ, ସାବିତ୍ରୀ ସାହୁ, ଅଙ୍କୁର ଦାସ, ତବସୁମ ରୁହି, ସଇଦା ବିବି ପ୍ରମୁଖ ଉପସ୍ଥିତ ଥିଲେ ।

# ଅସହାୟ ଶବ ସତ୍କାର କଲା ମାଁ ମାହେଶ୍ୱରୀ ସେନା

ବଲାଙ୍ଗୀର, ୨୬/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ କୁଦୋଭଟା ଗ୍ରାମର ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଥିବା ମନୋଜ ଡାଙ୍ଗ ଆଜି ହଠାତ୍ ମୃତ୍ୟୁବରଣ କରିଥିଲେ । କିନ୍ତୁ କୌଣସି କାରଣ ବଶତଃ ତାଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିବା କାରଣରୁ ତାଙ୍କ ମର ଶରୀରକୁ କେହି ବି ଛୁଇଁବାକୁ ମନା କରୁଥିେ ଫଳରେ ଶବଟି ବହୁ ସମୟ ଧରି ପଡି ରହିତଲା । ଏହି ଦୁଃଖ ସମୟରେ ସୁରେଶ ଡାଙ୍ଗଙ୍କ ନେତୃତ୍ୱରେ ମାଁ ମାହେଶ୍ୱରୀ ସେନା ଏକ ଟିମ୍ ମନୋଜଙ୍କ ଘରକୁ ଯାଇ ମାନବିକତାର ପରିଚୟ ଦେଇ ନିଜ କାନ୍ଧରେ ଶବ ବୋହି ନିକଟସ୍ଥ ଶ୍ମଶାନରେ ସସମ୍ମାନେ ଶବସତ୍କାର କରିଥିଲେ । ଯାହା ସମାଜ ପାଇଁ ଏକ ଉଦାହରଣ ଜାତି ଧର୍ମ ନିର୍ବିଶେଷରେ ଅସହାୟ ଶବକୁ ମର୍ଯ୍ୟାଦ ସହ ଶବ ସତ୍କାର କରିବା ଆମ ସମସ୍ତଙ୍କର ମୌଳିକ କର୍ତବ୍ୟ । ମା' ମାହେଶ୍ୱରୀ ସେନା ସବୁ ସମୟରେ ବଲାଙ୍ଗିର, ବରଗଡ, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଜିଲ୍ଲାରେ ସେବା ଯୋଗେଇ ଆସୁଥିବା ବେଳେ ପ୍ରତିଦିନ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଂଚାଇବାର ଏକ ମାଧ୍ୟମ ପାଲଟିଛି । ଆଜିର ଏହି ଶବସତ୍କାର ସମୟରେ ମା' ମାହେଶ୍ୱରୀ ସେନାର ରୁକ୍ମଣ ଦନ୍ତା, ଶୁଶାନ୍ତ ମହାକୁର, ଶଙ୍କର କ୍ଷେତି, ପିଙ୍କୁ ଡାଙ୍ଗ, ରିଙ୍କୁ ଡାଙ୍ଗ, ସୁରେଶ ଡାଙ୍ଗ, ମୁକେଶ ଡାଙ୍ଗ, ରିତେଶ ଡାଙ୍ଗ, ଶିବ ଡାଙ୍ଗ, କୁଞ୍ଜବନ ଡାଙ୍ଗ, ଆୟୁଷ ଖର୍ସେଲ, ଦିଲିପ ବାଗ, ଶଙ୍କର ବାଗ, ମଧୁ ପରଭୁଏ, ସୁବ୍ରତ ଡାଙ୍ଗ, କଳିକେଶ ଡାଙ୍ଗ, ବବୁଲୁ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ଥାନାକୁ ସଂଘବଦ୍ଧ ଆକ୍ରମଣ

ଜୟପୁର, ୨୬/୦୭ (ନି.ପ୍ର): ଜୟପୁର ଅବକାରି ଥାନାକୁ ସଂଘ ବଦ୍ଧ ଆକ୍ରମଣ କରାଯାଇଛି । ଅବକାରି ଓଆଇସି ଓ କର୍ମଚାରି ଙ୍କୁ ଠେଲା ପେଲା କରିବା ସହ ଆକ୍ରମଣ ମଧ କରିଛନ୍ତି । ଏନେଇ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାଇ ୨୪ ତାରିଖ ଅପରାହ୍ନ ୨ଟାରେ ଜୟପୁର ଅବକାରି ଥାନା ରେ ଥିବା ବେଳେ ନିଳାଗୁଡା ଗ୍ରାମର ୨୦ରୁ ୨୫ ଜଣ ଗ୍ରାମବାସୀ ଅତର୍କିତ ଭାବେ ଆସି ସଂଘ ବଦ୍ଧ ଆକ୍ରମଣ କରିଛନ୍ତି । ପ୍ରଥମେ ଗେଟକୁ ଠେଲି ପଶିବା ସହ କିଛି କହିବା ପୁବରୁ ସେ ମାନେ ପାଟି ତୁଣ୍ଡ କରିବା ସହ ଇଟା ଓ ଧାରୁଆ ପଥର ଧରି ଆକ୍ରମଣ କରିଥିଲେ । ଏହା ସହ ଅବକାରି ଓଆଇସି ଓ କର୍ମଚାରିଙ୍କୁ ଠେଲା ପେଲା କରିଥିଲେ । ନିଳାଗୁଡା ରେ ପ୍ରଚୁର ପରିମାଣରେ ବିଷାକ୍ତ ଦେଶି ମଦ ପ୍ରସ୍ତୁତ କରୁଥିବା ବେଳେ ଅବକାରି ବିଭାଗ ବାର ବାର ଚଢାଉ କରିଛି । ଏହାକୁ ଆକ୍ରୋଷ କରି ସଂଘ ବଦ୍ଧ ଆକ୍ରମଣ କରିଥିଲେ । ପୁଣି ନିଳାଗୁଡାରେ ଚଢାଉ କଲେ ଜୀବନରେ ମାରି ଦେବାକୁ ଧମକ ମଧ ଦେଇଥିବା ବିଷୟ ଜୟପୁର ଅବକାରି ଥାନା ଓଆସି ନିଳାଦ୍ରି ବିହାରି ମିଶ୍ର ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜଣାଯାଇଛି ।

# ଆହତ ଗୋରୁକୁ ସେବା ଯୋଗାଇଲା ହେଲପିଙ୍ଗ ଗ୍ରୁପ

କୋରେଇ, ୨୬/୦୭ (ନି.ପ୍ର): ପଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବଜାର ଏବେ ବୁଲା ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଓଭରବ୍ରିଜ ତଳେ ଆଶ୍ରୟ ନେଇଥିବା ଏକ ବାଛୁରୀର ଗୋଡ଼ ଉପରେ ଗାଡ଼ି ଚଢ଼ିଯିବାରୁ ତାକୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଅଛି । ଆହତ ଗାଈର ଚିକିତ୍ସା ନିମନ୍ତେ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ ମାନେ ଲାଗି ପଡ଼ିଛନ୍ତି । ଉକ୍ତ ଗାଈର ସେବାରେ ଗ୍ରୁପର ଉପଦେଷ୍ଟା ଅଶୋକ ବଳ, ମେଘନାଦ ଜେନା, ହରେକୃଷ୍ଣ ସାହୁ ,ବିନାୟକ ବେହେରା, ପ୍ରସନଜିତ ପଣ୍ଡ଼ା ପ୍ରମୁଖ ସାମିଲ ହୋଇଥିଲେ ।

# ଓଜନ କମାଇବା ଲାଗି

**ଆଜିକାଲି କେତେକ ମହିଳା ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି । ଏଥିରୁ ରକ୍ଷା ପାଇବା ପାଇଁ ସେମାନେ ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଥାଆନ୍ତି। ଅପରପକ୍ଷରେ ଏଭଳି କେତେକ ଖାଦ୍ୟ ଅଛି, ଯାହାକୁ ଖାଇଲେ ଆପଣ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...**





- ପ୍ରତିଦିନ ଖାଦ୍ୟ ତାଲିକାରେ ମୁଗ ଡାଲି ସାମିଲ କରନ୍ତୁ। ଏଥିରେ ଭିଟାମିନ ଏ, ବି, ଇ କ୍ୟାଲସିୟମ, ଆଇରନ ଓ ପଟାସିୟମ ରହିଛି। ଏଥିରେ ଥିବା ଫାଇବର ଓଜନକୁ ସନ୍ତୁଳିତ ରଖିଥାଏ।

- ପାଳଙ୍ଗ ଶାଗକୁ ମଧ୍ୟ ନିଜେ ଖାଦ୍ୟରେ ସାମିଲ କରନ୍ତୁ। ପାଳଙ୍ଗରେ ଫାଇବର, ପଟାସିୟମ, ଭିଟାମିନ କେ' ମ୍ୟାଗ୍ନେସିୟମ ଏବଂ ଆଇରନ ରହିଛି, ଯାହା ଓଜନକୁ ବଢ଼ିବାକୁ ଦେଇ ନଥାଏ।

- ପ୍ରତିଦିନ ଗୋଟିଏ ସେଓ ଖାଆନ୍ତୁ। ଭୋକକୁ ନିୟନ୍ତ୍ରଣ କରିଥାଏ। ଏହା ମଧ୍ୟ ଓଜନ କମାଇବାରେ ସାହାଯ୍ୟ କରେ।

- ଫଳ ମଧ୍ୟରେ ଆପଣ କଦଳୀ ଖାଇପାରିବେ। ଏହାକୁ ଖାଇବା ପରେ ଓଜନ ବଢ଼ିବାର ଆଶଙ୍କାକୁ କିଛି ମାତ୍ରାରେ କମାଇ ହେବ।

- ସକାଳ ଜଳଖିଆରେ ଆପଣ ଅଣ୍ଡା ଖାଇପାରନ୍ତି।

-କଫିରେ ଏଭଳି ତତ୍ତ୍ୱ ରହିଛି, ଯାହା ଓଜନ କମାଇବାରେ ସହାୟକ ହୋଇଥାଏ।

- ଅଖରୋଟରେ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଇସଜନ କମାଇବାରେ ସାହାଯ୍ୟ କରିଥାଏ।



# ସନ୍ଧ୍ୟା ଚା'ରେ ଖୁବ୍ ଜମିବ ପନିର ଆଳୁ କବାବ: ଜାଣି ରଖନ୍ତୁ ପ୍ରସ୍ତୁତି ପ୍ରଣାଳୀ



ଶୀତ ଦିନିଆ ସନ୍ଧ୍ୟାରେ ଚା' କପେ ସହ କିଛି ଗରମାଗରମ, ଚଟପଟା ଖାଇବାକୁ ମିଳିଗଲେ, ତାହାର ମଜା ନିଆରା। ତେଣୁ ଫଟାଫଟ ପ୍ରସ୍ତୁତ ହୋଇ ପାରୁଥିବା ଏକ ରେସିପି ସନ୍ଧ୍ୟା ଟି ଟାଇମ୍ ସ୍ନାକ୍ସ ଭାବେ ପ୍ରସ୍ତୁତ କରିବା। ଏହି ରେସିପି ହେଉଛି ପନିର ଆଳୁ କବାବ ।

ଆବଶ୍ୟକ ସାମଗ୍ରୀ: ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କଞ୍ଚା ଲଙ୍କା, ଜୁଆଣି ଏବଂ ସେଜୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍‌କୁ ବୁଡାଇ ତେଲରେ ଛାଣିଦିଅନ୍ତି। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ଆଳୁ ପନିର କବାବ୍ ।

# ତେଲରେ ସୌନ୍ଦର୍ଯ୍ୟ

ଶୀତଦିନେ ତ୍ୱଚା ଶୁଷ୍କ ହେବା ସହ ଉଜ୍ଜ୍ୱଳତା ହରାଏ। ସେଥିପାଇଁ ଏହି ଋତୁରେ ତେଲ ମାଲିସ୍ କରିବା ଜରୁରୀ। ଅବଶ୍ୟ ତୈଳାକ୍ତ ତ୍ୱଚା ଥିବା ମହିଳା ଓ ଯୁବତୀ ଏହାକୁ ନେଇ ସାବଧାନ ହେବା ଉଚିତ। ସେମାନେ ତ୍ୱଚାରେ ତେଲ ପ୍ରୟୋଗ ହେଲେ ବ୍ରଣ ହେବାର ସମ୍ଭାବନା ରହିଛି। ବିଶୁଦ୍ଧ ନଡ଼ିଆ ତେଲ ନଖ ଉଷୁମ କରି ତ୍ୱଚାରେ ମାଲିସ କରିବା ଭଲ। ଅତି କମରେ ୫ ମିନିଟ୍ ସକାଳ ଓ ସନ୍ଧ୍ୟାରେ କଲେ ତ୍ୱଚାରେ ଚମକ ଆସେ। ଗାଧୋଇଲା ବେଳେ ବାଲଟିଏ ପାଣିରେ ୨ ଚାମଚ ନଡ଼ିଆ ତେଲ କିମ୍ବା ସୋରିଷ ତେଲ ପକାଇ ଗାଧୋଇବା ତ୍ୱଚା ପାଇଁ ଉତ୍ତମ ପ୍ରକ୍ରିୟା। ୧ ଚାମଚ ବାଦାମ ତେଲକୁ ରାତିରେ ଶୋଇବା ପୂର୍ବରୁ ମୁହଁ, ହାତ ଓ ବେକରେ ମାଲିସ୍ କରନ୍ତୁ। ଅଲିଭ ତେଲକୁ ଅତିକମ୍‌ରେ ସପ୍ତାହକୁ ଥରେ ମୁହଁର ତ୍ୱଚାରେ ମାଲିସ କରିବା ଭଲ। ଶୀତଦିନେ ଯେକୌଣସି ପ୍ୟାକ୍ ମୁହଁରେ ଲଗାଇବା ପୂର୍ବରୁ ସେଥିରେ କିଛି ବୁନ୍ଦା ଅଲିଭ ତେଲ କିମ୍ବା ବାଦାମ ତେଲ ମିଶାଇ ଲଗାନ୍ତୁ। ସୋରିଷ ତେଲକୁ ନଖ ଉଷୁମ କରି ଶରୀରରେ ମାଲିସ୍ କଲେ ତ୍ୱଚାର ଶୁଷ୍କପଣ ଦୂରହୋଇଥାଏ।



# ଭିଟାମିନ 'ଇ'ରୁ ନିମୋନିଆ !



ନିକଟରେ, ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଭିଟାମିନ ଇର ପ୍ରଭାବ ଶରୀରରେ ସମାନ ରହିନଥାଏ। ଏହା ଅଧିକ ହେଲେ ଶରୀରରେ ନିମୋନିଆର ଆଶଙ୍କା ଦେଖାଯାଇଥାଏ। ଫିନଲ୍ୟାଣ୍ଡର ୨୯,୧୩୩ଜଣ ପୁରୁଷଙ୍କୁ ନେଇ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଯେଉଁ ପୁରୁଷମାନେ ବ୍ୟାୟମ କରନ୍ତି ନାହିଁ ଓ ଧୂମପପାନ କରନ୍ତି ସେମାନଙ୍କ ଶରୀରରେ ଭିଟାମିନ ଇ ନିମୋନିଆର ଆଶଙ୍କା ୬୮ପ୍ରତିଶତ ବୃଦ୍ଧି କରିଥାଏ। ଅନ୍ୟପକ୍ଷରେ ଯେଉଁମାନେ ଧୂମପାନ କମ କରନ୍ତି ଓ ବ୍ୟାୟାମ କରନ୍ତି, ସେମାନଙ୍କ ମଧ୍ୟରେ ଭିଟାମିନ ଇର ଉପସ୍ଥିତି ନିମୋନିଆର ଆଶଙ୍କାକୁ ୬୯ ପ୍ରତିଶତ କମ କରିଥାଏ। ଫିନଲ୍ୟାଣ୍ଡର ହେଲୋସଦିଙ୍କି ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ସ୍କଲାର ହ୍ୟାରି ହମିଲା କହିଛନ୍ତି, ଭିଟାମିନ ଇର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଲୋକଙ୍କ ବିଶେଷତା ଓ ଜୀବନଶୈଳୀ ଉପରେ ନିର୍ଭର କରେ। ରିସର୍ଚ୍ଚ ଟିମ ଭିଟାମିନ ଇର ପ୍ରଭାବ ଓ ନିମୋନିଆର ଆଶଙ୍କାକୁ ନେଇ ଅନେକ ପ୍ରକାର ପରୀକ୍ଷଣ କରିଥିଲେ। ମୋଟ ୨୯,୧୩୩ ପ୍ରତିଯୋଗୀଙ୍କ ମଧ୍ୟରୁ ୮୯୮ ଲୋକଙ୍କ ମଧ୍ୟରେ ନିମୋନିଆର ଲକ୍ଷଣ ମିଳିଥିଲା। ରିସର୍ଚ୍ଚ ପେପରର ଲେଖକ ଦାବି କରିଛନ୍ତି ଯେ ଭିଟାମିନ ଇର ପ୍ରଭାବ ସମସ୍ତଙ୍କ ଉପରେ ସିମାନ ଭାବେ ପଡ଼ି ନଥାଏ। ଏ ସମ୍ବନ୍ଧରେ ବ୍ରିଟିଶ ଜର୍ଣ୍ଣାଲ ଅଫ୍ ନ୍ୟୁଟ୍ରିସନରେ ପ୍ରକାଶିତ ହୋଇଛି।

# ଛିଙ୍କକୁ ଅଟକାନ୍ତୁ ନାହିଁ: ଆଣିପାରେ ଏହି ବିପଦ

ଯଦି ଛିଙ୍କ ଆସୁଛି। ତେବେ ଏହାକୁ ଅଟକାନ୍ତୁ ନାହିଁ। ଛିଙ୍କକୁ ରୋକିବାକୁ ଚେଷ୍ଟା କଲେ ଏହା ବିପଜ୍ଜନକ ହୋଇପାରେ। ଏପରିକି ଜୀବନ ବି ଚାଲି ଯାଇପାରେ। ଛିଙ୍କ ରୋକିବାକୁ ଚେଷ୍ଟା କରି ଜଣେ ବ୍ୟକ୍ତିଙ୍କ ଶ୍ୱାସ ନଳୀରେ କଣା ହୋଇଯାଇଥିଲା। ଏହା ଏବେ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଚର୍ଚ୍ଚାର ବିଷୟ ପାଲଟିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ବିଶେଷଜ୍ଞମାନେ ଏହାକୁ ଏକ ଦୁର୍ଲଭ ତଥା



ପ୍ରଥମ ଘଟଣା ଭାବେ ଅଭିହିତ କରିଛନ୍ତି। ଲାଇଭ୍ ସାଇନ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପୀଡ଼ିତ ବ୍ୟକ୍ତି ଜଣକ ଏକ କାରରେ ଯାଉଥିବା ବେଳେ ତାଙ୍କୁ ଜ୍ୱର ହୋଇଥିଲା। ପରେ ପରେ ତାଙ୍କୁ ବାରମ୍ବାର ଛିଙ୍କ ଆସିଥିଲା। ତେବେ ଛିଙ୍କକୁ ଅଟକାଇବା ଲାଗି ସେ ନିଜର ନାକ ତଳେ ଆଙ୍ଗୁଠି ରଖିବା ସହ ମୁହଁକୁ ବନ୍ଦ କରିଦେଇଥିଲେ। ଫଳରେ ଛିଙ୍କ ଆସିଲା ବେଳେ ମୁହଁରେ ପ୍ରବଳ ଚାପ ସୃଷ୍ଟି ହୋଇ ଏହାର କୁପ୍ରଭାବ ଶ୍ୱାସ ନଳୀରେ ପଡ଼ିଥିଲା। ଆଉ ଶ୍ୱାସ ନଳୀରେ ୨ ମିଲିମିଟରର କଣା ହୋଇଯାଇଥିଲା। ତେବେ ଉକ୍ତ ବ୍ୟକ୍ତିଙ୍କ ବେକ ଦୁଇ ପଟରୁ ଫୁଲିଯିବା ସହ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଆଉ ସେଠାରେ ବିଭିନ୍ନ ପରୀକ୍ଷା ପରେ ତାଙ୍କ ଶ୍ୱାସ ନଳୀରେ କଣା ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହା ସତ୍ତ୍ୱେ ରୋଗୀ ଜଣକ ଆରାମରେ ନି ଶ୍ୱାସ ପ୍ରଶାସ ନେଇ ପାରିବା ସହ କଥା ମଧ ହୋଇପାରୁଥିଲେ। ଯଦିଓ ତାଙ୍କର କୌଣସି ଅସ୍ତ୍ରୋପଚାର କରାଯାଇ ନ ଥିଲା ଦୁଇ ଦିନ ଧରି ତାଙ୍କୁ ମେଡ଼ିକାଲ ଅବର୍ଜରଭେସନରେ ରଖାଯାଇଥିଲା। ୫ ସପ୍ତାହ ପରେ ସେ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲେ।

# ଋତୁସ୍ରାବକୁ ନିୟମିତ କରିବ କଦଳୀ ଭଣ୍ଡା



କଦଳୀ ବିଭିନ୍ନ ଗୁଣ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଜାଣନ୍ତି କି କଦଳୀ ଭଣ୍ଡା ଆମ ପାଇଁ କେତେ ମୂଲ୍ୟବାନ। ଭଣ୍ଡା କେବଳ ଦେହ ପାଇଁ ହିତକର ତା'ନୁହେଁ, କେତେକ ରୋଗ ପାଇଁ ମଧ୍ୟ ରାମବାଣ ପରି କାମ କରିଥାଏ। ଏକ ଗବେଷଣାରୁ ଜଣାପଡ଼ିଛି, କଦଳୀ ଭଣ୍ଡା ଖାଇଲେ ଶରୀରରେ ଇନସୁଲିନର ସ୍ତର ନିୟନ୍ତ୍ରିତ ରହିଥାଏ। ଭଣ୍ଡାରେ ପ୍ରଚୁର ମାତ୍ରାରେ ମ୍ୟାଗନେସିୟମ ରହିଛି, ଯାହା ଷ୍ଟ୍ରେସ ବା ମାନସିକ ଚାପକୁ କମାଇବାରେ ସାହାଯ୍ୟ କରେ। ତା' ସହିତ ମାନସିକ ଅବସାଦକୁ ବି କମ୍ କରିଥାଏ। ଏହାବ୍ୟତୀତ ଯେଉଁ ମହିଳା ବା ଝିଅମାନଙ୍କର ଋତୁସ୍ରାବଜନିତ ଅନିୟମିତତା ଦେଖାଦେଉଥିବ, ସେମାନେ ଭଣ୍ଡାକୁ ରାନ୍ଧି ଦହି ସହ ମିଶାଇ ଖାଇଲେ ଏହି ସିମସ୍ୟା ଦୂର ହୋଇପାରିବ। ଏହାକୁ ଖାଇବା ଫଳରେ ଋତୁସ୍ରାବ ନିୟମିତ ହେବା ସହ ଏହି ସମୟରେ ହେଉଥିବା ପୀଡ଼ାରୁ ମୁକ୍ତି ମିଳିପାରିବ। ରକ୍ତହୀନତାର ଶିକାର ହେଉଥିବା ମହିଳାମାନେ ଏହାକୁ ନିୟମିତ ଖାଇବା ଭଲ। ଭଣ୍ଡା ଖାଇଲେ ଶରୀରରେ ଲୋହିତ ରକ୍ତ କଣିକା (ହିମୋଗ୍ଲୋବିନ୍)ର ମାତ୍ରା ବଢ଼ିଥାଏ। ଯଦି ଆପଣ ଅମ୍ଳଜନିତ ବା ଗ୍ୟାସ ରୋଗରୁ ପୀଡ଼ିତ, ତେବେ କିଛିଦିନ ପାଇଁ ନିୟମିତ ଭଣ୍ଡା ଖାଇଲେ ଏହି ରୋଗକୁ ଦୂରେଇ ପାରିବେ।

# କେବଳ ନନଭେଜ୍ ନୁହେଁ, ଏହି ସବୁ ଭେଜ୍ ଖାଦ୍ୟରୁ ବି ମିଳିଥାଏ ପ୍ରୋଟିନ୍

**ଶରୀରରକୁ ଶକ୍ତି ଯୋଗାଇବା ପାଇଁ ପ୍ରୋଟିନ୍ ନିହାତି ଜରୁରୀ। ଏଥିରୁ ପ୍ରଚୁର ଆମିନୋ ଏସିଡ୍ ମିଳିଥାଏ। ପିଲାମାନଙ୍କର ବୃଦ୍ଧି ଏବଂ ଫିଟନେସ୍ ବଜାୟ ରଖିବା ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖାଦ୍ୟରେ ପ୍ରାୟ ୧୫ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। କିନ୍ତୁ ଆମ ପରିବର୍ତ୍ତିତ ଜୀବନଶୈଳୀ ଏପରି ଖାଦ୍ୟ ଆହାରଣ କରୁଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅନୁପଯୁକ୍ତ। ଏସବୁ ଖାଦ୍ୟରୁ ବର୍ତ୍ତି ରହିବା ସହ କେଉଁ ସବୁ ଖାଦ୍ୟ ଗ୍ରହଣ କରି ଶରୀରର ପ୍ରୋଟିନ୍ ଆବଶ୍ୟକତାକୁ ପୂରଣ କରିପାରିବେ, ଜାଣନ୍ତୁ...**



ପ୍ରୋଟିନ୍ କଥା କହିଲେ ଅଧିକାଂଶ ଲୋକ ପ୍ରଥମେ ଅଣଶାକାହାରୀ ବା ନନଭେଜ୍ ଖାଦ୍ୟ ବାଛନ୍ତି। କିନ୍ତୁ ଜାଣନ୍ତି କି, ଏପରି ଅନେକ ଶାକାହାରୀ ଖାଦ୍ୟ ରହିଛି, ଯାହା ଶରୀରକୁ ପ୍ରୋଟିନ୍ ଅଭାବରୁ ରକ୍ଷା କରିପାରିବ। ନିମ୍ନରେ ଏହିପରି କେତେକ ଶାକାହାରୀ ଖାଦ୍ୟ ବାବଦରେ ଆଲୋଚନା କରାଯାଇଛି...

କ୍ଷୀର- ପ୍ରୋଟିନ୍ ଅଭାବକୁ ପୂରଣ କରିବା ପାଇଁ ଖାଦ୍ୟରେ କ୍ଷୀର ନିହାତି ଜରୁରୀ। ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ପ୍ରୋଟିନ୍ ଅଭାବ ଦୂର ହୋଇପାରିବ। କାରଣ ୧୦୦ ଗ୍ରାମ କ୍ଷୀରରେ ପ୍ରାୟ ୩.୬ ଗ୍ରାମ ପ୍ରୋଟିନ୍ ମିଳିଥାଏ।

ସୋୟାବିନ୍- ପ୍ରୋଟିନର ଶାକାହାରୀ ଉତ୍ସ ମଧ୍ୟରେ ସୋୟାବିନ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଜଣେ ବ୍ୟକ୍ତି କେବଳ ସୋୟାବିନରୁ ଦୈନିକ ପ୍ରୋଟିନ୍ ଆବଶ୍ୟକତାକୁ ପୂରଣ କରିପାରିବେ।

ପନିର- ପନିରରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ରହିଥାଏ। ନିୟମିତ ପନିର୍ ଖାଇବା ଫଳରେ ଶରୀରକୁ ଆବଶ୍ୟକୀୟ ପ୍ରୋଟିନ୍ ଯୋଗାଇବା ସହଜ।

ଡାଲି- ଦୈନନ୍ଦିନ ଖାଦ୍ୟରେ ନିହାତି ଭାବରେ ଡାଲି ଅନ୍ତର୍ଭୂକ୍ତ କରନ୍ତୁ। ଡାଲି ଖାଇବା ଦ୍ୱାରା ଶରୀରର ପ୍ରୋଟିନ୍ ଅଭାବ ପୂରଣ ହୋଇପାରେ। ସମସ୍ତ ପ୍ରକାର ଡାଲିରେ ପ୍ରଚୁର ପରିମାଣର ପ୍ରୋଟିନ୍ ଥାଏ। ପିଲାମାନଙ୍କ ଖାଦ୍ୟରେ ନିହାତି ଭାବେ ଡାଲି ଯୋଗ କରନ୍ତୁ।

ଡ୍ରାଏ ଫ୍ରୁଟ୍ସ- ପ୍ରୋଟିନ୍ ଆବଶ୍ୟକତା ପାଇଁ ଡ୍ରାଏ ଫ୍ରୁଟ୍ସ ଏକ ଭଲ ବିକଳ୍ପ। କାଜୁ ଏବଂ ଆଲମୋଣ୍ଡରେ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ୍ ଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂରକ୍ଷଣ ପ୍ରସଙ୍ଗରେ ବାଂଲାଦେଶରୁ ଶିକ୍ଷା...

ପଡ଼ୋଶୀ ବାଂଲାଦେଶରେ ଚାଲିଥିବା ସଂରକ୍ଷଣ ବିରୋଧୀ ହିଂସ୍ର ଆନ୍ଦୋଳନ ଦେଶର ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ଥଣ୍ଡା ପଡ଼ିଛି। ମାତ୍ର ଏହି ସଂରକ୍ଷଣ ବିରୋଧୀ ଗଣଆନ୍ଦୋଳନରେ ପ୍ରାୟ ୧୫୦ ଜଣ ନିହତ ହୋଇଥିବା ବେଳେ ସହସ୍ରାଧିକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କ ଦ୍ୱାରା ବହୁ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ବାଂଲାଦେଶ ଏକ ମୁସଲିମ୍ ଦେଶ। ସେଠାରେ ଭାରତ ଭଳି ଜାତି ବା ବର୍ଣ୍ଣ ବ୍ୟବସ୍ଥାରେ ପ୍ରାଧାନ୍ୟ ନାହିଁ। ତେଣୁ ସରକାରୀ ଚାକିରି ଓ ପାଠପଢ଼ା ଆଦିରେ କୋଟା ବ୍ୟବସ୍ଥା ବାଂଲାଦେଶ ଗଠନ କାଳରୁ ମୁଖ୍ୟତଃ ଆଦିମ ଅଧିବାସୀ, ସଂଖ୍ୟାଲଘୁ ଓ ଶାରୀରିକ ଅକ୍ଷମଙ୍କ ପାଇଁ ୭ ଶତାଂଶରେ ସୀମିତ ଥିଲା। ଗୋଟିଏ ସମାଜ ଓ ରାଷ୍ଟ୍ରରେ ୭ ଭାଗ ପର୍ଯ୍ୟନ୍ତ କୋଟା ବା ସଂରକ୍ଷଣ ବ୍ୟବସ୍ଥା ଗ୍ରହଣୀୟ ଏବଂ ଏହାକୁ ନେଇ ସଂଖ୍ୟା ଗରିଷ୍ଠଙ୍କ ଆପତ୍ତି ବିଶେଷ ନ ଥାଏ। ଶେଖ ହସିନାଙ୍କ 'ଅୱାମି ଲିଗ୍' କ୍ଷମତାକୁ ଆସିବା ପରଠାରୁ ଦେଶର ସରକାରୀ ଚାକିରି, ପାଠପଢ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଧୀରେ ଧୀରେ ସ୍ଥାନ ସଂରକ୍ଷଣ ହାର ବଢ଼ିବାରେ ଲାଗିଥିଲା। ସେଥିରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାଗ ନେଇଥିବା ବ୍ୟକ୍ତିଙ୍କ ଦାୟାଦମାନଙ୍କ ପାଇଁ ୩୦ ଶତାଂଶ, ମୁକ୍ତି ଯୁଦ୍ଧବେଳେ ନିର୍ଯାତନା ଓ କଷଣର ସମ୍ମୁଖୀନ ହୋଇଥିବା ମହିଳାଙ୍କ ପାଇଁ ୧୦ ଶତାଂଶ, ଅନଗ୍ରସର ଜିଲ୍ଲାର ପ୍ରାର୍ଥୀଙ୍କ ପାଇଁ ୪୦ ଶତାଂଶ ଏମିତି ମିଶାଇ ସଂରକ୍ଷିତ ତାଲିକା ୮୭ ଶତାଂଶରେ ପହଞ୍ଚିବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୧୩ ଶତାଂଶ ସ୍ଥାନ ଉନ୍ମୁକ୍ତ ଥିଲା। ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି କ୍ଷମତାକୁ ଆସିବା ପରେ ମୁକ୍ତି ସଂଗ୍ରାମୀ ଓ ମୁକ୍ତି ସଂଗ୍ରାମୀ ମହିଳାଙ୍କ ଉତ୍ତରାଧିକାରୀଙ୍କ ନିମନ୍ତେ ସରକାରୀ ଚାକିରିରେ ଉଦ୍ଦିଷ୍ଟ ଥିବା କୋଟାକୁ ଉଚ୍ଛେଦ କରିଦେଇଥିଲେ। ମୁକ୍ତି ସଂଗ୍ରାମର ତିନିଦଶନ୍ଧି ପରେ ଏଭଳି ସଂରକ୍ଷଣର ଆବଶ୍ୟକତା ନଥିବା ଖାଲିଦା ଜିଆଙ୍କ ଦଳ ବିଏନ୍‌ପି ଯେଉଁ ଯୁକ୍ତି ଉପସ୍ଥାପନ କରିଥିଲା ତାହା ପଛରେ ରହିଥିଲା ଅଧିକ ଜନସମର୍ଥନ। ଆର୍ଥିକ ଦୃଷ୍ଟିରୁ ଗରିବ ବାଂଲାଦେଶର ମେଧାବୀ ପିଲାଏ ପାଠପଢ଼ା ଓ ନିଯୁକ୍ତିରେ ବ୍ୟାପକ ସଂରକ୍ଷଣର ପ୍ରତିବନ୍ଧକକୁ ହଟାଇବାକୁ ଚାହୁଁଥିଲେ ଏବଂ ଏହା ବିଭିନ୍ନ ଦୃଷ୍ଟିରୁ ଉଚିତ ମନେ ହେଉଥିଲା। ତେବେ ହସିନା ସରକାର କ୍ଷମତାସୀନ ହେବା ପରେ ପୁନର୍ବାର ସ୍ୱାଧୀନତା ସଂଗ୍ରାମୀ କୋଟାକୁ ଲାଗୁ କରିବାକୁ ଚେଷ୍ଟା କରିଥିଲେ। ଚଳିତବର୍ଷ ଜୁନ୍ ୫ ତାରିଖରେ ଦେଶର ଏକ ହାଇକୋର୍ଟ ମୁକ୍ତି ସଂଗ୍ରାମୀଙ୍କ ବଂଶଧରଙ୍କ ପାଇଁ ୩୦ ଶତାଂଶ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଫଳରେ ଛାତ୍ର ଓ ଯୁବ ସମାଜ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ବିପୁଳ ଜନମତରେ ବଳୀୟାନ ହସିନା ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଚାହିଁବାରୁ ବିରୋଧୀ ବିଏନ୍‌ପି ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଲା। କହିବା ବାହୁଲ୍ୟ ଯେ ଯେ କୌଣସି ଆନ୍ଦୋଳନ ବିରୋଧୀଦଳଙ୍କ ସମର୍ଥନ ବିନା ଆଗେଇ ପାରେନାହିଁ। ସରକାରୀ ସ୍ୱେଚ୍ଛାଚାର ଓ ଅହଙ୍କାର ସ୍ଥିତିକୁ ଅଧିକ ବିଗାଡ଼ିଦିଏ। ଫଳସ୍ୱରୂପ ଏହାକୁ ନେଇ ସେଠାରେ ଯେଉଁ ରାଜନୈତିକ ବଳ କଷା କଷି ଓ ବିରୋଧ ହେଲା, ତାହା ହସିନା ସରକାରଙ୍କ ପାଇଁ ଏକ ବିପଦ ସୃଷ୍ଟି କରିଥିଲା। ଶେଷରେ ଦେଶର ସୁପ୍ରିମକୋର୍ଟ ମାମଲାରେ ହସ୍ତକ୍ଷେପ କରି ରାୟ ଦେଲେ ଯେ ସବୁ ପୁରୁଣା ଓ ପ୍ରଚଳିତ କୋଟା ବ୍ୟବସ୍ଥା ରଦ୍ଦ ହେବ ଏବଂ ମେଧାବୀଙ୍କ ପାଇଁ ୯୩ ଶତାଂଶ ପଦ ନିଯୁକ୍ତିରେ ଉନ୍ମୁକ୍ତ ରହିବ। ଅବଶିଷ୍ଟ ୭ ପ୍ରତିଶତ ମୁକ୍ତି ସଂଗ୍ରାମୀଙ୍କ ପରିବାର (୫%) ଓ ଅନ୍ୟମାନଙ୍କ ପାଇଁ (୨%)ସଂରକ୍ଷିତ ରହିବ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବାଂଲାଦେଶରେ ଦଙ୍ଗା, ହରତାଳ ଓ ଆନ୍ଦୋଳନ ଥଣ୍ଡା ପଡ଼ିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଦେଶବାସୀ ସ୍ୱାଗତ କରିଛନ୍ତି। ହସିନା ସରକାରର ଏହାକୁ ଏକ ନୈତିକ ଓ ଆଇନଗତ ପରାଜୟ ରୂପେ ଅଭିହିତ କରାଯାଇପାରେ। ସେ ଘଟଣାରୁ ଏତିକି ଶିକ୍ଷା ମିଳିଛି ଯେ ଅବିଚାରିତ ସରକାରୀ ବା ରାଜନୈତିକ ନିଷ୍ପତ୍ତିକୁ ନ୍ୟାୟପାଳିକା ରୋକିବା ସହିତ ସଂଖ୍ୟାଧିକ ନାଗରିକଙ୍କ ସ୍ୱାର୍ଥ ସୁରକ୍ଷିତ କରିପାରିବ। ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗରେ ନ୍ୟାୟପାଳିକା ସ୍ୱାଧୀନଭାବେ କାମ କରି ବିଧାନପାଳିକା ଓ କାର୍ଯ୍ୟପାଳିକାର କାର୍ଯ୍ୟକୁ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ନେଇପାରିବ। ପଡ଼ୋଶୀ ବାଂଲାଦେଶଠାରୁ ଭାରତ ଏହି ଘଟଣାରୁ କ'ଣ ଶିଖିବା ଉଚିତ ସେ ଦେଶର ଆର୍ଥିକ ଓ ସାମାଜିକ ଅବସ୍ଥାଠାରୁ ଭାରତର ସାମାଜିକ ଓ ଆର୍ଥିକ ସ୍ଥିତି ଭିନ୍ନ ନିଶ୍ଚୟ। ଆମେ ୧୯୪୭ରେ ଏବଂ ଆମ ସହାୟତାରେ ବାଂଲାଦେଶ ୧୯୭୫ରେ ସ୍ୱାଧୀନ ହେଲା। ସଂରକ୍ଷଣ ପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ଆମେ ବଢ଼ାଇ ୧୦ ବର୍ଷ ସ୍ଥାନରେ ଏ ଯାବତ ଚଳାଇ ଆସିଛୁ ଏବଂ ଏଥିରେ ସମୟକ୍ରମେ ନୂଆ ଜାତି, ବର୍ଗ ଓ ସମ୍ପ୍ରଦାୟ ସାମିଲ ହେଉଛନ୍ତି। ଆମର ମଧ କୋଟା ଭିତ୍ତିରେ କୋଟା ବ୍ୟବସ୍ଥା ପ୍ରଚଳିତ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆମ ଦେଶର ବିଭିନ୍ନ ରାଜ୍ୟରେ ସଂରକ୍ଷଣ ସୀମା ସର୍ବୋଚ୍ଚ ୫୦ ଭାଗରୁ ଅଧିକ। ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଭାରତ ଦେଖିଛି ଓ ଏହାର ଭୟାବହତା ଅନୁଭବ କରିଛି। ତେବେ ଏହା ବାଂଲାଦେଶ ଭଳି ସ୍ଥିତି ସୃଷ୍ଟି କରିନାହିଁ। ଭାରତକୁ ତାହାର କୋଟା ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଏଥିପାଇଁ ସୁପ୍ରିମକୋର୍ଟଙ୍କୁ ମଧ ସତର୍କ ରହିବାକୁ ହେବ। ସରକାର ସ୍ୱେଚ୍ଛାଚାରୀ ହେଲେ ଏବଂ କୋର୍ଟ ଏକ ରାଜନୈତିକ ଖେଳନା ପାଲଟିଲେ ତୃତୀୟପକ୍ଷ ଏହାର ସୁଯୋଗ ନେଇଥାନ୍ତି। ତା' ପୂର୍ବରୁ ସରକାରମାନଙ୍କୁ ସତର୍କ ରହିବାକୁ ହେବ।

## କେନ୍ଦ୍ରୀୟ ବଜେଟ



### ସୌଭାଗ୍ୟ ରଂଜନ ମହାନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିରେ ପ୍ରଥମ ତଥା ୨୦୨୪-୨୫ ଆର୍ଥୀକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତରମଣ ୪୮.୨୧ ଲକ୍ଷ କୋଟି ଟଙ୍କାର ସାଧାରଣ ବଜେଟ ପାର୍ଲିଆମେଂଟରେ ଉପସ୍ଥାପନ କରିଛନ୍ତି। ବଜେଟରେ ନିଯୁକ୍ତି, ଦକ୍ଷତା ବିକାଶ ଓ ଶିକ୍ଷକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି, ଯାହାକି ସାଧାରଣତଃ ଶ୍ରମ ବା ଶ୍ରମିକ କୈନ୍ଦ୍ରୀକ। ଅର୍ଥମନ୍ତ୍ରୀ ଏଥର ବଜେଟରେ ନିଯୁକ୍ତି ଓ ଜୀବନଜୀବିକା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି, ଯାହା ବଜେଟ ସଂକେତ ପ୍ରଦାନ କରେ। ଏହା ନିସନ୍ଦେହ ଯେ, ଦେଶରେ ବେକାରୀ, ରୋଜଗାରୀ ବୃଦ୍ଧି ନେଇ ବିରୋଧି ଦଳଗୁଡ଼ିକ ଦୀର୍ଘ ୧୦ବର୍ଷ ଧରି ତୁଷିତୋଫାନ କରି ଆସୁଥିଲେ ମଧ ସରକାରୀ ଏହାକୁ ଗ୍ରହଣ କରିବାକୁ ନାରାଜ ଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ସନ୍ଦେଶକୁ ବିଜେପି ଭଲ ଭାବେ ହୃଦୟଙ୍ଗମ କରିପାରିଥିବା ତୃତୀୟ ପାଳିର ପ୍ରଥମ ବଜେଟ ହେଉଛି ଏହାର ପ୍ରମାଣ ବୋଲି କୁହାଯାଇପାରିବ। ତେବେ କେବଳ ଲୋକସଭାରେ ସଂଖ୍ୟା ହ୍ରାସ ନୁହେଁ, ଆଗକୁ ତଥା ଚଳିତ ବର୍ଷର ଶେଷ ସୁଦ୍ଧା ତିନୋଟି ରାଜ୍ୟ ମହାରାଷ୍ଟ୍ର, ହରିଆନା ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖିଛନ୍ତି, ଯେଉଁଠି କି ଦଳର ସ୍ଥିତି ଦୁର୍ବଳ ରହିଛି। କହିବା ବାହୁଲ୍ୟ ଯେ, ପ୍ରଥମ ଦୁଇଟି ପାଳି ସରକାରରେ ଭିତିଭୂମି ବିକାଶ ଓ ଜନକଲ୍ୟାଣକାରୀ ଯୋଜନାରେ ପୁଂଜିନିବେଶ ସରକାରଙ୍କ ଅର୍ଥନୀତିର ମୂଳଦୁଆ ହୋଇଥିଲା ବେଳେ ଏଥର ବଜେଟ ନୂଆ ମୋଡ ନେଇଥିବା ଦେଖାଯାଏ। ଯାହାକି ନିଯୁକ୍ତି, ଦକ୍ଷତା ବିକାଶ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହା ନିଯୁକ୍ତି ଓ ଆତ୍ମନିଯୁକ୍ତି ଭିତିକ। ଏଥିପାଇଁ ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଂଚଟି ଯୋଜନାର ପ୍ୟାକେଜ ସୃଷ୍ଟି କରାଯାଇଛି। ଏଥିରେ ୪.୧କୋଟି ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି, ନୂଆ କର୍ମଚାରୀ ଓ ନିଯୁକ୍ତିଦାତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଦେଶର ପ୍ରମୁଖ ୫୦୦ କମ୍ପାନୀରେ ୧କୋଟି ଯୁବକଯୁବତୀ ମାସିକ ୫ହଜାର ଟଙ୍କା ପ୍ରଶିକ୍ଷଣ ଭତା ପ୍ରଦାନ କରି ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାର ଓ ଶିଳ୍ପ ସଂସ୍ଥାର ସହଯୋଗରେ ୫ବର୍ଷରେ ୨୦ଲକ୍ଷ ଯୁବକ ଯୁବତୀଙ୍କୁ ଦକ୍ଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ବୃହତ ପଂଜିକୃତ ସଂସ୍ଥାରେ ନବନିଯୁକ୍ତ କର୍ମଚାରୀ ଯେଉଁମାନେ ଇପିଏଫଓର ସଦସ୍ୟ ହୋଇଥିବେ, ସେମାନଙ୍କୁ ଗୋଟିଏ ମାସର ଅତିରିକ୍ତ ଦରମା ମିଳିବ। ଆହୁରି ମଧ ଅନ୍ୟ ଏକ ଯୋଜନାରେ ଉଭୟ ନିଯୁକ୍ତିଦାତା ଓ ନବନିଯୁକ୍ତଙ୍କୁ ପ୍ରଥମ ଚାରିବର୍ଷ ପର୍ଯ୍ୟନ୍ତ ଇପିଏଫଓରେ ଯୋଗଦାନ ଅନୁଯାୟୀ କେନ୍ଦ୍ର ସରକାର ପ୍ରୋତ୍ସାହନ ରାଶି ଦେବେ। ଏହା ବ୍ୟତୀତ ଉଚ୍ଚଶିକ୍ଷା ପାଇଁ ମେଧାବୀଙ୍କୁ ୧୦ଲକ୍ଷ ଟଙ୍କା ଋଣ ଯୋଗାଇ ଦେବାକୁ ବଜେଟରେ ବ୍ୟବସ୍ଥା ହୋଇଛି। ଏହି ଯୋଜନା ସବୁ ନିଶ୍ଚିତ ଭାବେ ନିଯୁକ୍ତିଭିତିକ। ତେବେ ଯୋଜନାଗୁଡ଼ିକ ଫଳପ୍ରଦ ହୋଇପାରିବ, ଯେତେବେଳେ ନିଯୁକ୍ତିଦାତା ଅଧିକ ସଂଖ୍ୟାରେ ନିଯୁକ୍ତି ପ୍ରଦାନ କରିବେ। ଏହା ନିସନ୍ଦେହ ଉଦ୍ଦିଷ୍ଟ। ତେବେ ବାସ୍ତବ ଚ୍ୟାଲେଞ୍ଜ ହେଉଛି ଶ୍ରମ ସେକ୍ଟରରେ ଘରୋଇ ପୁଞ୍ଜି ନିବେଶ ବୃଦ୍ଧି ପାଉନଥିବାରୁ ଏଭଳି ଲକ୍ଷ୍ୟ କେତେଦୂର ସଫଳ ହେବ ଭବିଷ୍ୟତ ହିଁ କହିବ। ବେତନଭୋଗୀ କର୍ମଚାରୀଙ୍କ ଆୟକର ସୀମା ଅପରିବର୍ତିତ ରହିଥିବାବେଳେ ନୂଆ ଟିକସ ବ୍ୟବସ୍ଥାରେ କେତେକ ପରିବର୍ତନ କରାଯାଇଛି। ବେତନଭୋଗୀ କର୍ମଚାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ହଜାରରୁ ୭୫ ହଜାରକୁ ବୃଦ୍ଧି କରାଯାଇଛି। ପେନସନ ଭୋଗୀଙ୍କ ପାରିବାରିକ ଭତା ଛାଡ ୧୫ହଜାରରୁ ୨୫ହଜାରକୁ ବୃଦ୍ଧି କରାଯାଇଥିବାବେଳେ ବେତନଭୋଗୀ କର୍ମଚାରୀ ୧୭,୫୦୦ଟଙ୍କା ପର୍ଯ୍ୟନ୍ତ ଆୟକର ସଂଚୟ କରିପାରିବେ। ଅନ୍ୟପକ୍ଷରେ ବଜେଟରେ ମଧ୍ୟବିତ ବର୍ଗ ଉପେକ୍ଷିତ ହୋଇଥିବା ମନେହୁଏ। ଦେଶର ମୋଟ ଜନସଂଖ୍ୟାର ୩୧ପ୍ରତିଶତ ମଧ୍ୟମବର୍ଗ ହୋଇଥିବାବେଳେ ବଜେଟରେ ସେମାନଙ୍କ ପାଇଁ ସେଭଳି କୌଣସି ଆଖିଦୃଶିଆ ବ୍ୟବସ୍ଥା କରାଯାଇନାହିଁ। ଅଥଚ ଦେଶରେ ସେମାନେ ଉଭୟ ଆୟ ଓ ବ୍ୟୟ ଉପରେ ସର୍ବାଧିକ କରଦାତା ଭାବେ ପରିଚିତ। ତେବେ ସବୁଠୁ ବଡ କୌତୁହଳ ପ୍ରସଙ୍ଗ ହେଉଛି ବଜେଟରେ ମେଂଟ ପ୍ରତିଫଳିତ ହୋଇଛି। କ୍ଷମତାସୀନ ଏନଡିଏରେ ବିଜେପିର ସବୁଠାରୁ ବଡ ଅଂଶୀଦାର ଦଳ ହେଉଛନ୍ତି ବିହାରର ଜେଡିୟୁଓ ଆନ୍ଧ୍ରର ଡିଟିପି। ବଜେଟରେ ସରକାର ଉଭୟ ବିହାର ଓ ଆନ୍ଧ୍ର ପାଇଁ ଭଣ୍ଡାର ଖୋଲି ଦେଇଛନ୍ତି। ଉଭୟ ଦଳ ରାଜ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟପାହ୍ୟ ଦାବି କରିଥିବାବେଳେ ସରକାର ଭଣ୍ଡାର ଖୋଲି ସେମାନଙ୍କୁ ସନ୍ତୁଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷରେ ଅଣ ବିଜେପି ଶାସିତ ରାଜ୍ୟଗୁଡ଼ିକ ବଜେଟ ବ୍ୟୟ ବ୍ୟବସ୍ଥାରେ ଉପେକ୍ଷିତ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରାଯାଇନପାରେ। କେନ୍ଦ୍ରୀୟ ବଜେଟରେ ଓଡିଶାକୁ ନିରାଶ ହେବାକୁ ପଡିଛି ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ। ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ୨୧ଟି ଆସନରୁ ୨୦ଟିରେ ବିଜେପି ବିଜୟୀ ହୋଇଥିବାବେଳେ ପ୍ରଥମ ଥର ପାଇଁ ସରକାର ଗଠନ କରିଛି। ଏହା ନିସନ୍ଦେହ ଯେ, କେନ୍ଦ୍ରରେ ତୃତୀୟ ଥର କ୍ଷମତାସୀନ ହେବାରେ ଓଡିଶାର ବୃହତ ଯୋଗଦାନ ରହିଛି। ରାଜ୍ୟର ବିକାଶ ପାଇଁ ଡବଲ ଇଂଜିନ ସରକାରର ଦ୍ୱାହି ଦେଇଥିବାବେଳେ ବଜେଟରେ ରାଜ୍ୟବାସୀ ବହୁତ କିଛି ଅର୍ଥାତ ସ୍ୱତନ୍ତ୍ର ଆର୍ଥୀକ ପ୍ୟାକେଜ ଆଶା କରିଥିଲେ। କିନ୍ତୁ ସେପରି କିଛି ନାହିଁ। ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିଶ୍ୱସ୍ତରୀୟ ବିକାଶ ଲାଗି ବିଜେପିରେ ପ୍ରସ୍ତାବ ରହିଛି। ସତ କିନ୍ତୁ ସ୍ୱଷ୍ଟ ନୁହେଁ। ଆହୁରି ମଧ ବହୁ ଚର୍ଚ୍ଚିତ ପୋଲଭରମ ପ୍ରକଳ୍ପକୁ ରାଜ୍ୟ ବିରୋଧ କରି ଆସୁଥିବାବେଳେ ଏହି ଦାବିକୁ ଅଣଦେଖା କରି କେନ୍ଦ୍ର ସରକାର ପ୍ରକଳ୍ପ ନିର୍ମାଣ ଶେଷ କରିବା ପାଇଁ ଭଣ୍ଡାର ଖୋଲି ଦେଇଛନ୍ତି। ଯାହାକି ବଜେଟ ବ୍ୟବସ୍ଥାରେ ରାଜ୍ୟବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର ତଥା ହେୟଭାବ ବୋଲି କହିଲେ ଭୁଲ ହୋଇନପାରେ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯


## କୃଷି ଏବଂ ଜଳସେଚନ ବିଭାଗର ବୈମାତୃକ ଭାବ ତଥା ଦର ଦାମ ବୃଦ୍ଧି



### ବିଷ୍ଣୁ ପ୍ରସାଦ ଦାସ

ଆମେ ପ୍ରତିଦିନ ବ୍ୟବହାର କରୁଥିବା ପଦାର୍ଥ ଯଥା : ଖାଦ୍ୟପେୟ, ପନିପରିବା, କ୍ଷୀର, ମାଛ, ମାଂସ, ଅଣ୍ଡା, ମନୋହରୀ, ତେଜରାତି ସାମଗ୍ରୀ ଇତ୍ୟାଦି ଆମ ପାଖରେ ପହଞ୍ଚିବା ପାଇଁ କେତୋଟି ସୋପାନ ଦେଇ ଆସି ଥାଏ, ଅତି ସରଳ ଭାବରେ କହିଲେ ସେହି ସୋପାନ ଗୁଡିକ ହେଲା :- ଉତ୍ପାଦକ - ହୋଲ୍ ସେଲର୍ - ପରିବହନ କାରୀ - ବିକ୍ରେତା - କ୍ରେତା । ଆମେ ହେଲୁ କ୍ରେତା, ଉତ୍ପାଦନକାରୀଙ୍କ ଠାରୁ ଆମ ପାଖକୁ ସାମଗ୍ରୀ ପହଞ୍ଚିବା ବେଳକୁ ତିନିରୁ ଅଧିକ ହାତ ହୋଇ ଆସି ଥାଏ ଏବଂ ଏହି ତିନି ହାତ ତାଙ୍କର ମୁନାଫା ବା ପାରିଶ୍ରମିକ /ଲାଭ ରଖିବା ସ୍ୱାଭାବିକ କଥା । ଓଡିଶା ପ୍ରଦେଶକୁ ଭାରତର ଅନ୍ୟ ପ୍ରଦେଶରୁ ଆମଦାନୀ ହେଉଥିବା ପନିପରିବା ପ୍ରଦେଶର ଚାହିଦା ମେଣ୍ଟାଇ ଥାଏ । ସାଧାରଣ ଜନତା / କ୍ରେତା ତ'ଆଉ ସିଧାସଳଖ ଉତ୍ପାଦକଙ୍କ ଠାରୁ ଆଣି ପାରିବେ ନାହିଁ ତେଣୁ ମଧ୍ୟସ୍ଥି ମାନେ ନିଜ କାର୍ଯ୍ୟ କରି ନିଜର ପାଉଣା ସହିତ ସମୟ ଅସମୟ ଦେଖି ଏପରି କିଛି ହୀନ ଚକ୍ରବ୍ୟୂହ ରଚନା କରନ୍ତି ଯେ, ସେଇ ପଦାର୍ଥ ଟି' ମୂଳ ଦର ଠାରୁ ଅନେକ ଗୁଣ ଅଧିକ ହୋଇ ଗ୍ରାହକଙ୍କ ନିକଟରେ ପହଞ୍ଚେ ଏବଂ ଗ୍ରାହକ କାନମୁଣ୍ଡା ଆଉଁସି ବାଧ ହୋଇ କିଣି ଥାଏ । ମଧ୍ୟସ୍ଥି ବିତରଣ ପ୍ରଣାଳୀ ବା ସପ୍ଲାଇ ଚେନ୍ କୁ ଚତୁରତାର ସହ ମୋଡ଼ି ଦିଅନ୍ତି ଯାହା ଫଳରେ ଉତ୍ପାଦନ ହେଉଥିବା ସ୍ଥାନରୁ ପରିବହନ ଜନିତ ବିଳମ୍ବ ବା ଅନ୍ୟ କିଛି କାରଣ ଜନିତ ମାଲ୍ ଠିକ୍ ସମୟରେ କ୍ରେତା ପାଖରେ ପହଞ୍ଚି ପାରେ ନାହିଁ । ଯେଉଁଠି ଚାହିଦା ଅଧିକ ଆଉ ଯୋଗାଣ କମ୍ ଥାଏ ସେଠି ନିଶ୍ଚିତ ଭାବେ ଦର ବଢିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ, ଏହି ଦର ବୃଦ୍ଧି ଗ୍ରାହକର ଚାହିଦା ଉପରେ ନିର୍ଭର କରେ ଫଳରେ ଦ୍ରବ୍ୟର ମୂଲ୍ୟ ୧୦ ପ୍ରତିଶତ ରୁ ଆରମ୍ଭ କରି ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବଢି ଯିବାର ବି ନଜିର ଅଛି ...ଏଇ ଯେମିତି ଟମାଟୋ /ବିଲାତି କିଲୋ ପିଛା ୨୦ ଟଙ୍କାରେ ମିଳୁଥିଲା ପରବର୍ତୀ ସମୟରେ ୬୦ ରୁ ଆରମ୍ଭ କରି ୧୦୦ ଟଙ୍କା ଅତିକ୍ରମ କରିଛି, ବିଭାଗୀୟ ଧର ପଗଡ଼ ହେଲେ କିଲୋ ପିଛା ୧୦ / ୨୦ ଟଙ୍କା କମି ଯାଉଛି । ତଥାପି କ୍ରେତା କିଣୁଛନ୍ତି ଏବଂ ଖାଉଛନ୍ତି, ଏହି ପ୍ରକ୍ରିୟା ମଧ୍ୟସ୍ଥି ଓ ବିକ୍ରେତା ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇ ଥାଏ, ଏଠାରେ ଯଦି କ୍ରେତା ନିଜର ବୁଦ୍ଧି ପ୍ରୟୋଗ କରି ସେହି ପଦାର୍ଥ ଟିକୁ ନ କିଣିବ ବା ଆବଶ୍ୟକତା ଠାରୁ କମ୍ କିଣି କାର୍ଯ୍ୟ ଚଳାଇ ଦେଇ ପାରିବ ତେବେ ବିକ୍ରେତା ବାଧ ହୋଇ ଦର କମାଇବ ନଚେତ୍ ବିଲାତି ପରି ଶୀଘ୍ର ପଚି ସଢ଼ି ଯାଉଥିବା ସାମଗ୍ରୀ ଖୁବ୍ ଶୀଘ୍ର ନଷ୍ଟ ହୋଇ ଗଲେ ବ୍ୟବସାୟୀର ମୂଳ ଧନ ମଧ ସ୍ୱାହା ହୋଇ ଯିବ । ଗଣ ମାଧ୍ୟମ ବାରମ୍ବାର ପନିପରିବା ତଥା ଅତ୍ୟାବଶ୍ୟକ ପଦାର୍ଥର ଦର ବୃଦ୍ଧି ବିଷୟ ପ୍ରଚାର କରିବା ଦ୍ୱାରା କ୍ରେତା ବିକଳ ହୋଇ ଆବଶ୍ୟକତା ଠାରୁ ଅଧିକ କ୍ରୟ କରୁଛି ବା ନିଜର ଖାଦ୍ୟ ମେନୁ/ସୂଚୀ କୁ ବଦଳାଇ ପାରୁନାହିଁ, ଯାହାକି ମୁନାଫା ଖୋର୍ ମାନଙ୍କୁ ସୁହାଉଛି ।

ସତ କହିବାକୁ ଗଲେ ଯେତେ ଦିନ ଯାଏ ଆମର ମାନସିକତା ନ'ବଦଳିଛି ସେତେଦିନ ପର୍ଯ୍ୟନ୍ତ ଆମେ ଏହିପରି କଷ୍ଟ ଭୋଗୁଥିବା ଏବଂ ଦର ବୃଦ୍ଧି ଜନିତ ଅର୍ଥ ଦଣ୍ଡ ଏକ ବୋଝ ପରି ଆମକୁ ଗ୍ରାସ କରୁଥିବ । କୃତ୍ରିମ ଅଭାବ ଓ ପ୍ରାକୃତିକ ଅଭାବ ଆମର କ୍ରୟ ଉପରେ ପ୍ରଭାବ ପକାଇ ଥାଏ । ଖାଲି ଭାରତ ନୁହେଁ ସାରା ପୃଥିବୀରେ ଏହି ବିଶୃଙ୍ଖଳିତ ଅବସ୍ଥା, ଏହାକୁ ରୋକ୍ ଲଗାଇ ବାକୁ ଅନେକ ଚେଷ୍ଟା ଚାଲିଛି କିନ୍ତୁ ଏହା ଫଳପ୍ରଦ ହୋଇ ପାରୁନାହିଁ । ସାଧାରଣ ଜୀବନ ଯାତ୍ରା ପାଇଁ ନିମ୍ନ ମଧ୍ୟବିତ୍ତ ପରିବାର ରେ ନିହାତି ଆବଶ୍ୟକୀୟ ଖାଦ୍ୟ ପଦାର୍ଥ କିଛି ଦିନ ପାଇଁ ଗଚ୍ଛିତ ଥାଏ , ଅନେକ ପରିବାରରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ଗଚ୍ଛିତ ଥିବାର ମଧ ଦେଖାଯାଏ, ନିତ୍ୟ ବ୍ୟବହାର ପାଇଁ ପନିପରିବା ହୁଏତ ଦୁଇ ତିନି ଦିନ ପର୍ଯ୍ୟନ୍ତ ରଖିବା ସମ୍ଭବ ହୋଇ ଥାଏ । ସାଧାରଣ ଜନତା ଲକ୍ଷ କରୁଥିବେ ବର୍ଷକ ଭିତରେ ନିଶ୍ଚିତ ଭାବେ ଦୁଇ ଚାରିଥର କିଛି ନା'କିଛି ସାମଗ୍ରୀର ଅଭାବ ପରିଲକ୍ଷିତ ହୁଏ , ଏହି ଅଭାବ କୃତ୍ରିମ ବା ପ୍ରାକୃତିକ ସେ ଯାହା ହେଉ କ୍ରେତାଙ୍କୁ ଏହାର ମୁକାବଲା କରିବାକୁ ପଡୁଛି ,ବିଶେଷ କରି ଯେତେବେଳେ ସରକାର ମାହାଙ୍ଗା ଭତ୍ତା ବୃଦ୍ଧି କରନ୍ତି , ନିର୍ବାଚନ ଥାଏ, ପ୍ରାକୃତିକ ବିପର୍ଯ୍ୟୟର ପୂର୍ବରୁ ବା ପରେ, ଆନ୍ଦୋଳନ ସମୟରେ, ଯୁଦ୍ଧ ସମୟରେ, ଦରଦାମ ଆକାଶ ଛୁଆଁ ହୋଇ ଯାଏ । ଖାଲି ସେତିକି ନୁହେଁ ଚାହିଦା ନ'ଥିଲେ ବି କ୍ରେତା ଅଧିକ ମୂଲ୍ୟ ଦେଇ ସେହି ଜିନିଷ କିଣିବାରେ ଆଗ୍ରହ ପ୍ରକାଶ କରିଥାଏ, କାରଣ କ୍ରେତା ଭାବେ 'ଆଜି କିଣି ନେବା ନ'ହେଲେ ହୁଏତ ଆସନ୍ତା କାଲି ଆହୁରି ଅଧିକ ଦରରେ କିଣିବାକୁ ପଡିପାରେ', ଏହା କ୍ରେତାଙ୍କର ପାଗଳାମି ଛଡା ଆଉ କିଛି ନୁହେଁ ବୋଲି ଭାବି ନେବାକୁ ହେବ । ଏହି ପ୍ରକ୍ରିୟା ଦ୍ୱାରା ବିକ୍ରେତା ନିଜ ମନ ଇଚ୍ଛା ଦର ବଢ଼ାଇ ଚାଲେ କାରଣ ଦ୍ରବ୍ୟ କମ ଏବଂ ଚାହିଦା ବେଶୀ ଥାଏ ଏପରିକି କ୍ରେତାଙ୍କ ମଧ୍ୟରେ ଉକ୍ତ ଦ୍ରବ୍ୟ/ସାମଗ୍ରୀ କ୍ରୟ ନିମନ୍ତେ ପ୍ରତିଯୋଗିତା ମଧ ହୋଇ ଥାଏ। ସରକାରୀ ବିଭାଗର ଦାୟିତ୍ୱବାନ ବାବୁ ମାନେ ମଧ ହାତ ଗୁଞ୍ଜା ନେଇ ଚୁପ୍ ବସି ଯା'ନ୍ତି ତେଣିକି ଖାଉଟି ଯେତେ କଷ୍ଟ ଭୋଗୁଛନ୍ତି ଭୋଗନ୍ତୁ ତାଙ୍କର କ'ଣ ଯାଏ ଆସେ।

ଭାଇ ! ବର୍ଦ୍ଧିତ ମୂଲ୍ୟ ଦେଇ ଆବଶ୍ୟକତା ଠାରୁ ଅଧିକ କ୍ରୟ କରି କେବଳ ନିଜ ସ୍ୱାର୍ଥ, ନିଜ ପରିବାରର ସ୍ୱାର୍ଥକୁ ଦେଖିଲେ କ'ଣ ସମସ୍ୟାର ସମାଧାନ ହୋଇ ପାରିବ କି ? ଏହି ଗୋଷ୍ଠୀର କ୍ରେତା ମାନେ ବୁଝି ରଖିବା ଉଚିତ ଯେ, ସେହି ଦ୍ରବ୍ୟଟି ଜୀବନ ରକ୍ଷାକାରୀ ଔଷଧ ନୁହେଁ ଯାହାକୁ ନ' ଖାଇଲେ ପୈତୃକ ପ୍ରାଣଟା ଚାଲିଯିବ । କିଛି ଦିନ ବର୍ଦ୍ଧିତ ଦରରେ ବିକ୍ରି ହେଉଥିବା ପନିପରିବା ବଦଳରେ ଅନ୍ୟ କିଛି ଯଥା ସୋୟା ବଡି, ମଟର, ବେସନ ତରକାରୀ ଆଳୁ ଜାତୀୟ ପରିବା ଖାଇ ଚଳାଇ ଦେଲେ କ'ଣ ଚାଲିବ ନାହିଁ ? ଯାହାର ପକେଟ ରେ ଟଙ୍କା ଅଛି ଏବଂ ବର୍ଦ୍ଧିତ ମୂଲ୍ୟ ଦେଇ ଜିନିଷ କିଣିବାର କ୍ଷମତା ଅଛି ସେହି କ୍ରେତା ଯାହା ଚାହିଁବେ କ୍ରୟ କରି ପାରିବେ । ଖାଅ ଭାଇ, କିଏ ମନା କରୁଛି ? କିନ୍ତୁ ଆମେ ଯଦି ଦର ବଢ଼ି ଯାଇଥିବା ଜିନିଷ ଯାହା ନ' କିଣିଲେ ଆମେ ଚଳି ଯାଇ ପାରିବା ତାକୁ ଆଦୌ କିଣିବା ନାହିଁ ତା'ର ଫଳ ସ୍ୱରୂପ ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥି ଏହାର ଫାଇଦା ପାଇବାରୁ ବଞ୍ଚିତ ହେବେ ତଥା ଦର ନିଶ୍ଚିତ ଭାବେ କମିବ । କିଛି ଦିନ ତଳେ ଏତେ ବିଲାତି ଚାଷ ହେଲା ଯେ ଚାଷୀ ମାନେ ୦.୫୦ ପଇସା ଦରରେ ବିଲାତି ବିକ୍ରି କରି ଦେଲେ କିଛି ଚାଷୀ ଅଭାବୀ ବିଲାତି ସବୁ ରାଜ ରାସ୍ତାରେ ଢାଳି ପ୍ରତିବାଦ କଲେ ଓ ସେହି ସମୟରେ ଯଦି ବିଲାତି ଗୁଡିକୁ ଶୀତଳ ଭଣ୍ଡାରରେ ରଖା ଯାଇ ପାରି ଥା'ନ୍ତା ତେବେ ଆଜି ଏହି ଦୁର୍ଦ୍ଦିନ ଦେଖିବାକୁ ପଡି ନ'ଥାନ୍ତା , ଏଥି ପାଇଁ କିଏ ଦାୟୀ ? ସରକାରଙ୍କର ଦୂରଦୃଷ୍ଟି ହୀନତାରୁ ଆଜି ସାଧାରଣ ଉପଭୋକ୍ତା ଏହି କଷ୍ଟ ଭୋଗୁଛି ଏଥିରେ କୌଣସି ସନ୍ଦେହ ନାହିଁ । ସେହିପରି ଆଳୁ, ପିଆଜ ରାଜନୀତି ସବୁ ବର୍ଷ ଦେଖାଦିଏ କିଛିଦିନ ପରେ ପୁଣି ଆମେ ଭୂଲି ଯାଉ, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ଯଦି ଥା'ନ୍ତା ତେବେ ଖାଉଟିଙ୍କୁ ତଥା ଚାଷୀଙ୍କୁ ଅନେକ ସୁବିଧା ମିଳନ୍ତା । ହୁଏତ ମଧ୍ୟସ୍ଥି ମାନେ ଜାଣିଶୁଣି ନିଜ ଫାଇଦା ପାଇଁ ଶୀତଳ ଭଣ୍ଡାର କରିବାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି ବା ସରକାରଙ୍କର ଏଥି ପ୍ରତି ଆଗ୍ରହ ନାହିଁ କହିଲେ ଚଳେ ।

ପ୍ରାକ କରୋନା କାଳରେ ମଧ ସେହିପରି ଅତ୍ୟଧିକ ସାମଗ୍ରୀ କିଣିବାର ଦୃଶ୍ୟ ବହୁଳ ଭାବେ ପ୍ରସାରିତ ହେଲା, ପାଶ୍ଚାତ୍ୟ ଦେଶର ଲୋକ ମାନେ ମଧ ଧର୍ଯ୍ୟହରା ହୋଇ 'ମଲ୍' ମାନଙ୍କରେ ଜିନିଷପତ୍ର ପାଇଁ ବିଶୃଙ୍ଖଳିତ ଆଚରଣ କରୁଥିଲେ । ଅତ୍ୟଧିକ ସ୍ୱାର୍ଥ ଚିନ୍ତା ଆଉ ଅଦୂରଦର୍ଶିତାର ପରିଣାମ ସ୍ୱରୂପ ଏହିପରି ଅବସ୍ଥା ଦୃଷ୍ଟିଗୋଚର ହେଉଛି। ଯେଉଁ ଜିନିଷ ଜୀବନ ରକ୍ଷକ ସେଇ ଜିନିଷର ଅଭାବ ଖୁବ୍ ଚିନ୍ତାର ବିଷୟ, କିନ୍ତୁ ଯଦି ପ୍ରାକୃତିକ ବା ଅପ୍ରାକୃତିକ ଭାବେ ବିଲାତି, ଲେମ୍ବୁ, ପିଆଜ, ଆଳୁ ଏହି ସବୁ ଜିନିଷର ଅହେତୁକ ଭାବେ ଦର ବଢୁଛି ତେବେ ଆମେ କମ୍ ବ୍ୟବହାର କରି ପାରିବା ବା ତା'ର ବିକଳ୍ପ ବାଛି ସେଇ କିଛିଦିନ ଚଳେଇ ନେଲେ ଆପେ ଆପେ ଦର କମିଯିବ । ଆମ ପରି ସାଧାରଣ ବ୍ୟକ୍ତି ପରିବାରର ଖାଦ୍ୟ ପାଇଁ ତ' ଆଉ ପଞ୍ଚ ତାରକା ହୋଟେଲ ସଦୃଶ୍ୟ ବ୍ୟଞ୍ଜନ ଦରକାର କରନ୍ତି ନାହିଁ ଯେ, ସବୁ ଜିନିଷ ଆବଶ୍ୟକତା ପଡିବ ? ତେଣୁ ଆମେ ଚାହିଁଲେ ଆମେ ମନୋବଳ ଦୃଢ଼ କରି ଏହି ସମସ୍ୟା କୁ ଦୁରେଇ ଦେଇ ପାରିବା। ସରକାର ଜାଣି ଶୁଣି ଏଥି ପ୍ରତି ଧ୍ୟାନ ନ ଦେବା କ୍ଷୋଭର ବିଷୟ । ଅଭାବ ସମୟରେ ପ୍ରତି ବର୍ଷ ପଶ୍ଚିମ ବଙ୍ଗ ଆଳୁ ଓଡିଶାକୁ ଦେବାକୁ ମନା କରି ଦେଉଛି, ଠିକ୍ ସେହି ସମୟରେ ଓଡ଼ିଶାରେ ଯତ୍ କିଞ୍ଚିତ ଗଚ୍ଛିତ ଥିବା ଆଳୁ ଦର ୫୦ ଟଙ୍କା କିଲୋ ପ୍ରତି ହୋଇ ଯାଉଛି, ଆନ୍ଧ୍ର ପ୍ରଦେଶ ଯଦି ଅଣ୍ଡା, କୁକୁଡ଼ା, ମାଛ, ପନିପରିବା ନ ଦେବ ତେବେ ଓଡିଶା ଖାଦ୍ୟ ସଙ୍କଟ ଭିତରେ ଗତି କରିବ, ମହାରାଷ୍ଟ୍ର ନାସିକରୁ ପିଆଜ, ରାଞ୍ଚିରୁ ପନିପରିବା ବନ୍ଦ ହୋଇ ଗଲେ ତ କଥା ସରିଲା । ଓଡ଼ିଶାର କୃଷି ବିଭାଗ ସବୁଠାରୁ ବଡ଼ ବିଭାଗ କିନ୍ତୁ ସେହି ବିଭାଗ କରୁଛି କଣ ? ତିରିଶ ଗୋଟି ଜିଲ୍ଲା ମଧ୍ୟରୁ କେତେ ଗୋଟି ଜିଲ୍ଲା ରେ ଶୀତଳ ଭଣ୍ଡାର ଅଛି ? କେତୋଟି କାର୍ଯ୍ୟ କରୁଛି ଏବଂ ଏଥିରୁ କେତେ ଜଣ କୃଷକ ଲାଭବାନ ହେଉଛନ୍ତି ତାହା କ'ଣ ବିଭାଗର ବଡ଼ ବଡ଼ ବାବୁ ମନ୍ତ୍ରୀ ମାନେ ସାଧାରଣ ଜନତାଙ୍କୁ ଉତ୍ତର ଦେଇ ପାରିବେ ? ନା କେବଳ ଚୌକି ମାଡିବସି ସରକାରୀ ବେତନକୁ ଖାଇ ଧ୍ୱଂସ କରି ଜନତାଙ୍କୁ ଠକି ଚାଲି ଥିବେ । କୃଷି କ୍ଷେତ୍ରରେ ଜଳ ର ଅଭାବ ବିଷୟରେ ଜଳ ସମ୍ପଦ ବିଭାଗ କ'ଣ ଜ୍ଞାତ ନୁହନ୍ତି ? ମହାନଦୀ ସହିତ ଅନେଗୁଡିଏ ନଦୀ ଗ୍ରୀଷ୍ମ ଋତୁରେ ଶୁଖିଲା ପଡୁଛି, କୃଷି ଉପରେ ନିର୍ଭରଶୀଳ କୃଷକ କେବଳ ବର୍ଷା ଉପରେ ନିର୍ଭରଶୀଳ। ଡବଲ ଇଞ୍ଜିନ ସରକାର୍ ଏହାକୁ କେବେ ସମାଧାନ କରିବେ ? ନଦୀ ସଂଯୋଗୀକରଣ କେବେ ଆରମ୍ଭ ହେବ ? କୃଷକ ବର୍ଷ ସାରା କ୍ଷେତ କୁ ପାଣି କେବେ ପାଇବେ ? ଉଠା ଜଳ ସେଚନ ବିଭାଗ ତ କବର ଭିତରେ ସୋଇଛି, କୃଷି ଶିକ୍ଷ ବିଭାଗ ଧର୍ମକୁ ଅଖି ଠାର ମାରି ଚାଲିଛି, ବିହନ ବିଭାଗ ନକଲି ବିହନ ବିକୁଛି, ସାର ଏବଂ ପୋକ ମରା ବିଭାଗ କଥା ନ କହିଲେ ଭଲ । ଖବର କାଗଜ କହୁଛି କୃଷି ରେ ୩.୫ ପ୍ରତିଶତ ଅଭିବୃଦ୍ଧି ହୋଇଛ, ଏହା ଆମ ପାଇଁ ଖୁସି ର ଖବର ।

ବର୍ଷକ ବାରମାସ ମଧ୍ୟରେ କେତେ ଜଣ ଉଚ୍ଚ ସ୍ତରୀୟ ଅଧିକାରୀ ନିଜେ ଯାଇ ଚାଷୀଙ୍କ ଦୁଃଖ ଶୁଣିଛନ୍ତି ? ଯଦି ଠିକ୍ ଭାବେ ନିଜେ ନିଜର ଦାୟିତ୍ୱ ତୁଲାଉ ଥା'ନ୍ତେ ତେବେ ଏତେ ସଂଖ୍ୟାରେ ଚାଷୀ ଆତ୍ମହତ୍ୟା ପରି କଠୋର ପଦକ୍ଷେପ ନେଇ ନ ଥାନ୍ତେ । ସରକାରୀ କାର୍ଯ୍ୟ କ୍ରମ କେବଳ କାଗଜ ପତ୍ରରେ ସୀମିତ, ଏଠାରେ ଭୁତ ଭଡା ପାଏ ଏବଂ ଜୀବିତ ମନୁଷ୍ୟ ନିଜକୁ ସରକାରୀ କଳରେ ଜୀବିତ ବୋଲି ପ୍ରମାଣିତ କରି ନ ପାରି ଦୁର୍ଦ୍ଦଶା ରେ ଜୀବନ ବିତାଏ, କାଳିଆ ଯୋଜନାରେ ଧୋବ ଧଉଳିଆ କୃଷକ ନାମ ଧାରୀ ଉପକୃତ ହୁଅନ୍ତି ଏବଂ ଅସଲ ଚାଷୀ ଭାତ ସହିତ ଲୁଣ ଖାଏ । ଫସଲ ବୀମା ଦୁର୍ନୀତି କହିଲେ ନସରେ। ଓଡ଼ିଶାର ସବୁଠାରୁ ଅଧିକ ଦୁର୍ନୀତି କୃଷି ବିଭାଗରେ ଦେଖିବାକୁ ମିଳେ ତେଣୁ ଓଡିଶା ଆଜି ପଛରେ ପଡିଛି, ଅନ୍ୟ ପ୍ରଦେଶର ହାତ ଟେକା ଉପରେ ନିର୍ଭର କରୁଛି, ଆତ୍ମ ନିର୍ଭରଶୀଳ ହୋଇ ପାରୁନାହିଁ, ଏହି ପରିସ୍ଥିତି ବଜାୟ ରହିଲେ ହୁଏତ ଆଗାମୀ ଦଶନ୍ଧି ମଧ୍ୟରେ ଆତ୍ମ ନିର୍ଭରଶୀଳ ହେବା ମଧ ସମ୍ଭବ ନୁହେଁ । ଶାସନ ଗାଦିରେ ବସିଥିବା ବ୍ୟକ୍ତି ବିଶେଷ କୁହୁଡି ପହଁରିବାରେ ଅଭ୍ୟସ୍ତ ବାବୁ ମାନେ ଉପରିସ୍ଥ ବାବୁଙ୍କୁ ଖୁସି କରି ବାରେ ବ୍ୟସ୍ତ , ସବ୍‌ସିଡି ବା ରିହାତି ଯଦିଓ ସିଧା ହିତାଧିକାରୀଙ୍କ ର ଜମା ଖାତାକୁ ଯାଏ ତଥାପି ହିତାଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ବାଟ ମାରଣା ହୁଏ । କୃଷି ଯନ୍ତ୍ରପାତି ଯୋଗାଉଥିବା ଅଧିକୃତ ବ୍ୟବସାୟୀ , ସାର କୀଟ ନାଶକ ଯୋଗାଉଥିବା ବ୍ୟବସାୟୀ ଏବଂ କୃଷି ବିଭାଗ ମଧ୍ୟରେ ମଧୁ ଚନ୍ଦ୍ରିକା ଆଜି କୃଷକ ତଥା କୃଷିର ମେରୁଦଣ୍ଡ ଭାଙ୍ଗି ଦେଇଛି । ନୂତନ ସରକାର କେବେ ଶୀତଳ ଭଣ୍ଡାର ଖୋଲିବେ ଦୟାକରି ଟିକେ ବିଚାର କରି କୁହନ୍ତୁ ? ଯେତେ ଦିନ ପର୍ଯ୍ୟନ୍ତ ସରକାର ତୃଣ ମୂଳରୁ ଆରମ୍ଭ କରି ସର୍ବୋଚ୍ଚ ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କ ଦୁର୍ନୀତି କୁ ଘୋଡାଇ ଚାଲି ଥିବେ ସେତେ ଦିନ ପର୍ଯ୍ୟନ୍ତ ଆମେ ଏହି ପରି ଦରଦାମ ଜନିତ ସମସ୍ୟା କୁ ନେଇ କାନ୍ଦୁ ଥିବା । ଏଠାରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଆକ୍ଷେପ କରା ଯାଇ ନାହିଁ , ପ୍ରତିଦିନ ସମ୍ବାଦ ପତ୍ର, ଗଣ ମାଧ୍ୟମରେ ପ୍ରଚାରିତ/ପ୍ରକାଶିତ ହେଉଥିବା ବିଷୟ ବସ୍ତୁକୁ ନେଇ ଏହି ପ୍ରବନ୍ଧ ଟି ଉପସ୍ଥାପିତ ହୋଇଛି । କାହାରିକୁ ଦୁଃଖ ଦେଇଥିଲେ ଅନ୍ତରରୁ କ୍ଷମା ପ୍ରାର୍ଥନା କରୁଛି।

ଜୟ ଉତ୍କଳ ଜନନୀ ।


ଝାଞ୍ଜିରୀ ମଙ୍ଗଳା, କଟକ
୭୫୩୦୦୯
ମୋ:୯୯୩୭୧୭୪୦୯୭





### କହିଦିଅ ପ୍ରିୟା

**ଜୟନ୍ତ କୁମାର ମଲ୍ଲିକ୍**



ଅନେକ ଦିନର ବ୍ୟବଧାନ ପରେ
ତମ ପ୍ରୀତି ସମ୍ବୋଧନ
ଶ୍ରବଣ କରି ମୁଁ ହଜିଲି ସପନେ
ଉଚ୍ଛନ ହେଲା ମୋ ମନ।
ଅତୀତର ସବୁ ମଧୁର ମୁହୂର୍ତ୍ତ
ମହକିଲା ଧୂପପରି
ତମ ଶବଦର ମଧୁର ଝଙ୍କାରେ
ଶିହରଣ ଗଲା ଭରି ।
ତମେ ଗଲାପରେ ବଧୂ ବେଶ ସାଜି
ଛାତିରେ ଛାତିଏ କୋହ
ମନରୁ ପାସୋରି ପାରୁନାହିଁ ଜମା
ତମ ସାନିଧ୍ୟର ମୋହ।
ତମ ହାତେ ଶଙ୍ଖା ମଥାରେ ସିନ୍ଦୂର
ପାରିଲିନି ସିନା ଦେଇ
ଅନ୍ତର ଭିତରେ ତମକୁ ରଖିଛି
ପ୍ରୀତିର ପରଶ ଦେଇ ।
ଆମ ପ୍ରେମ ସଦା ଅମର ରହିବ
ସବୁଦିନ ଧରାପରେ
କହିଦିଅ ପ୍ରିୟା ଭଲପାଅ ମତେ
ମିଠା ସ୍ୱରେ ଆଉଥରେ ।


ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


### ସ୍ୱଚ୍ଛତା

**କୁନା ସେଠୀ**

ନୀଳ ଆକାଶ ରେ
ନିର୍ମଳ କିରଣେ
ହସି ଉଠିଥାନ୍ତି ରବି
ସେଇ ହସ ନେଇ
ହସିଥାଏ ଧରା
ଦେଖାଇ ଛବିଳ ଛବି ।
ସାରା ଜଗତକୁ
ଦେଲା ବାଲା ସିଏ
ଅମାପ ଅମାପ କର
ସାରା ଜଗତରୁ
ନେଲାବଲା ସିଏ
ଅସନା ଅଳିଆ ନୀର ।
ନିଜର ସ୍ୱଭାବେ
ନିଜ ସ୍ୱଚ୍ଛ ଭାବେ
ଜଗତ କୁ ସେବା ଦେଇ
ସାରା ଜଗତରେ
ପୂଜିତ ହୁଅନ୍ତି
ଈଶ୍ୱର ପ୍ରତିମା ହୋଇ ।
ନିଶି ଗଗନରେ
ଚନ୍ଦ୍ରମା ହସଇ
ରୂପେଲି କିରଣ ଦେଇ
ଶୀତଳ ପରଶ
ପାଇଲେ ତାହାର
ହସି ଉଠେ ଧରା ଭୂଇଁ ।
ରୂପରେ ତାହାର
କଳଙ୍କ ଥିଲେ ବି
କର୍ମ ଧର୍ମ ସ୍ୱଚ୍ଛ ତାର
ସୁଯୋଗ ମିଳିଲେ
ନିଜ କର୍ତ୍ତବ୍ୟରେ
ଲାଗିଥାଏ ବରାବର ।
ସ୍ୱଚ୍ଛତାର ଛବି
ଦେଖାଇ ତାଙ୍କର
ନିର୍ମଳ ମୂରତୀ ଧରି
ଏଇ ଧରାଧାମେ
ରାଜୁତି କରନ୍ତି
ପୂଜ୍ୟପୂଜା ଲାଭ କରି ।
ମଣିଷ କେବଳ
ହୋଇ ଗୋଳମାଳ
ଜଟିଳ କୁଟିଳ ଲଭି
ସ୍ୱଚ୍ଛତାକୁ ଛାଡି
ଲୋଭେ, ମୋହେ ପଡି
ନଷ୍ଟ କରେ ତାର ଛବି ।
ସ୍ୱଚ୍ଛ ମଣିଷ ଟେ
ପାଇବା ମୁସ୍କିଲ
ମଣିଷ ସମାଜ ଦେହେ
ସମସ୍ତଙ୍କ ଦେହେ
କଳଙ୍କର ଦାଗ
କରମେ ଧରମେ ଶୋହେ ।
ରୂପ ବଦଳାଏ
ଥରକୁ ଥର ସେ
ବହୁରୂପିଟିଏ ପରି
ବିଶ୍ୱାସର ଚିହ୍ନ
ଦିଶେ ନାହିଁ ତହିଁ
ଅବିଶ୍ୱାସ ଥାଏ ଭରି ।
ଇଛା ଥାଏ ତାର
ଲାଭ କରିବାକୁ
ସ୍ୱଚ୍ଛ ଦରବ ଯେ ସବୁ
ବାଛି ବାଛି କିଣେ
ଦୁନିଆ ଦାଣ୍ଡରୁ
ଟଙ୍କା ଦେଇ ଦେଇ ବାବୁ ।
ନିଜେ କିନ୍ତୁ ତହିଁ
ସ୍ୱଚ୍ଛ ତା କୁ ଛାଡି
ମଳିନ କରଇ ମନ
ଲଗା ଜଟା ସହ
କୁଟିଳ ଜଟିଳ
ସବୁରେ ଲଗାଏ ଜ୍ଞାନ ।
ସ୍ୱୟଂମୟ କର୍ତ୍ତା
ସକଳ ଦେବତା
ଅନ୍ତର୍ଯ୍ୟାମୀ ପ୍ରଭୁ ମୋର
ଅନ୍ତର ଭାବକୁ
ଜାଣି ବୁଝିଥାନ୍ତି
ପ୍ରତି କାର୍ଯ୍ୟ ବରାବର ।
ହିସାବ କିତାବ
ସବୁ ଯେ ତାଙ୍କର
ଆମେ କି ହିସାବୀ ଲୋକ
ଜ୍ଞାନ ବି ତାଙ୍କର
ଅଜ୍ଞାନ ତାଙ୍କର
ନୁହଁନ୍ତି ଜମା ସେ ଠକ ।




ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଂଜାମ



ଫୁଲଝରି



ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୨୭ ଜୁଲାଇ ୨୦୨୪

# ପରାମର୍ଶ ଦେବାର ଅଧିକାର

## ରମେଶ ଚନ୍ଦ୍ର ଦାଶ



ଦିନେ ବଣରେ ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ପ୍ରାଣୀମାନେ ଗୋଟିଏ ସଭାର ଆୟୋଜନ କରି ହାତୀକୁ ଅତିଥି ଭାବରେ ଡାକିଲେ । ହାତୀ ଦେଖିଲା ତା' ଭଳି କେହି ପ୍ରାଣୀ ନାହାନ୍ତି । ତା'ର ଭାରି ଗର୍ବ ହେଲା । ସେ ଠିଆ ହୋଇ କହିଲା, "ଚାରିଆଡ଼େ ଦୁର୍ନୀତି ବ୍ୟାପିଛି । ତେଣୁ ସାହିତ୍ୟ ଓ ସଂସ୍କୃତିର କିଛି ଉନ୍ନତି ହେଉନାହିଁ । ମୁଁ ଚେଷ୍ଟା କରିବି ତାକୁ ହଟାଇପାରିଲି ନାହିଁ ।" ସମସ୍ତଙ୍କର ଦୁର୍ବଳତା ସେ ଜାଣିଛି ବୋଲି ମଧ୍ୟ କହିଲା । ସମସ୍ତେ ଶୁଣୁଥିଲେ । ତାଳି ମାରୁଥିଲେ । ସେ ବି ଖୁସି ହେଉଥିଲା । ସେହି ସଭାକୁ ବିଲୁଆକୁ ଡକା ଯାଇ ନଥିଲା । କାରଣ ହାତୀ ତାକୁ ଭଲ ପାଏନି । ହନୁକୁ ଡକାଯାଇଥିଲେ ବି ତା'ର ଦେହ ଖରାପ ଥିବାରୁ ସେ ଯାଇ ନଥିଲା ।

ହନୁ ଓ ବିଲୁଆର ଭାରି ସାଙ୍ଗ । ସଭା ବିଷୟରେ ବିଲୁଆ କିଛି ଜାଣି ନଥାଏ । ସେ ହନୁର ଦେହ ଖରାପ ଖବର ପାଇ ତା' ନିମନ୍ତେ କଦଳୀ କାନ୍ଧିଏ ନେଇ ସେହିବାଟେ ଯାଉଥିଲା । ସଭା ଚାଲିଥିବା ଦେଖି ସେ ଟିକେ ସିଆଡ଼େ ଚାଲିଗଲା । କଦଳୀ ଦେଖି ହାତୀର ପାଟିରୁ ଲାଳ ବୋହିଲା । ସେ ଆଉ ସଭାରେ ଭାଷଣ ଦେବ କ'ଣ ? ଜଲ୍‌ଦି ଜଲ୍‌ଦି ଆସି ବିଲୁଆଠାରୁ କଦଳୀ କାନ୍ଧିଟି ଛଡ଼ାଇ ନେଇ ଖାଇବାରେ ଲାଗିଲା ।

ସୁଯୋଗ ପାଇ ବିଲୁଆ ଧାଇଁ ଗଲା ମଂଚ ଉପରକୁ । ସେ କହିଲା, "ବନ୍ଧୁଗଣ, ଆପଣମାନେ ହାତୀର କୃତିତ୍ୱ ସମ୍ପର୍କରେ ଶୁଣି ତାଳି ମାରୁଥିଲେ । ମୁଁ ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି । ଆପଣମାନେ ସମାଜରୁ ଖରାପ କାମ ଦୂରେଇବାକୁ ଚେଷ୍ଟା କରୁଛନ୍ତି, ଏଥିରୁ ସ୍ପଷ୍ଟ ଭାବେ ଜାଣିପାରୁଛି । କିନ୍ତୁ ଏବେ ଦେଖନ୍ତୁ, ଆପଣଙ୍କ ମନୋରଞ୍ଜନ ପାଇଁ ଏଭଳି କଥା କହୁଥିବା ହାତୀ କିପରି ମୋଠାରୁ କଦଳୀ ଛଡ଼ାଇ ଖାଉଛି, ଯାହା ତା'ର କହିବା ଓ କରିବା ଏକାନୁହେଁ ବୋଲି ସ୍ପଷ୍ଟ ପ୍ରମାଣ ଦେଉଛି । ଏଥିପାଇଁ ଆପଣମାନେ କିପରି ବିଚାର କରିବେ ?" ବିଲୁଆର ଏ ପ୍ରଶ୍ନରେ ସମସ୍ତେ ହାତୀ ଆଡ଼କୁ ଚାହିଁ ଦେଖିଲେ ସତକୁ ସତ ସେ କଦଳୀ ଖାଉଛି । ସମସ୍ତେ ତା' ଚାରିପଟେ ଘେରିଗଲେ ଓ କହିଲେ, "ଯାହାର କହିବା ଓ କରିବା ଏକା ନୁହେଁ ତା'ର ଅନ୍ୟକୁ ପରାମର୍ଶ ଦେବାର ଅଧିକାର ନାହିଁ ।" ସମସ୍ତଙ୍କର ଏଭଳି ମତାମତ ଶୁଣି ହାତୀ ଏକମୁହାଁ ହୋଇ ଜଙ୍ଗଲ ଭିତରକୁ ଗଲା ଯେ ଗଲା । ତାକୁ ଆଉ କୌଣସି ସଭାକୁ ଡାକିଲେ ସେ ଆସିଲା ନାହିଁ । ଅନ୍ୟ ପ୍ରାଣୀମାନେ ବିଲୁଆର ନେତୃତ୍ୱରେ ଗୋଟିଏ ସଭା କରି ଜଙ୍ଗଲର ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାମ ସ୍ଥିର କଲେ ।



+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨

# ନୂଆ ସକାଳର ହସ

## ସୁଦର୍ଶନ ମହାପାତ୍ର

ଜେଜେ ମନଦୁଃଖରେ ଅଛନ୍ତି ବୋଲି କାହିଁକି କେଜାଣି କୁନାର ଏଇ କେତେ ଦିନ ହେବ ମନେହେଉଛି । ସେ ଆଉ ଆଗଭଳି ହସ ଖୁସିରେ ନାହାଁନ୍ତି । ତା' ସାଙ୍ଗରେ ହଁ ଯାହା ଖାଲି ଭଲରେ କଥାବାର୍ତ୍ତା ଟିକେ ହେଉଛନ୍ତି । ଜେଜେ ଧିରେ ଧିରେ ବଦଳି ଯାଉଛନ୍ତି କାହିଁକି..? ପାଞ୍ଚ ଛଅ ବର୍ଷର ପିଲା, କୁନା ମଗଜରେ ଏସବୁ ଠିକ୍ ପଶୁନଥିଲା ।

କେତେଥର ଏ ବିଷୟରେ ବାବା ଆଉ ମାମାଙ୍କୁ କହିଲାଣି କୁନା । ହେଲେ ସେମାନଙ୍କୁ ଯେମିତି ଏ କଥାର କିଛି ଫରକ୍ ପଡୁନି । ଥରେ ଦୁଇଥର ଜିଗର କରି ପଚାରି ଗାଳି ଖାଇବା ହିଁ ସାର ହୋଇଛି । ବାବା ନଥିଲେ ତ ଦିନେ ମାମା ରାଗି ବେଲଣା କାଠିରେ ପିଟି ଦେଇଥାନ୍ତେ । ସେଇ ଦିନଠାରୁ ଆଉ କେବେ ଏ ବିଷୟରେ ବାବା ମାମାଙ୍କୁ ଜେଜେଙ୍କ ବିଷୟରେ କିଛି କହିବାକୁ ସାହାସ ଜୁଟାଇ ପାରେନା କୁନା ।

ଶେଷକୁ ଥରେ ଜେଜେଙ୍କୁ ଏ ବିଷୟରେ ପଚାରିଲା କୁନା ।

-'କାହିଁ ସେମିତି କିଛି ନୁହେଁ ତ ! ତୋତେ ଏ କଥା କିଏ କହିଲା କିରେ ? ତୁ ତ ସ୍କୁଲ ଯାଉଛୁ, ସେଠୁ ଫେରି ତୋ ପଢ଼ାପଢ଼ିରେ ବ୍ୟସ୍ତ ରହୁଛୁ । ତୁ କେତେବେଳେ ଦେଖିଲୁ ମୁଁ ମନଦୁଃଖ କରୁଛି ବୋଲି ? ଏଇ ଦେଖ ମୁଁ ତ ତୋ ସାମ୍ନାରେ ଠିଆ ହୋଇଛି । ହସୁଛି ବି !' ଜେଜେ ଏ ସବୁ କହି କୁନା କୁ ବୁଝାଇବାକୁ ଚେଷ୍ଟା କଲେ ବି,ତା' ମନ ଅବୁଝା ରହୁଥିଲା ।

'ବାବା,ମାମା ଜେଜେଙ୍କ ସହିତ ଭଲରେ କଥାବାର୍ତ୍ତା ହୁଅନ୍ତି ନାହିଁ । ଜେଜେଙ୍କ ଖାଇବାକୁ ନେଇ, ଚା' ପିଇବା ବିଷୟକୁ ନେଇ କେତେ କ'ଣ ମାମା ବାବାଙ୍କ ସହିତ କଳି କରନ୍ତି । ଜେଜେ ତ ତା'ଭଳି ଖାଇବା ପିଇବାରେ ଅବାଧ ହୁଅନ୍ତି ନାହିଁ । ଯାହା ଦିଆ ହୁଏ ଚୁପ୍ ଚାପ୍ ଖାଇଦିଅନ୍ତି । ମୁଁ ସ୍କୁଲରେ ଥିଲାବେଳେ ଜେଜେଙ୍କ ଉପରେ କେହି ପାଟି କରନ୍ତି କି ? ସେଇଥିପାଇଁ ବୋଧହୁଏ ସେ ଏବେ ଚୁପ୍ ଚାପ୍ ରହୁଛନ୍ତି ।' ଏମିତି କେତେ କ'ଣ କଥା କୁନା ମନେ ମନେ ଭାବି ଚାଲିଥିଲା ।

ହେଲେ ଜେଜେଙ୍କ ସହିତ ଥିବାବେଳେ ସେ ଖୁସି ହୁଅନ୍ତି ବୋଲି କ୍ରମେ ଅନୁଭବ କଲା କୁନା । ସେ ଯଦି ଜେଜେଙ୍କ ସହିତ ବେଶୀ ସମୟ ରହିବ, ତେବେ ଜେଜେ ନିଶ୍ଚୟ ବେଶୀ ଖୁସି ହେବେ ବୋଲି ଧାରଣା ହେଲା କୁନାର । ଜେଜେଙ୍କୁ ଖୁସି କରିବାର ଉପାୟ ଟିଏ ବାହାର କରିଥିବାରୁ କୁନା ନିଜକୁ ନିଜେ ପ୍ରଶଂସା କରିବାରେ ଲାଗିଲା ।

ତା କଥା ସତରେ ପରିଣତ ହେଲା । କିଛି ଦିନ ହେଲା ଜେଜେ ଆଗ ଅପେକ୍ଷା ଟିକିଏ ବେଶି ଖୁସି ଦେଖା ଯାଉଥିଲେ । କୁନା ସେବେଠୁ ଅପରାହ୍ନରେ ସାଙ୍ଗ ମାନଙ୍କ ସହ ଖେଳିବାକୁ ବାହାରକୁ ଯିବାକୁ ଅଝଟ ନକରି ଜେଜେଙ୍କ ସହ ଖେଳିବାକୁ ଠିକ୍ କଲା । ରବିବାର ଦିନ ବେଶୀ ସମୟ ଜେଜେଙ୍କ ପାଖରେ ରହିଲା । ଜେଜେଙ୍କଠାରୁ କେତେ ମହାପୁରୁଷ ମାନଙ୍କ ଜୀବନୀ ବିଷୟରେ ଜାଣିଲା । ସେ ବି ଅନୁଭବ କଲା ଜେଜେ ଆହୁରି ଖୁସିରେ ତା ସହିତ ସମୟ ବିତାଉଛନ୍ତି ।

ଯେଉଁଦିନ ମାମା ଗୋଟିଏ ଚେସ୍ ଖେଳ କୋଚିଂ ସେଣ୍ଟରକୁ କୁନାକୁ ଅପରାହ୍ନରେ ପଠାଇବାକୁ ବାଧ କଲେ ଏବଂ ରବିବାର ଦିନ ଡ୍ରଇଂ ଆଉ ଆବାକସ କ୍ଲାସ ଯିବାକୁ ନାଁ ଲେଖାଇଦେଲେ , ଦୀପୁ ଖୁବ୍ ନିରୁତ୍ସାହିତ ହୋଇ ପଡିଲା । ସେସବୁଥିରେ ତା'ର ଆଗ୍ରହ ନାହିଁ ବୋଲି ବାବା ମାମାଙ୍କୁ କହିଲେ ବି କିଛି ଲାଭ ହେଲାନାହିଁ ।



ଆଗକୁ ଆସୁଛି ବଡଦିନ ଛୁଟି । ସେ ନିଶ୍ଚୟ କିଛି ସମୟ ପାଇବ ଜେଜେଙ୍କ ସହିତ କଟାଇବାକୁ । ମନେ ମନେ ଖୁବ୍ ଖୁସି ହୋଇଗଲା କୁନା । ଜେଜେଙ୍କୁ ଏକଥା ଚୁପକରି ଦିନେ କହିଦେଲା ମଧ୍ୟ । ଏକଥା ଶୁଣି ଜେଜେଙ୍କ ଆଖିରେ କାହିଁକି ଲୁହ ଟଳମଳ ହେଲା ବୋଲି ଭାବି ସେ ଭୟ ପାଇଗଲା । ହେଲେ ପର ମୁହୂର୍ତରେ ଜେଜେ ତାକୁ କୋଳରେ ଜାବୁଡି ଧରିବାରୁ ସେ ଖୁବ୍ ଖୁସି ହୋଇଗଲା । ଆଉଥରେ ଜେଜେଙ୍କ ମୁହଁକୁ ସେ ଚାହିଁଲା । ଜେଜେ ଖୁସି ଅଛନ୍ତି ଜାଣି କୁନା ଆଶ୍ୱସ୍ତ ହେଲା ।

କେଇଦିନ ପରେ ବଡଦିନ ଛୁଟି ପାଇଁ ସ୍କୁଲ ବନ୍ଦ ହେଲା । କୁନା ଖୁବ୍ ଖୁସି ଥିଲା । ତାକୁ ଲାଗୁଥିଲା ଜେଜେ ଆଗଠାରୁ ଖୁବ୍ ଖୁସିରେ ଅଛନ୍ତି । ଡିସେମ୍ବର ପଚିଶରେ ସେ ଜେଜେଙ୍କ ସାଙ୍ଗରେ ନିକଟସ୍ଥ ଚର୍ଚ୍ଚକୁ ଯାଇ ସେଠାକାର ସାଜସଜ୍ଜା ଦେଖି ଖୁସି ହେଲା । କିନ୍ତୁ ଘରକୁ ଆସି ବାବା ମାମାଙ୍କ ମୁହଁରୁ ଯେପରି ହସ ଫେରାର ହୋଇ ଯାଇଛି ବୋଲି ସେ ଅନୁଭବ କଲା । ତା' ଆଡକୁ ମାମା କଟମଟ କରି ଚାହିଁଲେ ଆଉ ପାଠ ନପଢି ବୁଲି ଯାଇଥିବାରୁ ଗାଳି ଦେଲେ । ହେଲେ ଜେଜେ ଖୁସି ଥିବାରୁ କୁନାକୁ ଭଲ ଲାଗୁଥିଲା ।

ଏମିତି ଏମିତି ଆସି ପହଁଚିଲା ଡିସେମ୍ବର ଏକତିରିଶ । ରାତି ପାହିଲେ ନୂଆ ସକାଳ ସହିତ ଆସିବ ନୂଆବର୍ଷଟିଏ । ନୂଆବର୍ଷକୁ ଜେଜେଙ୍କ ସହିତ କେମିତି ପାଳିବ ତା'ର ରୂପରେଖ ମନ ସିଲଟରେ ଆଙ୍କୁ ଆଙ୍କୁ କୁନା ଶୋଇ ପଡିଲା ।

ପରଦିନ ସକାଳୁ କୁନା ଉଠିଲା ତ ଆଚମ୍ବିତ ହୋଇଗଲା । ବଡବାପା ଜେଜେ ମା'ଙ୍କୁ ନେଇ ପହଞ୍ଚିଛନ୍ତି । ସେ ଆହୁରି ଖୁସି ହୋଇଗଲା । ହେଲେ ସେ ଦ୍ୱିଧାରେ ପଡିଲା । ଆଗଥର ଭଳି ଜେଜେ ପୁଣି ବଡବାପାଙ୍କ ପାଖକୁ ଚାଲିଯିବେନି ତ ? ମାମା ଥରେ ବାବାଙ୍କ ସାଙ୍ଗରେ ଜେଜେ ଆଉ ଜେଜେ ମା'ଙ୍କ ପାଳି ବିଷୟରେ ଆଲୋଚନା କରୁଥିବାର ସେ ଶୁଣିଛି !

କୁନା ବଡବାପାଙ୍କ ପାଖକୁ ଯାଇ ପ୍ରଣାମ କଲା । ବାବା ଆଉ ବଡବାପା ଗୁମସୁମ ହୋଇ କ'ଣ ସବୁ କଥାବାର୍ତ୍ତା ହେଉଛନ୍ତି ବୋଲି ବୁଝି ପାରିଲା । ତାକୁ ଦେଖି ସମସ୍ତେ ଚୁପ୍ ହେଇଗଲେ । ନୂଆବର୍ଷ ଭଳି ଦିନରେ ଏମାନେ ଖୁସି ଥିଲା ଭଳି କାହିଁକି ମନେ ହେଉ ନାହାନ୍ତି ! କୁନା ସେଠୁ ଫେରିବାର ଉପକ୍ରମ କଲା । ପଛରୁ ଶୁଭିଲା ସେମାନଙ୍କର ଉଚ୍ଚ ପାଟି । ଝଗଡା କଲା ଭଳି । ସେଇ ପାଳି ବିଷୟରେ ସେମାନଙ୍କର ପାଟିତୁଣ୍ଡ ଚାଲିଥିଲା ବୋଲି କୁନା ବେଶ୍ ବୁଝି ପାରିଲା । ଏକଥା ବି ସେ ବୁଝି ପାରିଲା ଯେ ଜେଜେ ଆଉ ଜେଜେ ମା'ଙ୍କୁ ନେଇ ସେମାନେ କଥା କଟାକଟି ହେଉଛନ୍ତି ।

ବାହାର ଘରେ ଯେଉଁଠି ଜେଜେ ରହନ୍ତି, ସେଇ ଆଡକୁ ଏଥର ପାଦ ବଢେଇଲା କୁନା । ଜେଜେ ମା' ସେଇଠି ଅଛନ୍ତି ନିଶ୍ଚୟ । ଗୋଟିଏ କଡ଼କୁ ଯାଇ ଦେଖିଲା । ଜେଜେ ଆଜି କେତେ ଖୁସି ଦେଖା ଯାଉଛନ୍ତି ସତେ ! ସେ ଦେଖିଥିବା ଜେଜେଙ୍କଠାରୁ ଆଜିର ଜେଜେ ସମ୍ପୂର୍ଣ୍ଣ ଭିନ୍ନ ! ନୂଆବର୍ଷ ପାଇଁ ବୋଧହୁଏ ଜେଜେ ଆଜି ଏତେ ଖୁସି ଦେଖା ଯାଉଛନ୍ତି...!!

କୁନା ଜେଜେ ମା'ଙ୍କ ପାଖକୁ ଗଲା । ଜେଜେ ମା ତାକୁ ଗୋଟାପଣେ କୁଣ୍ଢାଇ ଧରି 'ଆମ ସୁନା ନାତି କୁନା' ବୋଲି କହିଲେ । ଜେଜେ ସେତେବେଳକୁ ତାଙ୍କର ଧୋତି ପଞ୍ଜାବୀ ଆଦି ଗୋଟିଏ ବ୍ୟାଗ୍‌ରେ ରଖୁଥିଲେ । ସେ ଭାବିଥିବା କଥା ସତ ବୋଲି କୁନା ମନେକରି ଉଦାସ ହେଇଗଲା । ହେଲେ ଜେଜେ ଆଉ ଜେଜେ ମା' ଦୁହେଁ ଯେତେବେଳେ ସେମାନେ ଗାଆଁକୁ ଯାଉଛନ୍ତି ବୋଲି କହିଲେ କୁନା ଆଶ୍ଚର୍ଯ୍ୟ ହୋଇଗଲା ସିନା ଖୁସି ହୋଇଗଲା । ତାକୁ ଲାଗିଲା ଜେଜେଙ୍କ ମୁହଁରେ ଯେମିତି ଆଜି ହସର ଫୁଲ ଫୁଟିଛି । ତାଙ୍କ ହସ ସହ ତାଳ ଦେଇ ଜେଜେ ମା' ବି ହସୁଥିଲେ ।

କୁନା ଭାବୁଥିଲା ହସୁଛି ଆଜି ସାରା ଜଗତ ଆଉ ହସୁଛି ଏଇ ନୂଆବର୍ଷ...!!!

+କୁଞ୍ଜବିହାରୀ ଲେନ, କଟକ

# କବିତା
## ତୁମ ପାଇଁ



### ଆ'ରେ ମେଘ ତୁ ଛୁଇଁଦେ ମୋତେ
#### ଶରତ କୁମାର ଦାସ

ମାମୁନି କହିଲା
ଆ'ରେ ମେଘ ତୁ ଛୁଇଁଦେ ମୋତେ
ତୋ ବାଟ ଜଗିଛି
କାହିଁ କେଉଁଦିନୁ କହୁଛି ତୋତେ ।
ନୀଳ ଗଗନରେ
ବୋଇତ ପରିକା ଭାସୁ ତୁ ଯେବେ
ଦେଖି ତୋ ରୂପକୁ
ଖୁସିରେ ମନ ମୋ ନାଚଇ ତେବେ ।
ତୋତେ ନଦେଖିଲେ
ମନଟି ମୋହର ବିରସେ ଭରେ
ଆଖି କୋଣୁ ମୋର
ଧାର ଧାର ହୋଇ ଲୋତକ ଝରେ ।
ଗିରୀଷିମ ଗଲା
ଆସିଲା ଅଷାଢ ବରଷା ଦିନ
ଚାତକେ ଚାହିଁଛି
କାହିଁ କେଉଁଠି ତୋ ଦେଖୁନି ଚିହ୍ନ ।
କି ଦୋଷ କରିଛି
କହ ମୁହଁ ଖୋଲି ଦେଉଛି ରାଣ
ମାନ ଅଭିମାନ
ଯେତେ ସବୁ ଛାଡି ଦେଖା ତୋ ଟାଣ ।
କହୁଛି ସତ ମୁଁ
କେବେ ତୁ ଆସିବୁ ପାରୁନି ଜାଣି
ଯେଉଁଠି ଥାଆ ତୁ
ଆ' ରେ ଥରେ ତୁ ଦେଖାଇ ଠାଣି ।
କଥା ଶୁଣି ମେଘ
କଳାହାଣ୍ଡିକରି ଆସିଲା ଘୋଟି,
ବରଷା ହୋଇକି
ଧରଣୀ ବୁକୁରେ ପଡିଲା ଲୋଟି ।
ମାମୁନିର ଖୁସି
କହିଲେ ନସରେ ପାଣିକୁ ଦେଖି
ବରଷାରେ ଭିଜି
ଖେଳିଲା ନାଚିଲା ମଥାକୁ ଟେକି ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ , ବଡବିଲ
କେନ୍ଦୁଝର -୭୫୮୦୩୫

### ବନ ମହୋତ୍ସବ
#### ସୁନୀଲ କୁମାର ପ୍ରଧାନ

ବନ ମହୋତ୍ସବ ଆସିଛି
କୁନା ଛୋଟ ଚାରା ପୋତିଛି
ମନ ଆନନ୍ଦରେ ନାଚୁଛି ।

ବନ ମହୋତ୍ସବ ଆସିଛି
ସ୍କୁଲରେ ପାଳନ ହେଉଛି
ଗଛ ସବୁ ବଣ୍ଟା ଚାଲିଛି ।

ବନ ମହୋତ୍ସବ ଆସିଛି
ଗଛର ଯତନ ନିମନ୍ତେ
ଶପଥ ଗ୍ରହଣ ଚାଲିଛି ।

ବନ ମହୋତ୍ସବ ଆସିଛି
ଜଙ୍ଗଲ ସୁରକ୍ଷା ପାଇଁକି
ଦାୟିତ୍ୱ ଆମର ବଢ଼ିଛି ।

ବନ ମହୋତ୍ସବ ଆସିଛି
ଧରଣୀ ରାଣୀ ମୋ ହସୁଛି
ଶ୍ରାବଣ ବରଷା ହେଉଛି ।

ବନ ମହୋତ୍ସବ ଆସିଛି
ଧରଣୀ ବୁକୁରେ କୁସୁମ
ମହ ମହ ହୋଇ ବାସୁଛି ।

+ଝାଟିପଦର , ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

### ଆରେ ବଉଦ ଦେରେ ପାଣି
#### ଲୀଳାବତୀ ପରିଡ଼ା

ଆରେ ବଉଦ ଦେରେ ପାଣି
ହସି ଉଠୁ ଆମ ଧରଣୀ ରାଣୀ ।

କାହିଁ ଆମ ପରେ କରିଛୁ ମାନ
କରିବୁନି ଭୁଲ ଧରୁଛୁ କାନ ।

ବଣ ପରବତ କାଟିଲୁ ବୋଲି
ଅଭିମାନ କରି ଯାଇଛୁ ଭୁଲି ।

କଳ କାରଖାନା ବଜାର ହାଟ
ବସିବାକୁ ହୋଇଲା ଗଛ କାଟ ।

ପରିବେଶ ଆମ ବିଗିଡି ଗଲା
ଯଥା ସମୟରେ ବର୍ଷା ନ ହେଲା ।

ମୁନା ମୁନି ଭାଇ ଭଉଣୀ ସବୁ
ଧାଡ଼ି ଧାଡ଼ି ଗଛ ଲଗାଇ ଦେବୁ ।

ରଖିବୁନି ଜମା ପଡିଆ ଭୁଇଁ
ନଡ଼ିଆ ପଣସ ଦେବୁଟି ରୋଇ ।

ବଡ ହୋଇ ଦିନେ ହୋଇବ ଗଛ
ଫୁଲ ଫଳ ଭରା ଦିଶିବ ସ୍ୱଚ୍ଛ ।

କାଟିବୁନି ଗଛ କହୁଛୁ ସତ
ଗଛ ପରା ଆମ ପରାଣ ମିତ ।

+କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ - ୯୮୬୧୯୪୫୬୨୬

### ଶିଶୁଟିଏ ମୁହିଁ ଶିଶୁଟିଏ...
#### ରାମଚନ୍ଦ୍ର ବେହେରା

ଶିଶୁଟିଏ ମୁହିଁ ଶିଶୁଟିଏ
ଫୁଲ ବଗିଚାର କଢିଟିଏ
ସଦା ସତ କହି ସଭିଂକ ପରାଣେ
ଖୁସିର ମହକ ବାଣ୍ଟିଥାଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ମାଆଂକ ମୁହଁର ଗୀତଟିଏ
କୋମଳ ସ୍ୱରରେ ମିଠାକଥା କହି
ମମତାର ମଧୁ ଭରିଥାଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ସବୁରି ମୁହଁରେ ହସଟିଏ
ସଂଜ ଓ ସକାଳେ ପ୍ରାର୍ଥନା ଗାଇ ମୁଁ
ପ୍ରଭୁଂକୁ ଆଶିଷ ମାଗିଥାଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ପର ଆପଣା ମୁଁ ଭୁଲିଥାଏ
ମୋ ଶାନ୍ତ ସ୍ୱଭାବ ବିଚାରକୁ ଦେଖି
ଶତ୍ରୁ ଆସି ମୋର ମିତ୍ର ହୁଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ଗେଲ ବସରରେ ବଢିଥାଏ
ବାପାଂକ ତୋଡରେ କାନ୍ଦି ଉଠିଲେ ମୁଁ
ମାଆଂକ ଗେହ୍ଲାରେ ହସିଥାଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ଗୁରୁଜୀଂକ କଥା ମାନିଥାଏ
ଆଜିର ପାଠକୁ ଆଜି ପଢି ମୁହିଁ
ମନରେ ସାଇତି ରଖିଥାଏ ।

ଶିଶୁଟିଏ ମୁହିଁ ଶିଶୁଟିଏ
ସ୍ନେହ ମମତାର ଦୀପଟିଏ
ନିତି ଜଳି ଜଳି ପ୍ରକାଶ ବାଣ୍ଟି ମୁଁ
ଗଢିବି ସୁନ୍ଦର ଦେଶଟିଏ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

### ମେଘରେ ମେଘ ଯାଆରେ ଝରି
#### ନୀଳମଣି ଚାନ୍ଦ

ଯେଉଁଠି ଅଛି ବଣଜଙ୍ଗଲ
ସେଇଠି ମେଘ ଝରିଯା
ଯେଉଁଠି ଅଛି ମରୁଭୂଇଁରେ
ତେଣେ ଯିବାକୁ ଡରିଯା ।

ଯେଉଁଠି ଚାଷୀଭାଇର କ୍ଷେତ
ଭଲ କି ଦେବୁ ବରଷି
ତୁ ଆସିଲେ ଜଳରେ ଭରି
ଯିବ ସରିତ, ସରସୀ ।

ଇନ୍ଦିରା ପାଇଁ ଇନ୍ଦରଧନୁ
ଆଙ୍କିଦେବୁ ତୁ ମନରୁ
ତୋତେ ଦେଖିଲେ ନାଚ କରିବେ
ମୟୂର ପଲ ବନରୁ ।

ଆରେ ଆ ମେଘ ଝରିଯା
ଫୁଟୁ କଦମ୍ବ କେତକୀ
କହିବୁ ଆମେ ବର୍ଷାଋତୁର
ପାଇଁରେ ଭେଟି ସେତକି ।

ମେଘରେ ମେଘ ତୋ ଉପକାର
କେତେ ଧରିତ୍ରୀ ପାଇଁଟି
ଆମେ ଗାଇବୁ ତୋ ପରି ଦାନୀ
ନାଇଁରେ ନାଇଁ ନାଇଁଟି ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ମହାରଣୀ ସାଗର ପୁନଃରୁଦ୍ଧାର କାମ ନିମ୍ନମାନର ଅଭିଯୋଗ : ୧୦୧ ସ୍ୱୟଂ ସହାୟକ ଦଳ ହାତରେ ପୁନଃରୁଦ୍ଧାର କାମ, ବେନାମୀ ଠିକାଦାର ହାତରେ ନିର୍ମାଣ କାମ

ବଲାଙ୍ଗିର, ୨୬/୦୭ (ନି.ପ୍ର): ବଲାଙ୍ଗିର ସହରର ମହାରାଣୀ ସାଗରକୁ ପୌର ପରିଷଦ ପକ୍ଷରୁ ପୁନଃରୁଦ୍ଧାର କାମ କରାଯାଉଛି । ଏହି କାମ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି। ପୌର ପରିଷଦ ଟେଣ୍ଡର କରି ଏହି ମହାରଣୀ ସାଗର ପୁନଃରୁଦ୍ଧାର ପାଇଁ ବଲାଙ୍ଗିର ସହରର ୧୦୧ଟି ଏସଏଚଜି ଗୃପୁ କୁ ଦାୟିତ୍ୱ ଦେଇଥିବା ସୂଚନା ପ୍ରଦାନ କରିଛି। ବଲାଙ୍ଗିର ପୌର ପରିଷଦର ୧୮,୧୯ ଓ ୨୦ ନମ୍ବର ୱାଡ ମଧ୍ୟରେ ମହାରାଣୀ ସାଗର ଅବସ୍ଥିତ ଏବଂ ଏହି ଅଂଚଳର ୧୦୧ଟି ସ୍ୱୟଂ ସହାୟକ ଦଳ ମହାରଣୀ ସାଗର ପୁନଃରୁଦ୍ଧାର କାମ ଟେଣ୍ଡର ପାଇ କାର୍ଯ୍ୟ କରୁଥିବା ନେଇ ପୌର ପରିଷଦ ପକ୍ଷରୁ ଜଣା ଯାଇଛି । ତେବେ ବହୁ ପୁରାତନ ଏହି ପୋଖରୀର ପାଣି ଉପରେ ଏହି ୩ଟି ୱାଡର ବାସିନ୍ଦାଙ୍କ ସମେତ ପ୍ରାୟ ସହରର ଲୋକେ ଗାଧୋଇବା ସହ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ସମୟ ଥିଲା ଏହି ପୋଖରୀ ପାଣି ମଧ୍ୟ ଲୋକେ ପିଇବା ପାଇଁ ବ୍ୟବହାର କରୁଥିଲେ । ଏପରିକି କିଛି ବର୍ଷ ପୂର୍ବରୁ ଏହି ଜଳାଶୟର ପାଣିକୁ ସହର ମଧ୍ୟକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଉଥିଲା । କିନ୍ତୁ, କାଳକ୍ରମେ ଏହି ପୋଖରୀ ଲୋକଙ୍କ ଦ୍ୱାର ଜବରଦଖଲ ହେବା ଦ୍ୱାରା ସଂକୋଚନ ହେବା ଏବଂ ଡ୍ରେନ୍ ଓ ଲେଟ୍ରିନ ପାଣି ମହାରଣୀ ସାଗର ମଧ୍ୟକୁ ଛାଡିବା ଯୋଗୁଁ ପାଣି ଦୁସିତ ହେବା ସହ ପିଇବା ପାଇଁ ଅନୁପଯୋଗୀ ହୋଇଗଲା । ବହୁବାର ଏହାର ପୁନଃ ଉଦ୍ଧାର କାମ କରା ଯାଇଥିଲେ ମଧ ଜବରଦଖଲ ନ ହଟାଇବା ଏବଂ ପ୍ରଶାସନ ର ଆନ୍ତରିକତା ଅଭାବ ଯୋଗୁଁ ଏହି ଜଳାଶୟଟି ତାର ପୁନଃ ରୂପକୁ ଫେରି ପାରିନାହିଁ । ଗତ ୧୮ /୧୨ / ୨୦୨୩ ରେ ତତ୍କାଳିନ ଜିଲ୍ଲାପାଳ ଚଂଚଳ ରାଣା ମହାରାଣୀ ସାଗରର ପୁନଃରୁଦ୍ଧାର କାମ ପାଇଁ ଶୁଭ ଦେଇଥିଲେ । ପ୍ରକାଶ ଯେ, ବିଜେଡି ସରକାର ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୦୨୧୯ ତା.୧୦/ ୧୦/୨୦୨୩ରେ ମୁକ୍ତା ଯୋଜନାରେ ବଲାଙ୍ଗିର ମହାରାଣୀ ସାଗରର ନବୀକରଣ କରିବା ପାଇଁ ଟଙ୍କା ମଂଜୁର କରାଯାଇଥିଲା । ଏହି ଚିଠି ବଳରେ ବଲାଙ୍ଗିର ପୌର ପରିଷଦ ପତ୍ର ସଂଖ୍ୟା ୪୮୬୧ ତା.୩/୧୧/୨୦୨୩ ରେ ଟେଣ୍ଡର ଡକା ଯାଇଥିଲା । କେବଳ ୧୮,୧୯ ଓ ୨୦ ନମ୍ବର ୱାଡର ସ୍ୱୟଂ ସହାୟକ ଦଳ ଏହି ଟେଣ୍ଡର ଆବେଦନ କରି ପାରିବେ ବୋଲି ପୌର ପରିଷଦ ପକ୍ଷରୁ ସୂଚାନ ପ୍ରଦାନ କରାଯାଇଥିଲା । ପରେ ଏହି ୩ଟି ୱାଡର ୧୦୧ଟି ଏସ୍ଏଚ୍ଜି ଗୃପ ମଧ୍ୟରେ ଏହି ପୁନଃରୁଦ୍ଧାର କାମକୁ ବାଂଟି ଦିଆଗଲା । ଏହି କାମ ପାଇଁ ମୁକ୍ତା ଓ ଆମ ପୋଖରୀ ଯୋଜନାରେ ୧୨କୋଟି ୧୮ ଲକ୍ଷ ଟଙ୍କା ମଂଜୁର ହୋଇଥିବା ବେଳେ ୮କୋଟି ୩୩ଲକ୍ଷ ଟଙ୍କା ପୌର ପରିଷଦକୁ ମହାରଣୀ ସାଗରର ପୁନଃ ଉଦ୍ଧାର କାମ ପାଇଁ ଆସିଛି ବୋଲି ପୌର ପରିଷଦ ସୂଚନା ଦେଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, କୋଟି କୋଟି ଟଙ୍କାର କାମ କିପରି ଭାଗ ଭାଗ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ବାଂଟି ଦିଆଗଲା । ଦଳ ସଫା, ପଙ୍କ ଉଦ୍ଧାର, ମାଟି ଖନନ ଓ ସୌନ୍ଦର୍ଯ୍ୟକରଣ ପାଇଁ ଟ୍ରାକ୍ଟର, ଗାଡି, ଜେସିପି ସମେତ ବହୁ ଯନ୍ତପାତି ଆବଶ୍ୟକ ଥିବା ବେଳେ ଏସଏଚଜି ଗୋଷ୍ଠୀ କିପରି ଏହାକୁ ସୁଚାରୁ ରୂପେ କରିପାରିବେ ତାକୁ ନେଇ ସାଧାରଣରେ ପ୍ରଶ୍ନବଚୀ ସୃଷ୍ଟି ହୋଇଛି । ଯେଉଁ ଏସ୍ଏଚ୍ଜି ମାନେ ଏହି କାମ ନେଇଛନ୍ତି ସେମାନେ କାମ ଯାଗାରେ ଦେଖାଯାଉ ନାହାନ୍ତି । ସାଗରର ପାଣି କାଟିବା ଏବଂ ମାଟି ସୁଖିବା ପରେ ମାତ୍ର ୨୫ରୁ ୩୦ ଦିନ ଭିତରେ କିଛି ଗାଡି ଓ ଜେସିପି ଲଗାଇ ମାଟି କାଢି ବନ୍ଧ ହିଡ ଉପରେ ଏବଂ ସାଗର ମଧ୍ୟରେ ଖନନ ମାଟିକୁ ନେଇ ଦୁଇଟି ଟାପୁ ତିଆରି କରାଯାଇଛି । ଜୁଲାଇ ମାସ ପୁରିବାକୁ ବସିଲାଣି ସେପଟେ ବର୍ଷା । ତେବେ ଏସଏଚଜି ଗୃପମାନଙ୍କୁ ଆଗରେ ରଖି ଏହି ସବୁ କାମକୁ ଜଣେ ବେନାମୀ ଠିକାଦାର କରୁଥିବା ନେଇ ଜଣାଯାଇଛି । ମାତ୍ର ୪୦ ପ୍ରତିଶତ କାମ କରି ସମସ୍ତ ଟଙ୍କା ଚଳୁ କରିବାକୁ ପୌର ପରିଷଦର କିଛି ଆସାଧୁ କର୍ମଚାରୀ ଏବଂ ସ୍ଥାନୀୟ ନେତାଙ୍କ ସହ ଉକ୍ତ ଠିକାଦାର ଜଣକ ମସୁଧା ଚଳାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

# ବାବୁରାଜ୍ ଓ ଶୋଷଣରେ ଚାଲିଛି ସମ୍ବଲପୁର ମହାନଗର ନିଗମ : ସୂର୍ଯ୍ୟ ପାଣିଗ୍ରାହୀ

ସମ୍ବଲପୁର, ୨୬/୦୭ (ନି.ପ୍ର): ପଶ୍ଚିମ ଓଡ଼ିଶାର ରାଜଧାନୀ ସମ୍ବଲପୁର ସହରରେ ହାଇକୋର୍ଟ ଆନ୍ଦୋଳନର ୪୨ ଦିନିଆଁ ରିଲେ ଅନଶନ ଆନ୍ଦୋଳନ ଚାଲିଥିବା ସମୟରେ ଏହି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ରାଜ୍ୟର ବିଗତ ନବୀନ ସରକାର ପକ୍ଷରୁ ଘୋଷଣା ହେଲା ସମ୍ବଲପୁର ମହାନଗର ନିଗମ କ୍ଷ ମାତ୍ର ଇତି ମଧ୍ୟରେ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିଯାଏ ଜନ ପ୍ରତିନିଧି ଚୟନ ପାଇଁ ପୌର ନିର୍ବାଚନ ହୋଇପାରି ନାହିଁ କ୍ଷ ବିଭିନ୍ନ ଆଳ ଦେଖାଇ ବିଜୁ ଜନତା ଦଳ ସରକାର ମହାନଗର ନିର୍ବାଚନ ଠାରୁ ଦୂରେଇ ରହିଲା କ୍ଷ ଯାହାର ଫଳ ସ୍ୱରୂପ ଦୁର୍ନୀତି ଗ୍ରସ୍ତବାବୁ ମାନଙ୍କୁ ରାଜ୍ କରିବାର ମୌକା ମିଳିଗଲା କ୍ଷ ସେହି ଦିନଠାରୁ ଯେତେ ଯାହା ଆନ୍ଦୋଳନ ଓ ଅଭିଯୋଗ କଲେ ମଧ୍ୟ ସହରବାସୀଙ୍କ ଦୁର୍ଦ୍ଦଶାର ଅନ୍ତ ହେବା ବଦଳରେ ସମସ୍ୟା ବଢ଼ିବଢ଼ି ଚାଲିଛି ବୋଲି ଆଜି ବରିଷ୍ଠ ବିଜେପି ନେତା ତଥା ସମ୍ବଲପୁର ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସକ୍ଷମ' ର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଓ ଦେଓ କିରଣ ପଟ୍ଟନାୟକ ମିଳିତ ଭାବେ ଏକ ପ୍ରେସ ବିଜ୍ଞପ୍ତିରେ କ୍ଷୋଭ ପ୍ରକାଶ କରିଛନ୍ତି କ୍ଷ ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ପଟ୍ଟନାୟକ ସୂଚାଇଛନ୍ତି ଯେ, ଏହି ମହାନଗର କାର୍ଯ୍ୟାଳୟରେ ଏବେବି ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନେକ ଦୁର୍ନୀତିଗ୍ରସ୍ତ ବାବୁମାନେ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ପରିବର୍ତେ ସାମାନ୍ୟ ତମ ଶୁଣୁନଥିବା ଅଭିଯୋଗ ହେଉଛି । ବିଭିନ୍ନ ପଦପଦବୀରେ ଥିବା ନିର୍ଦ୍ଦିଷ୍ଟ ଅଧିକାରୀ ଓ ବାବୁ ମାନେ ଯାନ୍ତିକ, ବୈଷୟିକ ତଥା ଆକାଉଂଟ ବିଭାଗରେ ଦୀର୍ଘ ଦିନ ହେଲା ଅବସ୍ଥାପିତ ରହିଛନ୍ତି । ଏପରିକି ରାଜନୈତିକ ଛତ୍ରଛାୟା ତଳେ ଥିବା ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସରକାରଙ୍କ କୌଣସି ବଦଳି ନିୟମ ଏକରକମର ଫୁ' ହୋଇଯାଇଛି । ଯଦ୍ୱାରା ଗୋଟିଏ ଗୋଟିଏ ଆସନରେ ବର୍ଷ ବର୍ଷ ଧରି କର୍ତବ୍ୟ ସମ୍ପାଦନ କରୁଥିବା ଆଳରେ ବହୁ ଦୁର୍ନୀତି ଓ ଶୋଷଣ କରୁଥିବା ଭଳି ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି । ଏପରିକି ଅନେକ ବେନିୟମ କାର୍ଯ୍ୟ ସାଧାରଣରେ ନଜରକୁ ଆସୁଥିଲେ ମଧ୍ୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ବୋଲି ଆଜି 'ସକ୍ଷମ' ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ପ୍ରସଙ୍ଗ ଏକ ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ତୁରନ୍ତ ବିଚାରକୁ ନେଇ ସମ୍ବଲପୁର ମହାନଗର ନିଗମରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ଅଧିକାରୀ ଓ ବାବୁମାନଙ୍କୁ ଅନ୍ୟତ୍ର ବଦଳି କରାଯିବା ପାଇଁ ଶ୍ରୀ ପାଣିଗ୍ରାହୀ ଓ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି । ଏହା କାର୍ଯ୍ୟକାରୀ ହେଲେ ନିଶ୍ଚିତ ଭାବରେ ସମ୍ବଲପୁର ମହାନଗର ନିଗମରେ ବିଭିନ୍ନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇପାରିବା ସହ ସମସ୍ତ ଜନସାଧାରଣ ପୂର୍ଣ୍ଣମାତ୍ରାରେ ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପାଇ ଉପକୃତ ହୋଇପାରନ୍ତେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ବଲାଙ୍ଗୀର ଜିଲ୍ଲା ବେଡମିଂଟନ ଚମ୍ପିୟନସିପ ଉଦ୍ଘାଟିତ : ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଯୋଗଦାନ

ବଲାଙ୍ଗିର, ୨୬/୦୭ (ନି.ପ୍ର): ଆଜିଠାରୁ ବଲାଙ୍ଗୀର ପିଆରହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ବେଡମିଂଟନ ଚମ୍ପିୟାନସିପ ଆରମ୍ଭ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାପାଳ ଶୀବାଜୀ ଗୌରବ ଇସଲୱାର ମୁଖ୍ୟଅତିଥି ଓ ଏସପି ରଷିକେଶ ଦ୍ୟାନ ଖିଲାରୀ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି । ଜୁଲାଇ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚମ୍ପିୟାନସିପ ପ୍ରତିଯୋଗୀତାରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ, କଂଟାବାଞ୍ଜି, ଟିଟିଲାଗଡ, ତୁଷୁରା ସମେତ ଅନ୍ୟାନ୍ୟ ଅଂଚଳର ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ଉଭୟ ବାଳକ, ବାଳିକା ମିନିଟ ସବ ଜୁନିଅର, ଜୁନିଅର ପୁରୁଷ ଓ ମହିଳା ସମେତ ସମସ୍ତ ଭେଟେରାନ ବୟସ ବର୍ଗରେ ସିଙ୍ଗଲସ୍ ଓ ଡବଲ୍ସ ଚମ୍ପିୟାନସିପ ପ୍ରତିଯୋଗୀତା ହେବ । ଜିଲ୍ଲା ବେଡମିଂଟନ ଏସୋସିଏସନର ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଶିବାଜୀ ଗୌରବ ଇସଲୱାର, ସମ୍ମାନୀତ ଅତିଥି ଭାବରେ ଏସପି ରଷିକେଶ ଦ୍ୟାନ ଖିଲାରୀ, ପିଆର ହାଇସ୍କୁଲର ପ୍ରଧାନଶିକ୍ଷୟାତ୍ରୀ ସନ୍ତୋଷିନୀ ସେଠୀ, ଜିଲ୍ଲା କ୍ରୀଡାଧିକାରୀ ପରାସର ବାଘ, ଜିଲ୍ଲା ବେଡମିଂଟନ ଅସୋସିଏସନର ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା ଉପସଭାପତି ଘନଶ୍ୟାମ ମିଶ୍ର ମଂଚାସୀନ ଥିଲେ । ଜିଲ୍ଲାପ୍ରଶାସନର ସହଯୋଗରେ ଓ ଜିଲ୍ଲା ବେଡମିଂଟନ ଏସୋସିଏସନ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ଚମ୍ପିୟନସିପକୁ ୧୨ଜଣ ଟିଓ ଯଥା ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥି, ସିଦ୍ଧାର୍ଥ ମିଶ୍ର, ସୁଶାନ୍ତ ମହାନ୍ତି, ପବନ ସାହୁ, ବୈଷ୍ଣବ କବାଟ, ଉପେନ୍ଦ୍ର ଚନ୍ଦନ, ସ୍ୱରୂପ ପଧାନ, ସ୍ମରଣିକା ବେହେରା, ରୋଶନ ଜୈନ, ସୁରେନ୍ଦ୍ର ନେପାଳ, କବି ଠାକୁର, କାନୁ ଲାଲ, ଆକ୍ରମଣ ଖାଁ ପ୍ରମୁଖ ଖେଳ ପରିଚାଳନା କରୁଥିବା ବେଳେ ହେମନ୍ତ ପଧାନ ଚିଫ ରେଫରୀ ଏବଂ ଚନ୍ଦ୍ର ଶେଖର ମିଶ୍ର ସହକାରୀ ମୁଖ୍ୟ ରେଫରୀ ରେଫରି ଭାବେ ସମସ୍ତ ଖେଳ ପରିଚାଳନା ଦାୟିତ୍ୱରେ ଅଛନ୍ତି । ଜିଲ୍ଲାସ୍ତରରେ ଏଭଳି ଏକ ଅତ୍ୟାଧୁନିକ ଇଣ୍ଡୋରଷ୍ଟାଡିୟମ ଯେଉଁ ଠାରେ କି ବ୍ଲକ ସ୍ତରରୁ ଜାତୀୟ ଚାମ୍ପିୟନସିପ ସଫଳତାର ସହ ଆୟୋଜନ ହୋଇସାରିଛି, ସେହି ଭିତିଭୂମିରୁ ଆମ ଛାତ୍ରଛାତ୍ରୀ ଓ କ୍ରୀଡାବିତ ମାନେ ନିଶ୍ଚୟ ସୁଫଳ ପାଇବେ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର କହିଥିଲେ । ସୁରୁଲାଲ ମଟାରୀ କାର୍ଯ୍ୟକ୍ରମ ଓ ଚାମ୍ପୟନସିପ ବିଷୟରେ ସୂଚନା ଦେଇଥିଲେ ।

## ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ

କୋରେଇ, ୨୬/୦୭ (ନି.ପ୍ର): ଭାରତୀୟ ମଜଦୁର ସଂଘର ଯାଜପୁର ଜିଲ୍ଲା କମିଟି ପକ୍ଷରୁ କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସଭାଗୃହରେ ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ସଭାରେ ଯାଜପୁର ଜିଲ୍ଲା ବିଏମଏସର ଉପସଭାପତି ତଥା ଜିଲ୍ଲା ଆଶ କର୍ମୀ ସଂଗଠନର ସଭାପତି ଶ୍ରୀମତୀରେ ପୁଷ୍ପଲତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସମ୍ପାଦିକ ସୁଷମା ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ତଥା ଜିଲ୍ଲା ପ୍ରଭାରୀ ପ୍ରଫୁଲ୍ଲ ଜେନା ଯୋଗଦେଇ କାର୍ଯ୍ୟକର୍ତା ମାନଙ୍କୁ ମାର୍ଗ ଦର୍ଶନ କରିବା ସଂଗେ ସଂଗେ ଭାରତୀୟ ସଜଦୁର ସଂଘ ଯାଜପୁରକୁ ରାଜ୍ୟରେ ଏକ ନମ୍ବର କରିବା ପାଇଁ ଦୃଢୋକ୍ତି ପ୍ରଦାନ କରିଥିଲେ । ଏହି ସଭାରେ ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥିଭାବେ ବରିଷ୍ଠ ସମାଜସେବୀ ପଦ୍ମଲୋଚନ ମଲ୍ଲିକ ଯୋଗଦେଇ କାର୍ଯ୍ୟକର୍ତା ମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ସଂଘର ବିରିଷ୍ଠ ସଦସ୍ୟ ଗଣେଷ ପଣ୍ଡା, ରାଜେଶ ପଣ୍ଡା, ସମାଜସେବୀ ବସନ୍ତ ନାୟକ, ନାରାୟଣ କର, ଓ ବିଶ୍ୱଭାଇ ମଧ୍ୟ ଉପସ୍ଥିତ ଥିଲେ । ସର୍ବଶେଷରେ ଆଶ କର୍ମୀ ସୀତା ଅପା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋଟୁଠାରେ ଅଟକିଥିବା ମାଲବାହି ଗାଡି ଡ୍ରାଇଭରଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା: ଅନ୍ୟ ରାସ୍ତା ଦେଇ ଯିବାକୁ ପରାମର୍ଶ

ମାଲକାନଗିରି, ୨୬/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବର୍ଷା ପ୍ରକୋପ ଥମିଛି, କିନ୍ତୁ ବନ୍ୟା ପରବର୍ତୀ ଦୁର୍ଦ୍ଦଶା ବଢ଼ିଛି । ଗୋଦାବରୀ ନଦୀର ଜଳସ୍ତରରେ ବିଶେଷ ପରିବର୍ତନ ହୋଇନାହିଁ । ଯାହାଫଳରେ ମାଲକାନଗିରି ଜିଲ୍ଲାରୁ ଆନ୍ଧ୍ର ଏବଂ ତେଲେଙ୍ଗାନାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ବିରାଟ ଘାଇ ସୃଷ୍ଟି ହୋଇଛି । ଆନ୍ଧ୍ରର ଚିନ୍ତୁର ନିକଟରେ ହୋଇଥିବା ଏହି ଘାଇ ଯୋଗୁଁ ଗାଡ଼ି ଚଳାଚଳ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ।ତେଣୁ ମୋଟୁ ନିକଟରେ ସପ୍ତାହେ ହେଲା ଓଡ଼ିଶାର ଶହ ଶହ ଟ୍ରକ୍ ଅଟକି ରହିଛି । ଗୋଦାବରୀ ନଦୀ ପାଣି ଆଜି ବି ଓଡ଼ିଶାର କିଛି ଅଂଚଳକୁ ବୁଡ଼ାଇ ରଖିଥିଲା । ବିଶେଷ କରି ମୋଟୁ ଅଂଚଳ ଗୋଦାବରୀ ପାଣି ପାଇଁ ସର୍ବାଧିକ ପ୍ରଭାବିତ ହୋଇଛି । ସଂପୂର୍ଣ୍ଣ ପାଣି ନିଷ୍କାସନ ହେବାକୁ ଆହୁରି ଦୁଇରୁ ତିନି ଦିନ ଲାଗିଯିବ ବୋଲି କୁହାଯାଉଛି । ଯଦି ଏହାରି ମଧ୍ୟରେ ପୁଣି ବର୍ଷା ବଢ଼ିବ ତେବେ ସ୍ଥିତି ଅଧିକ ଖରାପ ହେବା ନିଶ୍ଚିତ ।ଅପରପକ୍ଷରେ ଓଡ଼ିଶାରୁ ଆନ୍ଧ୍ର ଓ ତେଲେଙ୍ଗାନା ଅଭିମୁଖେ ବାହାରିଥିବା ଟ୍ରକ୍ ଗୁଡ଼ିକ ସିଲେରୁ ପୋଲ ନିକଟରେ ଅଟକି ରହିଛି । କାରଣ ଆନ୍ଧ୍ରର ଚିନ୍ତୁର ଠାରେ ବିରାଟ ଘାଇ ହୋଇ ପ୍ରବଳ ବେଗରେ ବନ୍ୟାଜଳ ପ୍ରବାହିତ ହେଉଛି । ସପ୍ତାହେ ହେଲା ଟ୍ରକ୍ ଅଟକି ରହିଥିବାରୁ ଡ୍ରାଇଭରମାନେ ଦୁର୍ଦ୍ଦାଶର ସମ୍ମୁଖୀନ ହେଉଛନ୍ତି । ଅଟକିଥିବା ଟ୍ରକ୍ ମଧ୍ୟରୁ ଅଧିକାଂଶ ଝାରସୁଗୁଡ଼ାରୁ ମାଲ୍ ନେଇ ବାହାରିଥିଲେ । ଟ୍ରକ୍ ନିକଟରେ ହିଁ ରୋଷେଇ କରି ଡ୍ରାଇଭର ଖାଉଛନ୍ତି । ସେହିପରି ଟ୍ରକ୍ ଡ୍ରାଇଭର ସ୍ଥାନୀୟ ଭାଷା ବୁଝି ପାରୁନଥିବାରୁ ଟମାଟୋ କିଲୋ ୧୬୦ ଟଙ୍କା ଏବଂ କଂଚାଲଙ୍କା କିଲୋ ଆସୁଥିବାରୁ ଡ୍ରାଇଭର ଅକଳରେ ପଡ଼ିଛନ୍ତି ।ଏହି ବିଷୟରେ ପ୍ରଶାସନ ଅବଗତ ହେବାପରେ ଜିଲ୍ଲାପାଳ ସଚିନ ପାୱାର, କାଲିମେଲା ବି ଡି ଓ ପ୍ରଦୀପ କୁମାର କର, ମୋଟୁ ତହସିଲଦାର ପ୍ରଭାସ କୁମାର ବଡେକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ଯାଇ ଆନ୍ଧ୍ରପଟେ ରାସ୍ତା ଖରାପ ରହିଥିବାରୁ ଆମେ କିଛି କରିପାରିବୁ ନାହିଁ । ଛତିଶଗଡ଼ ଦେଇ ଯିବାପାଇଁ ପରାମର୍ଶ ଦେଇଛନ୍ତି । ତେବେ ଯେଉଁ ଭଳି ସ୍ଥିତିରେ ଟ୍ରକ୍ ଗୁଡ଼ିକ ରହିଛି ଗୋଟିଏ ଫୁଟ୍ ପଛକୁ ଘୁଂଚିବା ଅସମ୍ଭବ । ତେଣୁ କିଭଳି ଗାଡ଼ିକୁ ପଛକୁ କରିବେ ବୋଲି ପ୍ରଶ୍ନ କରିଛନ୍ତି । ଏମିତି ସ୍ଥିତିରେ ପ୍ରଶାସନ ରନ୍ଧାଖାଦ୍ୟ ବ୍ୟବସ୍ଥା କରିବାକୁ ଦାବି କରିଥିଲେ, କିନ୍ତୁ ଆଜି ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ମୋଟୁ ତହସିଲଦାର ଡ୍ରାଇଭର ମାନଙ୍କୁ ଡାଲି, ଚାଉଳ ଇତ୍ୟାଦି ଶୁଖିଲା ଖାଦ୍ୟ ଦେଇ ସେମାନଙ୍କୁ ଛତିଶଗଡ ଦରନାପାଲ ଦେଇ ଯିବାକୁ କହିଥିଲେ, ଅପରାହ୍ନ ରେ ମୋଟୁ ଠାରେ ଅଟକି ଥିବା ମାଲ ବାହି ଗାଡିଗୁଡିକ ପଡିଆ ଦରନାପାଲ ଦେଇ ଯାଉଥିବା ପରିଲକ୍ଷିତ ହୋଇଛି ।

# ହିନ୍ଦୀ ଶିକ୍ଷଣ ନବୀକରଣ ପାଠ୍ୟକ୍ରମର ସମାପନ ସମାରୋହ ଅନୁଷ୍ଠିତ

ଜୟପୁର, ୨୬/୦୭ (ନି.ପ୍ର): ଜଗଦୀଶ ଚନ୍ଦ୍ର ନାୟକ ହାଇସ୍କୁଲ, ଜୟପୁର ଠାରେ ଚାଲିଥିବା ହିନ୍ଦୀ ଶିକ୍ଷଣ ନବୀକରଣ ପାଠ୍ୟକ୍ରମର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି । କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ପ୍ରାୟୋଜିତ ଭୁବନେଶ୍ୱର କେନ୍ଦ୍ର ତଥା କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ୱାବଧାନରେ ଗତ ୧୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସମାରୋହ ରେ ଜିଲ୍ଲାର ୭୦ ଜଣ ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଆଂଚଳିକ ନିର୍ଦ୍ଦେଶକ ଡ. ରଞ୍ଜନ ଦାଶ, ସମ୍ବଲପୁର ହିନ୍ଦୀ ଶିକ୍ଷଣ, ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଭାଷାବିତ୍ ଡ. ଲକ୍ଷ୍ମୀଧର ଦାଶ ଏବଂ ହାଇଦ୍ରାବାଦ ହିନ୍ଦୀ ଶିକ୍ଷଣ ସଂସ୍ଥାନର ପ୍ରାଧ୍ୟାପକ ଡ. ଚନ୍ଦ୍ର ପ୍ରତାପ ସିଂ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ହିନ୍ଦୀ ଶିକ୍ଷଣ ପଦ୍ଧତି ତଥା ବ୍ୟାକରଣିକ ଉପଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ସମାପନ ସମାରୋହରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା, ମୁଖ୍ୟବକ୍ତା ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ହିନ୍ଦୀ ବିଭାଗ ମୁଖ୍ୟ ଡ. ଚକ୍ରଧର ପ୍ରଧାନ ଏବଂ ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ଦୀପ ଯୋଗଦେଇଥିଲେ । ଡ.ରଂଜନ ଦାଶଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଶିକ୍ଷକ ଭଗବାନ ସାବତ ଓ ରାଧାକାନ୍ତ ରାଉତ ସଭା ପରିଚାଳନା କରିଥିଲେ । ଏହି ଅବସରରେ କୋରାପୁଟ ଜିଲ୍ଲାର ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଲିଖିତ ପତ୍ରିକା 'ଶାବର ସଂଦେଶ' ଉନ୍ମୋଚିତ ହୋଇଥିଲା । ଏଥିରେ ରନ୍ଗର୍ଭା କୋରାପୁଟ ଜିଲ୍ଲାର ଜୀବନ ଶୈଳୀ, ସଂସ୍କୃତି ତଥା ପ୍ରାକୃତିକ ପରିବେଶରେ ଐତିହାସିକ ପୃଷ୍ଠଭୂମି ସ୍ଥାନିତ ହୋଇଛି । ଭାଷାବିତ୍ ଶ୍ରୀ ଭଗବାନ ସାବତଙ୍କ ସମ୍ପାଦନାରେ ପ୍ରକାଶିତ ପ୍ରାୟ ୧୫୦ ପୃଷ୍ଠା ସମ୍ବଳିତ 'ଶାବର ସଂଦେଶ' ର ପ୍ରତିଲିପି କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ, ଆଗ୍ରା ଓ ଭୁବନେଶ୍ୱର ଶାଖାରେ ସଂରକ୍ଷିତ ରଖିବାକୁ ପ୍ରଦାନ କରାଗଲା । ଏହି ସମାବେଶରେ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ସଭାପତି ଶ୍ରୀ ପ୍ରଦୀପ କୁମାର ଖୋସଲା ତଥା ଅନ୍ୟ କର୍ମକର୍ତାଙ୍କ ସମେତ ସମସ୍ତ ହିନ୍ଦୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଏହାକୁ ସଫଳ ରୂପାୟନ ଦେଇଥିଲେ । ଅପରାହ୍ନ ୬ଟା ସମୟରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ପ୍ରମାଣ ପତ୍ର ଓ ରିଲିଭ୍ ଅର୍ଡର ନେଇ ନିଜ ନିଜର ବିଦ୍ୟାଳୟ ଅଭିମୁଖେ ଯାଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏନଏସଏସ୍ ବ୍ୟୁରୋ ପକ୍ଷରୁ ସଫେଇ ଅଭିଯାନ ଆୟୋଜିତ

ଜୟପୁର, ୨୬/୦୭ (ନି.ପ୍ର): ଗଭୀର ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପକ୍ଷରୁ ଗତ ୨୦୨୪ ଜୁଲାଇ ୨୪ ତାରିଖରେ ଏକ ଉଲ୍ଲେଖନୀୟ ଏନଏସଏସ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ପ୍ରଦୂଷଣମୁକ୍ତ ସମାଜର ବିକାଶ ପାଇଁ ଅସାଧାରଣ ଜ୍ଞାନର ପ୍ରଭାବଶାଳୀ କାର୍ଯ୍ୟର ପ୍ରୟୋଗ । ଏକାଡେମିକ ବ୍ଲକ ପରିସରରେ ଆୟୋଜିତ ଏହି ସଫେଇ ଅଭିଯାନରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଭାଷା ବିଭାଗର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ମୁଖ୍ୟ ୱାର୍ଡେନ୍ ଡ. କପିଳ ଖେମୁଣ୍ଡୁ, ଡିନ୍ ଛାତ୍ର କଲ୍ୟାଣ ଡ. ରାମେନ୍ଦ୍ର କୁମାର ପାଢ଼ୀ, ଏନଏସଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଟି. ଅଞ୍ଜନେୟୁଲୁ ଯୋଗ ଦେଇଥିଲେ । କୁଳପତି ପରିବେଶକୁ ସମ୍ମାନ ଦେବା ବିଷୟରେ ମୂଲ୍ୟବାନ ସୂଚନା ଦେଇ କହିଲେ, 'ଏହି ପଦକ୍ଷେପ ଏକ ସ୍ୱଚ୍ଛ ଏବଂ ସବୁଜ କ୍ୟାମ୍ପସକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି । ବିଭିନ୍ନ ସଂକଳ୍ପ ଓ ଜୀବନ୍ତ ଆଭିମୁଖ୍ୟ ରେ ପରିଚିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଗୋପବନ୍ଧୁ ଦାସ, ମହମ୍ମଦ ବାଜି ଓ ଗଙ୍ଗାଧର ମେହେରଙ୍କ ଭଳି ଐତିହାସିକ ଜନନାୟକଙ୍କ ନାମରେ ନାମିତ ହୋଇଥିଲେ । ଜଣେ ମୁଖ୍ୟଙ୍କ ସମେତ ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ପ୍ରତ୍ୟେକ ଗ୍ରୁପ୍ ଆନ୍ତରିକତାର ସହ ଅଂଶଗ୍ରହଣ କରିଥିଲେ । ପ୍ରାୟ ୧୫୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ସମଗ୍ର କାର୍ଯ୍ୟକ୍ରମରେ ସକାରାତ୍ମକ ଦୃଷ୍ଟିକୋଣ ଏବଂ ସକ୍ରିୟ ଅଂଶଗ୍ରହଣ ପ୍ରଦର୍ଶନ କରିଥିଲେ । ପ୍ଲାଷ୍ଟିକ, ବର୍ଜ୍ୟ ବୋତଲ, ପଲିଥିନ୍ ଓ ରାପର୍ ଭଳି ଆବର୍ଜନା ସଂଗ୍ରହ କରାଯାଇଥିଲା । କ୍ଷତିକାରକ ସାମଗ୍ରୀ ବ୍ୟବହାର କରିବା ପରିବର୍ତେ ଛାତ୍ରଛାତ୍ରୀଙ୍କୁ ଜୁଟ୍ ବ୍ୟାଗ, କାଗଜ ସାମଗ୍ରୀ ଓ ବାଉଁଶ କାରିଗରୀ ଭଳି ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପ୍ରୋତ୍ସାହିତ କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

## କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ

ମାଲକାନଗିରି, ୨୬/୦୭ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ, ଆଜିର ଏହି ଗ୍ରାମସଭାକୁ କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ ସଭାପତିତ୍ୱ କରିଥିଲାବେଳେ, ଅନ୍ୟ ମାନଙ୍କ ମଧ୍ୟରେ ନାଏବ ସରପଂଚ ହସମତି ହନ୍ତାଳ, ପିଇଓ ରେବତୀନାଥ ମାଝୀ,ବି.ଆର.ସି ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ । ମଳତ୍ୟାଗରୁ ଗାଁ କୁ ମୁକ୍ତ ରଖିବା ଓ ପରିମଳ ବ୍ୟବସ୍ଥାର ସଠିକ ନିରାକରଣ ସହ ଗାଁ ପରିବେଶ ସ୍ୱଚ୍ଛ ରଖିବାକୁ ଉଦ୍ୟମ କରି ନିଜ ଗାଁକୁ ଏକ ଆଦର୍ଶ ଗ୍ରାମ ରେ ପରିଣତ କରିବା ପାଇଁ ସଭାର ସଭାପତି ଶ୍ରୀ ମାଢୀ ସମସ୍ତଙ୍କୁ ଆହ୍ୱାନ କରିଥିଲେ ଓ ଆଗାମୀ ୩୧ ତାରିଖ ସୁଦ୍ଧା ଏହାର ସବିଶେଷ ବିବରଣୀ ଦେବାପାଇଁ , ସଭାରେ ଉପସ୍ଥିତ ୧୯ ଜଣ ୱାର୍ଡ଼ ସଭ୍ୟ ଓ ଗ୍ରାମ ସାଥିଙ୍କୁ ଅନୁରୋଧ କରିଛନ୍ତି । ଆଜି ଏହି ଅବସରରେ କୁଡୁମୁଲୁଗୁମ୍ମା ଗ୍ରାମ ପଂଚାୟତର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ ।

# ବାଳିକାକୁ ଅପହରଣକୁ ୧୫ ଦିନ ବିତିଲା: ଠାବ କରିବାରେ ପୁଲିସ ବିଫଳ

କୋରେଇ, ୨୬/୦୭ (ନି.ପ୍ର): ଗତ ଜୁଲାଇ ୯ତାରିଖ କୁଆଖିଆ ଥାନା ଅନ୍ତର୍ଗତ ପାଂଚଗୋଛିଆ ଗ୍ରାମରୁ ଜଣେ ନାବାଳିକାକୁ ଅପହରଣ କରିବାର ୧୫ ଦିନ ବିତିଯାଇଥିଲେ ବି ପୁଲିସ ହାତବାନ୍ଧି ବସିଛି । ନାବାଳିକା ଓ ଅପହରଣକାରୀକୁ ଠାବ କରିବା ପରିବର୍ତେ ଘଟଣାର ତଦନ୍ତ ମଧ୍ୟ କରୁନାହାନ୍ତି । ଯାହା ଫଳରେ ବାରମ୍ବାର ଥାନାକୁ ଦୌଡି ନା ବଳିକାର ପରିବାର ନୟାନ୍ତ ହେବା ପରେ ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ନାବାଳିକା ଉଦ୍ଧାର ଓ ଅପହରଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଛନ୍ତି । ପ୍ରକାଶଯେ କୁଆଖିଆ ଥାନା ପାଂଚଗୋଛିଆ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ନାବାଳିକ କନ୍ୟା (୧୭)କୁ ନିକଟସ୍ଥ ମିର୍ଜାପୁର ଗ୍ରାମର ଭଗବାନ ମଳିକଙ୍କ ପୁଅ ସ୍ମୃତିରଂଜନ ଗତ ଜୁଲାଇ ୯ ତାରିଖ ରାତ୍ରୀରେ ଅପହରଣ କରିନେଇଥିଲା । ଏନେଇ ପ୍ରଶାନ୍ତ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ ଏକ ମାମଲା ୩୦୮/୨୪ ରୁଜ୍ଜୁ କରାଯାଇଛି । ହେଲେ ଘଟଣାର ୧୫ ଦିନ ବିତିଯାଇଥିଲେ ବି ପୁଲିସ ସେମାନଙ୍କୁ ଠାବ କରିବାରେ ବିଫଳ ହୋଇଛି । ଏମିତିକି ଘଟଣାର ତଦନ୍ତ ମଧ୍ୟ ଆରମ୍ଭ କରୁନାହିଁ । ସମସ୍ତ ବିଷୟରେ ବାରମ୍ବାର ପ୍ରଶାନ୍ତଙ୍କ ପକ୍ଷରୁ ଥାନା ସହିତ ଯୋଗାଯୋଗ କଲେବି ପୁଲିସ କାର୍ଯ୍ୟାନୁଷ୍ଠାନ ପରିବର୍ତେ ଚୁପ ରହୁଛି । ଫଳରେ ଥାନାକୁ ବାରମ୍ବାର ଦୌଡି ନିରାଶ ହେବା ପରେ ପ୍ରଶାନ୍ତ ସସ୍ତୀକ ଏସପିଙ୍କୁ ଭେଟି ଗୁହାରୀ କରିଛନ୍ତି ।

# ଭାସିଗଲା ଅସ୍ଥାୟୀ ବାଉଁଶ ପୋଲ: ଅସୁବିଧାର ସମ୍ମୁଖୀନ ହେଲେ ଜନସାଧାରଣ

ଧର୍ମଶାଳା, ୨୬/୦୭ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ବୋଦୁଅ ପଂଚାୟତ ଏରଡାଠାରେ ତନ୍ତୀଘାଇ ନଦୀ ଶାଖା ଚିଙ୍ଗୁଡିଆ ନାଳରେ ଏକ ଅସ୍ଥାୟୀ ବାଉଁଶ ପୋଲ ଭାସି ଯାଇଥିବା ଜଣାପଡିଛି । ତେବେ ଲଗାଣ ବର୍ଷା ହେବା ଫଳରେ ଜଳ ସ୍ତର ବୃଦ୍ଧି ପାଇବା ସାଂଗକୁ ବନ୍ୟା ଜଳ ପ୍ରବେଶ ଫଳରେ ଏହି ଅସ୍ଥାୟୀ ପୋଲଟି ବୁଧବାର ବିଳମ୍ବିତ ରାତିରେ ଭାସି ଯାଇଥିବା ଜଣାପଡିଛି । ଏହି ବାଉଁଶ ପୋଲ ଭାସି ଯିବା ଫଳରେ ଯାତାୟତ ଠପ୍ ହୋଇଯାଇଛି । ଫଳରେ ଏବେ ସ୍ଥାନୀୟ ଲୋକେ ଡଙ୍ଗା ଉପରେ ଭରସା କରି ଯାତୟତ କରିବେ ବୋଲି ଜଣାଯାଇଛି । ଡଙ୍ଗାରେ ସାଇକେଲ, ମଟରସାଇକେଲ ଓ ବାଟୋଇମାନେ ଘଂଟା ଘଂଟା ଧରି ଡଙ୍ଗାକୁ ଅପେକ୍ଷା କରି ନାଳ ପାରି ହେବେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ଥାନୀୟ ଅଂଚଳବାସୀଙ୍କ ନିଜସ୍ୱ ଉଦ୍ୟମ ଫଳରେ ଏଠାରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରିଥାନ୍ତି । ଯାହା ଦ୍ୱାରା ଏହି ବାଉଁଶ ନିର୍ମିତ ପୋଲରେ ୬ ମାସ ଧରି ଶହଶହ ଲୋକେ କମ୍ ସମୟରେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି । ଏହି ପୋଲ ଭାସିବା ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି ।

# ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷଣ ଦିବସ ପାଳିତ

ମାଲକାନଗିରି, ୨୬/୦୭ (ନି.ପ୍ର): ଚିତ୍ରକୋଣ୍ଡା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ମମତା କୁମାରୀ ଝଡିଆ ଙ୍କ ସଭାପତିତ୍ୱ ରେ ଆୟୋଜିତ ଶିକ୍ଷା ସପ୍ତାହ ଦିବସରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇ ପ୍ରଦର୍ଶତ ହୋଇଥିଲା । ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ଥିଲା ମାଲକାନଗିରି ଜିଲ୍ଲା ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ସମ୍ମାନିତ ପତ୍ର ପ୍ରଦାନ କରାଯାଇ ଥିଲା । ଆଜିର ଦିନରେ ବିଦ୍ୟାଳୟ ଶିକ୍ଷପ୍ରତି ତାଙ୍କର ଆଗ୍ରହ ଓ ଉତ୍ସାହ ଶିଶୁ ମନରେ ଉତ୍କଣ୍ଠା ଜାତ କରିଛି । ମାଲକାନଗିରି ଜିଲ୍ଲା କୋରକୁଣ୍ଡା ର ଆମ୍ପମାଳା ଇଉପି ଏସ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମହାଳି, କଣ୍ଡେଲ ଏନପି ଏସ ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ଏମ ଭି ୩ ୧ ପିୟୁ ପି ଏସ ପ୍ରଧାନ ଶିକ୍ଷକ କାର୍ତକେଶ୍ୱର ପଣ୍ଡା, ନୀଳକମେରୁ ଶିକ୍ଷକ ପ୍ରମଦ କୁମାର ଦାସ ଓ ରୋଜାଲିନ ମିଶ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାର ଉଦେଶ୍ୟ ଥିଲା ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରତ୍ୟେକ ଶିଶୁ ପଢିବା ସହ ବୁଝିବା, ଲେଖିବା ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନକୁ ବୁଝିବା ଭଳି ଜୀବନ ବ୍ୟାପି କୌଶଳ ଗୁଡିକ ବିକାଶ କରିବା ସହିତ ଦୈନନ୍ଦିନ ଜୀବନ ପରିସ୍ଥିତିରେ କରିବା ସହିତ ଏବଂ ଆମ ଦେଶର ପ୍ରତ୍ୟେକ ପିଲାଙ୍କ ପାଇ ଶିକ୍ଷାକୁ ଅର୍ଥପୁର୍ଣ ଓ ଆନନ୍ଦ ଦାୟୀ କରିବା ଏବଂ ପ୍ରତ୍ୟେକ ପିଲାଙ୍କୁ ନିପୁଣ କରିବା ପାଇ ଚେଷ୍ଟା ହିଁ ଶିକ୍ଷଣ ସାମଗ୍ରୀ ଦିବସରେ ଏକାନ୍ତ ଉଦେଶ୍ୟ ଅଟେ ବୋଲି ଗୁରୁ ଛାତ୍ର ଛାତ୍ରୀ ମତ ପ୍ରଦାନ କରିଥିଲେ କ୍ଷ ଶେଷରେ ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବି, ଅଧକ୍ଷା ମମତା କୁମାରୀ ଝୋଡ଼ିଆ ଓ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମିଶି ବୃକ୍ଷରୋପଣ କରିଥିଲେ ।

# ୭୮ ତମ ସ୍ୱାଧିନତା ଦିବସର ପ୍ରସ୍ତୁତି ବୈଠକ



ଉଦଳା , ୨୬/୭ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳା ଠାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଆଜି ଜୁଲାଇ ୨୬ ତାରିଖ ଶୁକ୍ରବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ୭୮ ତମ ସ୍ୱାଧିନତା ଦିବସ ପାଳନର ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଉପସ୍ଥିତ ଥିବା ସରକାରୀ, ବେସରକାରୀ ସଂସ୍ଥା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ଆଜକୁ ୨୫ ବର୍ଷ ତଳେ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଜବାନ ମାନଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ ପ୍ରଧାନ ଏଜେଣ୍ଡା ଅନୁସାରେ ବୈଠକରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡ଼ିକୁ କ୍ରମାନ୍ୱୟରେ ଉପସ୍ଥାପନ କରିଥିଲେ । ଏତିକି ବେଳେ ଆଜିର ବୈଠକରେ ବହୁ ଅଧିକାରୀ ଅନୁପସ୍ଥିତ ଥିବାର ପରିଲକ୍ଷିତ ହୋଇଥିଲା । ଅଧିକାରୀ ମାନେ ଜାଣି ଶୁଣି ବୈଠକରେ ଅନୁପସ୍ଥିତ ରହିଥିବାର କଥା ବେଶ ଭଲ ଭାବରେ ଅନୁଭବ କରି ହେଉଥିଲା । ଏଥିରେ ଉପଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିବା ସହ, ଏହିଭଳି ଅଧିକାରୀ ମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁନଥିବାର କଥା ଅତି ଦୁଃଖର ସହ ବୈଠକରେ ଖୋଲାଖୋଲି ପ୍ରକାଶ କରିଥିଲେ । ଏହି କଥାଟି ସମସ୍ତଙ୍କ ମନରେ ଗଭୀର ରେଖାପାତ କରିବା ସହ ଏକ ଅସନ୍ତୋଷର ବାତାବରଣ ଖୋଲାଇ ଦେଇଥିଲା । କପ୍ତିପଦା ଉପଖଣ୍ଡ ସ୍ୱାଧିନତା ଦିବସ ପାଳନ କମିଟି ତରଫରୁ ଅନୁପସ୍ଥିତ ଥିବା ଅଧିକାରୀ ମାନଙ୍କୁ ଲିଖିତ କୈଫିତ ମାଗିବାକୁ ଦାବି ଉଠିଥିଲା । ମୋଟା ମୋଟି ଭାବରେ ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ବାବୁ ମାନଙ୍କର ଏତାଦୃଶ କାର୍ଯ୍ୟକଳାପ ଆଜିର ବୈଠକରେ ସମସ୍ତଙ୍କୁ ବହୁ କଷ୍ଟ ଦେଇଥିଲା । ପରେ ପରେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠୁଥିବାର ପରିଲକ୍ଷିତ ହେଉଛି । ତେବେ ଆଗାମି ଦିନରେ ଏହା କିପ୍ରକାର ରୂପ ନେବାକୁ ଯାଉଛି ତାହା ଦେଖିବା ବାକି ରହିଛି । ଆଜିର ବୈଠକରେ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉଦଳା ପଂଚାୟତ ସମିତିଅଧକ୍ଷା ମଂଜୁଲତା ବିଶ୍ୱାଳ ଇତ୍ୟାଦି ଉପସ୍ଥିତ ଥିବା ବେଳେ ବୈଠକକୁ ସଫଳ କରିବାରେ ସାମ୍ବାଦିକ ସନ୍ତୋଷ ବାଛିନି, ହିମାଦ୍ରି ଶେଖର ପାଲ, ସୁବ୍ରତ କୁମାର ମହାନ୍ତି, ସ୍ୱେଚ୍ଛାସେବି ଗଦାଧର ଦାଶ, ଆଶିଷ ମଲିକ, ରାମଚନ୍ଦ୍ର ବେହେରା, ସୀତାକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ୟୁନିଅନ ବ୍ୟାଙ୍କ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯକ୍ରମ




ବସ୍ତା, ୨୬/୭ (ନି.ପ୍ର): ବ୍ୟାଙ୍କ ବସ୍ତା ଶାଖା ତରଫରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ 'ଏକ୍ ପେଡ଼୍ ମା କେ ନାମ ' (ମା ପାଇଁ ଗଛଟିଏ )କାର୍ଯକ୍ରମ ଶାଖା ପରିଚାଳକ ଶଶିକାନ୍ତ ଶିଅଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ମା' ପାଇଁ ଗଛ ଟିଏ ଆହ୍ୱାନଦେବା ସହ ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ ଓ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ସମସ୍ତେ ବ୍ୟାପକ ଚାରା ରୋପଣ କରିବା ସହ ଚାରାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ରାସ୍ତା କଡରେ ବଉଳ, ଆମ୍ବ, ନିମ ଆଦି ଚାରା ରୋପଣ କରାଯାଇଥିଲା। ସୁରେନ୍ଦ୍ରନାଥ ସ୍ମୃତି କମିଟିର ସଦସ୍ୟ ମାନେ ବୃକ୍ଷ ରୋପଣ କାର୍ଯକ୍ରମରେ ସହଯୋଗ କରିଥିଲେ।

# ଯୋଗାଣ ବିଭାଗ ଦ୍ୱାରା ବଜାରରେ ଆଳୁ ପିଆଜର ଷ୍ଟକ୍ ଓ ଦର ତନଖି




ଭଦ୍ରକ, ୨୬/୭ (ନି.ପ୍ର): ଭଦ୍ରକ ସହରର ପରିବା ମାର୍କେଟରେ ଆଳୁ, ପିଆଜର ଅସାଧୁ ବ୍ୟବସାୟ, ଅହେତୁକ ଦରବୃଦ୍ଧି, ବେନିୟମ ମହଜୁଦ ଆଦିକୁ ଯୋଗାଣ ବିଭାଗର ଏକ ସ୍କ୍ୱାଡ୍ ଦ୍ୱାରା ତଦାରଖ କରାଯାଇଛି । ହୋଲ୍ ସେଲ ପଏଣ୍ଟ ରୁ ପାଇକାରି ବ୍ୟବସାୟ ପ୍ରତିଷ୍ଠାନକୁ ଆଳୁ ପିଆଜ ଠିକ୍ ଭାବେ ଯୋଗାଇ ଦିଆ ଯାଉଛିକି ନାହିଁ ତନଖି କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାର୍ଡ଼ ଦ୍ୱାରା ଅଚାନକ ଏହି ତନଖି କରାଯାଇଥିଲା । ଯାଞ୍ଚ କରାଯାଇଥିବା ହୋଲ୍‌ସେଲରଙ୍କ ନାମ ନଓ୍ୱା ଟ୍ରେଡ଼ର, ଭଦ୍ରକ, ମାମାଜୀ ଟ୍ରେଡ଼ର, ଭଦ୍ରକ, ବିସ୍ମିଲ୍ଲା ଖାଁ, ଭଦ୍ରକ, ସାହୁ ଟ୍ରେଡ଼ର, ଚରମ୍ପା । ଉପରୋକ୍ତ ଟ୍ରେଡ଼ର ମଧ୍ୟରୁ ନଓ୍ୱା ଟ୍ରେଡ଼ରଙ୍କ ପାଖରେ ୩୨ ପ୍ୟାକେଟ୍ ଆଳୁ ମହଜୁଦ ଥିଲା ଏବଂ ସାହୁ ଟ୍ରେଡ଼ର ପାଖରେ ୪୦୦ ପ୍ୟାକେଟ୍ ମହଜୁଦ ଥିଲା । ଏହି ଷ୍ଟକ୍ ଖୁଚୁରା ବିକ୍ରେତାଙ୍କୁ ସୂଚାରୁ ରୂପେ ବଣ୍ଟନ କରିବାକୁ ପରାମର୍ଶ ଦିଆଗଲା ଏବଂ ଯେପରି ବହୁତ ଲୋକ ପାଇପାରିବେ ଯତ୍ନବାନ ହେବାକୁ ଜଣାଇ ଦିଆଗଲା । କିଲେପ୍ରତି ଆଳୁର ଦର ହୋଲ୍‌ସେଲର ପରେ ୩୨ରୁ ୩୪ଟଙ୍କା ଅଟେ । ସେହିପରି ପିଆଜ ଦର ହୋଲ୍‌ସେଲର ଠାରେ ୩୨ ରୁ ୩୩ ଟଙ୍କା ଅଟେ । ବଜାରରେ ପିଆଜ ସମସ୍ତ ହୋଲସେଲରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଅଛି । ସମସ୍ତ ହୋଲସେଲରଙ୍କୁ ପରାମର୍ଶ ଦିଆଗଲା ରିଟେଲରମାନଙ୍କୁ କ୍ୟାସ୍ ମେମୋ ମାଧମରେ ଉପରୋକ୍ତ ସାମଗ୍ରୀ ବିକ୍ରୟ କରିବେ । ଏହି ସ୍କ୍ୱାର୍ଡ଼ରେ ଥିବା ଅନ୍ୟ ଅଧିକାରୀମାନେ ହେଲେ ଶରତ ବେହେରା, ସହକାରୀ ଯୋଗାଣ ଅଧିକାରୀ, ଭଦ୍ରକ, ମଧୁସ୍ମିତା ସେନାପତି, ଯୋଗାଣ ନିରୀକ୍ଷକ, ଭଦ୍ରକ ପୌରପାଳିକା ଓ ଅଜୟ ଦାସ, ଯୋଗାଣ ନିରୀକ୍ଷକ, ଭଦ୍ରକ ବ୍ଲକ ।

## ନ୍ୟାୟ ପାଇଁ ଏସପିଙ୍କ ଦ୍ୱାରସ୍ଥ ହେଲେ ବ୍ୟାଙ୍କ ମିତ୍ର

ଖୋର୍ଦ୍ଧା, ୨୬/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍‌ର ଗୋଡ଼ି ଗ୍ରାମର ରିନା ବେହେରା ଏବଂ ତାଙ୍କ ସ୍ୱାମୀ ବଳରାମ ବେହେରା ସୂଚନା ମୁତାବକ ଉଭୟ ଦମ୍ପତି ସ୍ୱାମୀ ବଳରାମ ବେହେରା ଉଡ ଭାବେ ଏବଂ ସ୍ତ୍ରୀ ରିନା ବେହେରା ବ୍ୟାଙ୍କ୍ ମିତ୍ର ଭାବେ ଉଭୟ ଆଜିକୁ ୧୧ ବର୍ଷ ହେବ କାଯ୍ୟ କରିଆସୁଥିଲେ ଗତ ମାସ ୦୬/୦୬ / ୨୦୨୪ ରେ ଗୁଡୁମ ବରୋଦା ବ୍ୟାଙ୍କ ଶାଖାରୁ ୧,୭୦,୦୦୦ ଏକ ଲକ୍ଷ୍ୟ ସତୁରୀ ହଜାର ଟଙ୍କା ନେଇ ନିଜ ପଞ୍ଚାୟତକୁ ଆସୁଥିବା ବେଳେ ତିନି ଜଣ ଦୁର୍ବୃତ୍ତ କଳା ବାଇକ୍ ରେ ଆସି ବନ୍ଧୁକ ଏବଂ ଭଙ୍ଗା ବୋତଲ ଦେଖେଇ ତାଙ୍କ ଠାରୁ ଟଙ୍କା ଏବଂ ଲ୍ୟାପଟପ ଏବଂ ତାଙ୍କର ସ୍କୁଟି ଛଡାଇ ନେଇଯାଇଥିଲେ ପରବର୍ତ୍ତୀ ସମୟରେ ବୋଲଗଡ଼ରୁ ଦୁର୍ବୃତ୍ତ ମାନେ ସ୍କୁଟି ଛାଡି ଯାଇଥିଲେ ଯାହା ଫଳରେ କିଛି ଲୋକଙ୍କ ସାହାଯ୍ୟ ରେ ସେମାନେ ସେମାନଙ୍କ ର ସ୍କୁଟି ପାଇଥିଲେ। ପରେ ଘଟଣା ଘଟିଥିବା ୦୬/୦୬ ରେ ଦିନ ଖୋର୍ଦ୍ଧା ସଦର ଥାନା ରେ ଅଭିଯୋଗ କଲାପରେ ଆଜିକୁ ପ୍ରାୟ ଦେଢ଼ ମାସେ ପରେ ଘଟଣା ଘଟିଯାଇ ଥିଲେ ମଧ କାହିଁକି ସଦର ଥାନା ଆଇଆଇସି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଉ ନଥିଲେ। କିଛି ସୁଫଳ ନ ମିଳିବାରୁ ଆଜି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଭେଟି ନିଜର ଅଭିଯୋଗ ପତ୍ର ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକାରୀ ଖୁବ୍ ଶୀଘ୍ର ଏହା ଉପରେ କାଯର୍ଯାନୁଷ୍ଠାନ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ୨୫ ତମ କାରଗିଲ ବିଜୟ ଦିବସ ପାଳିତ




ବାସୁଦେବପୁର, ୨୬/୭ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ନ୍ୟୁଇଣ୍ଡିଆ ସାହିଠାରେ ବାସୁଦେବପୁରର ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ୨୫ ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ଶରତ ନାୟକ ଏହି ସଭାରେ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବିଡ଼ିଓ ସଂଜୀବ କୁମାର ସାହୁ, ଅତିରିକ୍ତ ତହସିଲଦାର ଅଜୟ ସାହୁ, ସହିଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବଇଲୋଚନ ଜେନା,କବି ନିରଞ୍ଜନ ବିଶ୍ୱାଳ, ସମାଜସେବୀ ମାନସ ସାହୁ, ଦାମୋଦର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାରତ ବର୍ଷର କାରଗିଲ ବିଜୟ ଦିବସ ସମ୍ପର୍କରେ ଗଭୀର ଆଲୋଚନା ଓ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ନାଥ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି ଦିବସର ତାତ୍ପର୍ଯ୍ୟ ଓ ଭାରତ ମାତାର ଗର୍ବ ଗୌରବ ସୈନିକଙ୍କ ସାହସିକତା କୁ ବର୍ଣ୍ଣନା କରିଥିଲେ । ଶେଷରେ ପ୍ରଦୀପ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କାରଗିଲ ବିଜୟ ଦିବସରେ ଭାରତର ସାହସୀ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ




ନୂଆଦିଲ୍ଲୀ, ୨୬/୭ : କାରଗିଲ ବିଜୟ ଦିବସ ଅବସରରେ ମିଥିବାଇ କ୍ଷିତିଜ ଓ ରୋଟାରୀ କ୍ଲବ ଅଫ୍ ମୁମ୍ବାଇ ସିଟି (ଆରସିଏମସି) ୨୬ ଜୁଲାଇ ୨୦୨୪ ତାରିଖରେ ଗେଟୱେ ଅଫ୍ ଇଣ୍ଡିଆରେ ସାହସୀ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଏକ ଗାହନ୍ତା ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌରବନ୍ୱିତ ଏନଏସଜି ବ୍ଲାକ୍ କ୍ୟାଟ୍ କମାଣ୍ଡୋ ଏବଂ ମୁମ୍ବାଇ ପୋଲିସ ଅଧିକାରୀମାନେ ଭାଗ ନେଇଥିଲେ, ଯେଉଁମାନେ ଦେଶ ପାଇଁ ତାଙ୍କର ଜୀବନ ତ୍ୟାଗ କରିଥିବା ବୀରମାନଙ୍କୁ ସମ୍ମାନ କରିଥିଲେ। ଦିନର କାର୍ଯ୍ୟକ୍ରମ ଗୁଡ଼ିକ ଏକ ଦୀପାବଳିର ମାର୍ଚ୍ଚ ସହିତ ଆରମ୍ଭ ହେଲା, ଯେଉଁଠାରେ ଛାତ୍ରମାନେ, ଶିକ୍ଷକ ଏବଂ ଅଧିକାରୀମାନେ ଭାରତୀୟ ଧ୍ୱଜ ଧାରଣ କରି ଏକତାରେ ଚାଲିବା ଏବଂ ଦେଶଭକ୍ତିର ନାରା ଦେବାରେ ସହଭାଗୀ ହେଲେ। ମାର୍ଚ୍ଚଟି ଜାତୀୟ ଭାବନା ଏବଂ ଏକତାର ପ୍ରତୀକ ସ୍ୱରୂପ ରୂପରେ ଉତ୍କଳନ କଲା, ଯାହା ସହିଦମାନଙ୍କ ପ୍ରତି ସାମୂହିକ ଆଭାର କୁ ପ୍ରକାଶ କରୁଥିଲା। ଦୀପାବଳି ଓ ଧ୍ୱଜମାନଙ୍କର ଆଲୋକ ଏହାକୁ ଏକ ଗଭୀର ସମ୍ବିଧାନ ର ଆବହାବ କରାଇଥିଲା। ଦୀପାବଳି ମାର୍ଚ୍ଚ ପରେ ଗେଟୱେ ଅଫ୍ ଇଣ୍ଡିଆରୁ ତାଜ୍ ଏବଂ ପୁନର୍ବାର ଗେଟୱେ ଅଫ୍ ଇଣ୍ଡିଆକୁ ଯାଇ ଗୋଟିଏ କାର ଏବଂ ମୋଟରସାଇକେଲ ରାଲି ଆୟୋଜିତ ହୋଇଥିଲା, ଯାହା ଭାରତୀୟ ମନୋଭାବନାର ଶକ୍ତି ଏବଂ ସହନସୀଳତା କୁ ପ୍ରଦର୍ଶନ କରିଥିଲା। ତ୍ରିରଙ୍ଗାରେ ଶୋଭିତ ଗାଡ଼ିମାନଙ୍କର ରାଲିଟି ମୁମ୍ବାଇର ରାସ୍ତାରେ ଚାଲିଲା, କର୍ଗିଲ୍ ବିଜୟ ଦିବସର ଗୁରୁତ୍ୱକୁ ଆକର୍ଷଣ କରି ଏବଂ ଦେଶଭକ୍ତିର ସନ୍ଦେଶ ପ୍ରସାର କଲା। ଏନଏସଜି ବ୍ଲାକ୍ କ୍ୟାଟ୍ କମାଣ୍ଡୋ ଏବଂ କର୍ଗିଲ୍ ସଂଘର୍ଷରେ ଯୋଗଦାନକରିଥିବା କର୍ଣ୍ଣଲ କିରପାଲ ସିଂ ଗୋଷ୍ଠୀକୁ ଶକ୍ତିଶାଳୀ ମାନବ ବାଣୀ ସହିତ ସମ୍ବୋଧନ କରିଲେ: 'କର୍ଗିଲ୍ ଯୁଦ୍ଧରେ ଆମ ସେନାମାନଙ୍କର ସାହସ ଏବଂ ବଳିଦାନ ଆମର ସଶସ୍ତ୍ର ସେନାମାନଙ୍କର ଅଦମ୍ୟ ମନୋଭାବନାର ପରିଚୟ। ସେମାନଙ୍କର ବୀରତାକୁ ସ୍ମରଣ କରିବା ଏବଂ ସେମାନଙ୍କର ଉତ୍ତାରାଧିକାରକୁ ଭବିଷ୍ୟତ୍ ପିଢ଼ିକୁ ଦେଇଯିବା ଆମର କର୍ତ୍ତବ୍ୟ।' ଏନଏସଜି ଏବଂ ମୁମ୍ବାଇ ପୋଲିସର ଜ୍ୟେଷ୍ଠ ଅଧିକାରୀମାନେ ସହିତ ମୁଖ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଗୋଷ୍ଠୀକୁ ସମ୍ବୋଧନ କରିଥିଲେ, ସେମାନଙ୍କର ଭାଷଣଗୁଡ଼ିକ ଆଗାମୀ ପିଢ଼ିର ପ୍ରତି ସାହସ, ନିଷ୍ଠା, ଓ ଦେଶ ପ୍ରତି ଭଲପାଇବାର ମୂଲ୍ୟବୋଧକୁ ସଂବଳିତ କଲା।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବାରବାଟୀ ଷ୍ଟାଡ଼ିୟମ ରୂପାନ୍ତରଣ:...

କ୍ରୀଡ଼ାମନ୍ତ୍ରୀଙ୍କ ଏହି ଉତ୍ତର ସହ ବାରବାଟୀ ଷ୍ଟାଡ଼ିୟମର ନବକଳେବର ହେବ ବୋଲି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆଉ ବିଜେଡି ସରକାର ସମୟରେ ମାତ୍ର ୫ମାସ ପୂର୍ବରୁ ତତକାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବାରବାଟୀ ଷ୍ଟାଡ଼ିୟମରେ ବଲିଉଡ୍ ଗୀତିକାରଙ୍କୁ ଡାକି ଭବ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ତାହା ମଧ ଭୋଟରଙ୍କୁ ଭଣ୍ଡେଇବା ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି। ନବୀନ ସରକାରରେ ସର୍ବେସର୍ବା ଭିକେ ପାଣ୍ଡିଆନ ବାରବାଟୀ ଷ୍ଟାଡ଼ିୟମ ଯାଇ ସେଠାରେ କ୍ରୀଡ଼ା ବିଭାଗର ବରିଷ୍ଠ ପଦାଧିକାରୀ ଓ କଟକ ଜିଲ୍ଲାର ଅଧିକାରୀଙ୍କୁ ଧରି ପ୍ରକଳ୍ପର ସମୀକ୍ଷା କରିଥିଲେ ମଧ ଏବେ କ୍ରୀଡ଼ାମନ୍ତ୍ରୀଙ୍କ ଉତ୍ତର ସେମାନଙ୍କର ପଦକ୍ଷେପକୁ ମିଛ ବୋଲି ପ୍ରମାଣିତ କରିଛି। ଯଦି ବାସ୍ତବରେ ବାରବାଟୀ ଷ୍ଟାଡ଼ିୟମର ରୂପାନ୍ତରୀକରଣ ପାଇଁ ତତକାଳୀନ ମୁଖ୍ୟମନ୍ତ୍ରୀ ୭୦୦କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ତା'ହେଲେ କ୍ରୀଡ଼ା ବିଭାଗ ପାଖରେ ଏନେଇ କିଭଳି ତଥ୍ୟ ରହିଲା ନାହିଁ। ଆଉ ବିନା ଡିପିଆର(ବିସ୍ତୃତ ପ୍ରକଳ୍ପ ରିପୋର୍ଟ)ରେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଭଳି ପ୍ରକଳ୍ପର ଶିଳାନ୍ୟାସ କଲେ। ଏହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାସହିତ ନବୀନ ପଟ୍ଟନାୟକ ସରକାର ନିର୍ବାଚନ ପାଇଁ ଅନେକ ମିଛ ଶିଳାନ୍ୟାସ କରିଥାଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଲାଣି। ସୂଚନାଯୋଗ୍ୟ, ଫେବୃୟାରୀ ୨୭ତାରିଖରେ ବାରବାଟୀ ଷ୍ଟାଡ଼ିୟମରେ ବ୍ୟୟବହୁଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଏହି ରୂପାନ୍ତରୀକରଣ ପ୍ରକଳ୍ପକୁ ଭର୍ଚୁଆଲ ମୋଡରେ ତତକାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ତେବେ ଏହି ପ୍ରକଳ୍ପରେ ବାରବାଟୀ ଷ୍ଟାଡ଼ିୟମକୁ ବିଶ୍ୱସ୍ତରୀୟ କରିବା ସହ ଦର୍ଶକ କ୍ଷମତା ୪୨ରୁ ୬୦ହଜାରକୁ ବୃଦ୍ଧି ପାଇଁ ସରକାର ଘୋଷଣା କରିଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ବିସିସିଆଇ ସହ ମିଶି ଓଡ଼ିଶା ସରକାର ଏହି ଷ୍ଟାଡ଼ିୟମର ନବକଳେବର କରିବେ ବୋଲି ଗଣମାଧ୍ୟମକୁ ସେତେବେଳେ ସୂଚନା ଦେଇଥିଲେ।

### ସଜାଗ ରହିବାକୁ ୧୩ ଜିଲ୍ଲାପାଳଙ୍କୁ ...

୧୦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। କଟକ, ବରଗଡ଼, ସମ୍ବଲପୁର, ଦେଓଗଡ, ଅନୁଗୋଳ, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ମୟୂରଭଂଜ, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବାଲେଶ୍ୱର, ଯାଜପୁର, ଝାରସୁଗୁଡା ଜିଲ୍ଲାରୁ ପ୍ରବଳ ବର୍ଷା ନେଇ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ଶନିବାର ବରଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରବିବାର ମୟୂରଭଞ୍ଜ,କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ରତ୍ନଭଣ୍ଡାରକୁ ନେଇ ଚାଞ୍ଚଲ୍ୟକର...

ଅଫିସରୁ ଏକ ବନ୍ଦ ଲଫାପାରେ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ଥିବା ନେଇ ସେତେବେଳେ ପୁରୀର ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ୍ ଦେଇଥିବା ସୂଚନା ଏବେ ପୁରା ପ୍ରସଙ୍ଗକୁ ଅଧିକ କୁହେଳିକା ପୂର୍ଣ୍ଣ କରିଛି। ଆଉ ଏଭଳି ସ୍ଥିତିରେ ବର୍ତ୍ତମାନର ନୂଆ ସରକାର ଡୁପ୍ଲିକେଟ୍ ଚାବି ପ୍ରସଙ୍ଗର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ତତ୍କାଳୀନ ଜିଲ୍ଲାପାଳଙ୍କୁ ମଧ ଅନୁସନ୍ଧାନ ପରିସରକୁ ଆଣିବାକୁ ଦାବି କଲେଣି ଉଭୟ ବୁଦ୍ଧିଜୀବୀ ଓ ସେବାୟତ। ଗୋଟିଏ ପଟେ ୨୦୧୮ ମସିହାର ଡୁପ୍ଲିକେଟ୍ ଚାବି ନିଆଁକୁ, ବର୍ତ୍ତମାନର ରତ୍ନଭଣ୍ଡାର ଯାଞ୍ଚ କମିଟି ମୁଖ୍ୟ ଜଷ୍ଟିସ୍ ରଥଙ୍କ ତାଜା ତଥ୍ୟ ଅଧିକ କୁହୁଳାଇଥିବା ବେଳେ ଉକ୍ତ ଘଟଣାର ତଦନ୍ତ କରିଥିବା ଜଷ୍ଟିସ୍ ? ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ବିଜେଡି ସରକାର କାହିଁକି ଚପାଇ ରଖିଥିଲେ ତାକୁ ନେଇ ବଢ଼ିଛି ସନ୍ଦେହ। ଏମିତିକି ନିଜେ ତଦନ୍ତ କମିଶନ ମୁଖ୍ୟ ଜଷ୍ଟିସ୍ ରଘୁବୀର ଦାସ ଏକ ୱେବ ପୋର୍ଟାଲକୁ ଦେଇଥିବା ସାକ୍ଷାତକାରରେ ବିଜେଡି ସରକାରର ଲୋକ ଦେଖାଣିଆ ଅନୁସନ୍ଧାନର ପୋଲ୍ ଖୋଲିଛି। ଜଷ୍ଟିସ୍ ଦାସ କହିଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତରେ ଆବଶ୍ୟକ ସହଯୋଗ ମିଳିନଥିଲା। ଏମିତିକି ମିଳିଥିବା ଡୁପ୍ଲିକେଟ୍ ? ଚାବି ଦେଖିବାକୁ କେମିତି, ତାହା କେଉଁଠି ଥିଲା, ତାହା ମଧ ଶେଷ ଯାଏଁ ଜାଣିପାରି ନଥିଲି। ଚାବି କେମିତି ହଜିଗଲା ? ତା'ର କେହି ସନ୍ତୋଷଜନକ ଉତ୍ତର ଦେଇନଥିଲେ ଓ ପୁରା ଘଟଣାରେ ଶ୍ରୀମନ୍ଦିର ଆକ୍ଟକୁ ଆଦୌ ଅନୁସରଣ କରାଯାଇନଥିଲା ବୋଲି ଜଷ୍ଟିସ୍ ଦାସ କହିଥିଲେ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ପଛରେ ଏକ ବଡ଼ କେଳେଙ୍କାରୀର ଗନ୍ଧ ଆସୁଥିବା ବେଳେ ପୂର୍ବତନ ପ୍ରଶାସକ ସହଦେବ ସାହୁ କହିଛନ୍ତି, ବର୍ତ୍ତମାନର ରତ୍ନଭଣ୍ଡାର ତଦାରଖ କମିଟି ମୁଖ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଡୁପ୍ଲିକେଟ୍ ଚାବିକୁ ନେଇ ଉଠାଇଥିବା ଆଶଙ୍କା ଲିଖିତ ଭାବେ ସରକାରଙ୍କୁ ଜଣାଇଲେ, ପୂର୍ବତନ ଜିଲ୍ଲାପାଳ ନିଶ୍ଚିତ ତଦନ୍ତ ପରିସରକୁ ଆସିବେ। ତେବେ ଏ ନେଇ ଆମେ ତତ୍କାଳୀନ ପୁରୀ ଜିଲ୍ଲାପାଳ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଯୋଗାଯୋଗ କରିଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ। ଗଣମାଧମ ଆଗରେ ଜଷ୍ଟିସ୍ ବିଶ୍ୱନାଥ ରଥ ବଖାଣିଥିବା ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଅସଲ ସ୍ଥିତି ଆଉ ପୂର୍ବ ବିଜେଡି ସରକାର ଅମଳରେ ଡୁପ୍ଲିକେଟ୍ ? ଚାବିକୁ ନେଇ ହୋଇଥିବା ଲୋକ ଦେଖାଣିଆ ତଦନ୍ତ, ସନ୍ଦେହର ନୂଆ ପାହାଡ଼ ସୃଷ୍ଟି କଲାଣି। ଏବେ ଅପେକ୍ଷା ମୋହନ ସରକାର ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ହେଉଛନ୍ତି ?

### ୩୩୭ କେଜି ...

ଭ୍ୟାନରେ ବଲାଙ୍ଗୀର ଜିଲ୍ଲା ଦେଇ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଆମକୁ ସୂଚନା ମିଳିଥିଲା। ତେଣୁ ବଲାଙ୍ଗୀର ଜିଲ୍ଲାରେ ପୁଲିସ କଡ଼ା ନାକାବନ୍ଦୀ କରିଥିଲା। ଟିଟିଲାଗଡ଼ରେ ଗାଡ଼ି ଯାଞ୍ଚ ଚାଲିଥିବା ବେଳେ ସନ୍ଦେହରେ ଏକ ପିକଅପ ଭ୍ୟାନକୁ ଅଟକାଇଥିଲେ ପୁଲିସ ଟିମ୍। ଯାଞ୍ଚ କଲାବେଳେ ସେହି ପିକଅପ ଭ୍ୟାନରୁ ଗଞ୍ଜେଇ ମିଳିଥିଲା। କପଡ଼ାରେ ଭର୍ତ୍ତି ହୋଇଥିବା ଏହି ପିକଅପ ଭ୍ୟାନରେ ଏକ ସ୍ୱତନ୍ତ୍ର ଚାମ୍ବର ତିଆରି କରାଯାଇ ଗଞ୍ଜେଇ ରଖାଯାଇଥିଲା। ସେଥିରୁ ୨୪୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହିତ ସେହି ପିକଅପ ଭ୍ୟାନରେ ଥିବା ୫ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତମାନଙ୍କର ଆଉ ଗୋଟିଏ ପିକଅପ ଗାଡ଼ି କଣ୍ଟାବାଞ୍ଜି ଦେଇ ଯାଉଥିଲା। ପୁଲିସ ତାକୁ ଅଟକାଇ ଯାଞ୍ଚ କଲାବେଳେ ସେଥିରୁ ୯୪ କେଜି ଗଞ୍ଜେଇ ପାଇଥିଲା। ଏହା ସହିତ ଡ୍ରାଇଭର ନୀଳକଣ୍ଠ ମହାନନ୍ଦଙ୍କୁ ପୁଲିସ ଗିରଫ କରିଥିଲା।

### ବିଲକୁ ନେଇ ରାଜ୍ୟ-ରାଜ୍ୟପାଳ...

ଜନ ହିତକର ଯୋଜନା କାର୍ଯ୍ୟକାରୀ ହୋଇ ପାରୁନାହିଁ। ତେଣୁ ଏହାକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଉ ବୋଲି ରାଜ୍ୟ ସରକାରମାନେ ଦାବି କରିଥିଲେ। ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିଛନ୍ତି। ଶୁଣାଣି ସମୟରେ ରାଜ୍ୟସରକାର ମାନଙ୍କ ପକ୍ଷରୁ ଲଢୁଥିବା ଓକିଲ, ରାଜ୍ୟପାଳମାନଙ୍କ ଏପରି କାର୍ଯ୍ୟକୁ ଘୋର ବିରୋଧ କରିଥିଲେ ଏବଂ ଏହା ସମ୍ବିଧାନ ବିରୋଧୀ ବୋଲି ଦର୍ଶାଇଥିଲେ। ଦୀର୍ଘ ଆଠ ମାସ ହେଲା ରାଜ୍ୟପାଳ ବିଲକୁ ଅନୁମୋଦନ ଦେଉନଥିବା ଆବେଦନକାରୀଙ୍କ ଓକିଲ ଅଭିଯୋଗ କରିଥିଲେ। ଏହାପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରାଜ୍ୟପାଳମାନଙ୍କ ଅତିରିକ୍ତ ମୁଖ୍ୟ ସଚିବମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଗୋଟିଏ ସପ୍ତାହ ମଧରେ ଏହାର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ଆବେଦନକାରୀ ରାଜ୍ୟମାନଙ୍କୁ ମଧ ନୋଟିସ ଦାଖଲ କରିବାକୁ କହିଛନ୍ତି।

### ବଢିଲା କମଳା ହ୍ୟାରିସଙ୍କ...

ଫୋନରେ କଥା ହେଉଥିବା ଦେଖିବାକୁ ମିଳିଛି ଓ ଏହି ସମୟରେ ସେମାନେ ସମର୍ଥନ ଜଣାଇବାକୁ ସ୍ଥିର କରିଥିବା କହିଥିଲେ । କିଛି ଦିନ ହେବ ଚର୍ଚ୍ଚା ହେଉଥିଲା ଯେ ଆରିଜୋନା ସିନେଟର ମାର୍କ କେଲିଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିଲେ । ତେଣୁ ହାରିସଙ୍କୁ ସମର୍ଥନ ଦେବେ ନା ନାହିଁ ଦ୍ୱନ୍ଦ୍ୱରେ ପଡିଥିଲେ । ତେବେ ଶେଷରେ ଓବାମା ଦମ୍ପତି କମଳା ହ୍ୟାରିସଙ୍କୁ ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀଭାବେ ସମର୍ଥନ କରୁଛନ୍ତି।

### ଜେଲ୍ ଗଲେ...

ଶ୍ରୀ ରାଉତ କୌଣସି ସନ୍ତୋଷଜନକ ସୂଚନା ଦେଇପାରିନଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ଚଢ଼ାଉବେଳେ ଶ୍ରୀ ରାଉତଙ୍କର ଭୁବନେଶ୍ୱର ନୀଳାଦ୍ରି ବିହାରରେ ୫୮୦୦ବର୍ଗଫୁଟ ଅଂଚଳର ଏକ ତିନିମହଲା କୋଠା, ନୟାପଲ୍ଲୀର ନୀଳକଣ୍ଠ ନଗରରେ ୨୩୦୦ବର୍ଗଫୁଟର ଦୁଇମହଲା କୋଠା, ଉତ୍ତରପ୍ରଦେଶର ମଥୁରାରେ ଏକ ଫ୍ଲାଟ, ପୁରୀ ଦୋଳମଣ୍ଡପ ସାହି ଓ ଭିଆଇପି ରୋଡରେ ଦୁଇଟି ଫ୍ଲାଟ, ଭୁବନେଶ୍ୱରର ୫ଟି ସ୍ଥାନରେ ପ୍ଲଟ, ପୁରୀରେ ୩ଟି ପ୍ଲଟ, କଟକରେ ୧୯ଟି ପ୍ଲଟ, ଢେଙ୍କାନାଳର ୭ଟି ସ୍ଥାନରେ ମୋଟ ୩୪ଟି ପ୍ଲଟ୍ ରହିଛି। ସେହିପରି ବୀମା କମ୍ପାନୀକୁ ସେ ୧.୮୬କୋଟି ଟଙ୍କାର କେବଳ ପ୍ରିମିୟମ ଦେଇଛନ୍ତି। ବ୍ୟାଙ୍କରେ ତାଙ୍କର ୯୮.୧୧ଲକ୍ଷ ଟଙ୍କାର ଡିପୋଜିଟ୍ ଥିବାବେଳେ ତାଙ୍କ ପାଖରୁ ୨.୩୪ଲକ୍ଷ ଟଙ୍କା ନଗଦ ମିଳିଛି।

ଶନିବାର, ୨୭ ଜୁଲାଇ ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


## ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ କାରଗିଲ ବିଜୟ ଦିବସ ପାଳିତ: ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବସ୍ତା , ୨୬/୭ (ନି.ପ୍ର): କାରଗିଲ ବିଜୟ ଦିବସର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ 'ପରମବୀର ଚକ୍ର' ସମ୍ମାନିତ କ୍ୟାପଟେନ ବିକ୍ରମ ବାତ୍ୟା ସମେତ ସମସ୍ତ ମୃତ ସୈନିକ ଙ୍କୁ ସହୀଦ ବେଦୀ ରେ ଶ୍ରଦ୍ଧାଞ୍ଜଳୀ ସଲାମ ଅର୍ପଣ କରାଯାଇଥିଲା। ପୂର୍ବତନ ବାୟୁସେନା ଅଧିକାରୀ ପ୍ରଦୀପ କୁମାର ପରିଡ଼ା କାରଗିଲ ଯୁଦ୍ଧ ସମୟର ତାଙ୍କର ଅନୁଭୂତି ଓ ଭାରତୀୟ ସେନାଙ୍କ କଠିନ ପାହାଡ଼ ଟାଇଗର ହିଲ୍ ଉପରେ ବିଜୟର ବୀରତା ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀ ମାନେ ସହୀଦ ମାନଙ୍କ ସ୍ମୃତିରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା କେନ୍ଦ୍ରର ଉପଦେଷ୍ଟା ସମାଜସେବୀ ଶ୍ୟାମା ପ୍ରସାଦ ବେହେରା,ଉପ ପ୍ରଧାନାଚାର୍ଯ୍ୟ ରଞ୍ଜିତା ପାଢୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୁରୁମା ପୁଷ୍ପଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ମମତା ସରକାରର ଆଳୁ କଟକଣା: ପଶ୍ଚିମବଂଗରୁ ଓଡିଶା ଆଳୁ ପରିବହନ ବନ୍ଦ

ଜଳେଶ୍ୱର , ୨୬/୭ (ନି.ପ୍ର): ପଶ୍ଚିମବଂଗ ସରକାର ନିଜ ରାଜ୍ୟରେ ଆଳୁ ଆବଶ୍ୟକତାକୁ ଲକ୍ଷ୍ୟ କରି ଅନ୍ୟ ରାଜ୍ୟକୁ ପରିବହନ ଉପରେ ଗତ ୬ ଦିନ ତଳେ ରୋକ ଲଗାଇଛନ୍ତି । ତେଣୁ ପଶ୍ଚିମବଂଗରେ ଥିବା ସମସ୍ତ ଶୀଳତ ଭଣ୍ଡାରରୁ ଆଳୁ ବାହାରି ପାରୁନାହିଁ । ତେଣୁ ଜଳେଶ୍ୱର ବଜାରରେ ଆଳୁ କିଲୋପ୍ରତି ମୂଲ୍ୟ ୫୦ଟଙ୍କା ଛୁଇଁଛି । ୨୦୧୪ ମସିହା ପରିସ୍ଥିତି ଉପୁଜିବାକୁ ଯାଉଥିବାରୁ ଏହାର ସମାଧାନ ଲାଗି ଉଭୟ ରାଜ୍ୟ ପ୍ରଶାସନୀକ ଆଲୋଚନା କରାଯିବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟଥା ଓଡିଶାରୁ ପଶ୍ଚିମବଂଗକୁ ଯାଉଥିବା ଅନ୍ୟ ସମସ୍ତ ଜିନିଷର ପରିବହନକୁ ବନ୍ଦ କରାଯିବ ବୋଲି ଉପାନ୍ତରେ ସଜବାଜ ଚାଲିଛି । ପଶ୍ଚିମବଂଗ ରାଜ୍ୟ ସରକାର ଗତ ୨୦ ତାରିଖରୁ ଅନ୍ୟରାଜ୍ୟକୁ ଆଳୁର ରପ୍ତାନୀ ଉପରେ ରୋକ ଲଗାଇଛନ୍ତି । ତାଙ୍କ ରାଜ୍ୟରେ ଆଳୁ କିଲୋଗ୍ରାମ ପ୍ରତି ୨୦ଟଙ୍କାରେ ବିକ୍ରି କରିବାକୁ ଆଳୁ ବ୍ୟବସାୟୀ ମହାସଂଘକୁ ପଶ୍ଚିମବଂଗ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଉପାନ୍ତରେ ଥିବା ତନଖି ଫାଟକ ଓ ଥାନା ଗୁଡିକୁ ଅନ୍ୟ ରାଜ୍ୟକୁ ନ ଛାଡିବାଲାଗି ନିର୍ଦ୍ଦେଶ ଦିଆଯାଇଛି । ୬ଦିନ ହେଲାଣି ପଶ୍ଚିମବଂଗ ଆଳୁ ମହାସଂଘ ରପ୍ତାନୀ ବନ୍ଦ ରଖିଛି । ଫଳରେ ଓଡିଶା, ଝାଡଖଣ୍ଡ, ଛତିଶଗଡ, ବିହାର, ଆସାମ ରାଜ୍ୟକୁ ଆଳୁ ପରିବହନ ସଂପୂର୍ଣ୍ଣଭାବେ ବନ୍ଦ ରହିଛି ବୋଲି ପଶ୍ଚିମବଂଗ ଆଳୁ ମହାସଂଘ ପକ୍ଷରୁ ସୂଚନା ମିଳିଛି । ଆଜି ସକାଳେ ପଶ୍ଚିମବଂଗର ପ୍ରଶାସନୀକ ଅଧିକାରୀ ଓ ବ୍ୟବସାୟୀ ମହାସଂଘ ମଧ୍ୟରେ ଆରମବାଗ ଠାରେ ଆଲୋଚନା ଚାଲିଥିବା ଜଣାଯାଇଛି । ଅନ୍ୟପକ୍ଷରେ ଆଳୁ ପରିବହନ ବନ୍ଦ ହୋଇଥିବାରୁ । ତେଣୁ ଜଳେଶ୍ୱର ଅଂଚଳର ବ୍ୟବସାୟୀମାନେ ଗଡବେତା, ଚନ୍ଦ୍ରକଣା, ବର୍ଦ୍ଧମାନ ଅଂଚଳରୁ ଆଳୁକୁ ଚୋରାରେ ଆଣି କିଲୋପ୍ରତି ୫୦ଟଙ୍କାରେ ବିକ୍ରି କରୁଥିବା ବେଳେ ଗ୍ରାମାଂଚଳରେ ୬୦ଟଙ୍କା ଛୁଇଁଛି । ସୂଚନାଯୋଗ୍ୟ ଜଳେଶ୍ୱରକୁ ପ୍ରତିଦିନ ୮୦ଟନ୍ ଆଳୁ ବିକ୍ରି ପାଇଁ ଆସୁଥିବା ବେଳେ ଓଡିଶାକୁ ପ୍ରତିଦିନ ୧୨ ହଜାର ଟନ୍ ଆଳୁ ଆସୁଥିବା ଜଣାଯାଇଛି । ଓଡିଶାକୁ ଆଳୁ ପରିବହନ ହେଉନଥିବାରୁ ଆସନ୍ତାକାଲିଠାରୁ ଆଳୁର ମୂଲ୍ୟ ଅଧିକ ହେବା ସଂପର୍କରେ ସ୍ଥାନୀୟ ବ୍ୟବସାୟୀମାନେ ଆକଳନ କରୁଛନ୍ତି। ୨୦୧୪ ମସିହା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଯଥାଶୀଘ୍ର ରାଜ୍ୟ ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟଥା ଓଡିଶାରୁ ପଶ୍ଚିମବଂଗକୁ ଯାଇଥିବା ବିଭିନ୍ନ ଜିନିଷର ପରିବହନ ଉପରେ ଉପାନ୍ତ ଅଂଚଳରେ ରୋକ ଲଗାଯିବ ବୋଲି ସ୍ଥାନୀୟ ଲୋକେ ସଜବାଜ ହେଉଥିବା ଜଣାଯାଇଛି ।

## କାରଗିଲ ଶହୀଦଙ୍କୁ ଓୟୁଜେର ଗଭୀର ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୨୬/୭ (ନି.ପ୍ର): ପାକିସ୍ଥାନ ସୈନ୍ୟଙ୍କୁ କାରଗିଲରେ ପରାସ୍ତ କରି ଦେଶର ସାର୍ବଭୌମତ୍ୱ କୁ ରକ୍ଷା କରିଥିବା ବୀର ଯବାନମାନଙ୍କୁ କୃତଜ୍ଞ ଦେଶବାସୀ କେବେବି ଭୁଲି ପାରିବେ ନାହିଁ ବୋଲି ଓୟୁଜେ ପକ୍ଷରୁ କୁହାଯାଇଛି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଶହୀଦ ପାର୍କ ଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି କାରଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ବୀର ଶହୀଦ ମାନଙ୍କୁ ସାମୁହିକ ଭାବେ ସଂଘର ସଦସ୍ୟ ମାନେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୯୯ ମସିହା ଆଜି ର ଦିନରେ ପାକିସ୍ତାନ ସୈନ୍ୟଙ୍କ ସହ ୬୦ଦିନ ଲଢ଼ାଇ କରି ଶହୀଦ ହୋଇଥିବା ୫୨୭ ବୀର ଯବାନ ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ସେମାନଙ୍କ ପରିବାର ବର୍ଗ ଙ୍କ ପ୍ରତି ସଂଘ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଥିଲା। ଦେଶ ମାତୃକା କୁ ରକ୍ଷା କରିବା ପାଇଁ ଯୁବ ସମାଜ ମଧ୍ୟରେ ଗଭୀର ଦେଶ ପ୍ରେମ ଜାଗ୍ରତ କରିବା ସହିତ ବାହ୍ୟ ଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବା ପ୍ରତ୍ୟେକ ଭାରତୀୟ ସଂକଳ୍ପ ନେଇ କାର୍ଯ୍ୟ କରିବା ଉଚିତ ବୋଲି ସଦସ୍ୟ ମାନେ ମତ ବ୍ୟକ୍ତ କରିଥିଲେ। ବାଲେଶ୍ୱର ଜିଲ୍ଲା ରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନ ଗଙ୍ଗାରାମ ଦାସ ଙ୍କ ପ୍ରତି ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ସହର ଉପକଣ୍ଠ କୁରୁଡ଼ା ଛକ ରୁ ସାଉଁ ଛକ ପର୍ଯ୍ୟନ୍ତ ରାସ୍ତାକୁ ଶହୀଦ ଗଙ୍ଗାରାମ ମାର୍ଗ ନାମରେ ନାମିତ କରିବାକୁ ଜିଲ୍ଲାପାଳ ଙ୍କୁ ସଙ୍ଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଶିଶିର କୁମାର ଦାସ,ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, ସମ୍ପାଦକ ବିବେକା ନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ପରାମର୍ଶ ଦାତା ଦେବବ୍ରତ ପାଣିଗ୍ରାହୀ,ବରିଷ୍ଠ ସଦସ୍ୟ ପ୍ରସନ୍ନ ଜିତ୍ ଆଶ, ଅଜିତ କୁମାର ମହାନ୍ତି, ଉତ୍କଳବନ୍ଧୁ ପଣ୍ଡା, ଅରୂପ କୁମାର ଦାସ, ସୋମନାଥ ସାହୁ, ନୀଳାମ୍ବର ପଣ୍ଡା ,ମନୋଜ କୁମାର ରାଉଳ, ରମଣୀ ରଂଜନ ଦାସ, କହ୍ନେଇ ଚରଣ ପ୍ରଧାନ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ଭୁବନେଶ୍ୱରରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଭୁବନେଶ୍ୱର, ୨୬/୭ (ନି.ପ୍ର): ଭୁବନେଶ୍ୱରରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଭୁବନେଶ୍ୱର ରେଳ ଷ୍ଟେସନ ଅତିକ୍ରମ ପରେ ଟ୍ରେନଟି ଲାଇନଚ୍ୟୁତ ହୋଇଥିଲା ତେବେ ଏଥିଯୋଗୁ କୌଣସି କ୍ଷୟକ୍ଷତି ହୋଇନଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ସକାଳେ ପ୍ରାୟ ୮ଟା ୪୦ ସମୟରେ ଏକ ମାଲବାହୀ ଟ୍ରେନଟି ଡାଉନ ଲାଇନ ଦେଇ କଟକ ଅଭିମୁଖେ ଯାଉଥିଲା। ବାଣୀବିହାର ଓ ମାଷ୍ଟରକ୍ୟାଂଟିନ ଷ୍ଟେସନ ମଝିରେ ଟ୍ରେନଟି ଲାଇନଚ୍ୟୁତ ହୋଇଥିଲା। ଟ୍ରେନର ଗୋଟିଏ ବଗି ଟ୍ରାକରୁ ଖସି ଯାଇଥିଲା। ଫଳରେ ସେହି ରୁଟ୍ ରେ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ରେଳୱେ ବିଭାଗର କର୍ମଚାରୀ ପହଂଚି ଟ୍ରାକ ମରାମତି କରୁଥିବା ଜଣାଯାଇଛି।

## ଲଗାଣ ବର୍ଷା ଯୋଗୁଁ ଚାଷୀ ଆଶ୍ୱସ୍ତ ଓ ତତ୍ପର

ଲଙ୍ଗଳେଶ୍ୱର/ବାଲିଆପାଳ, ୨୬/୭ (ନି.ପ୍ର): ଗଲା ଦୁଇ ତିନି ଦିନ ହେବ ବାଲିଆପାଳ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ହୋଇଛି। ପୂର୍ବରୁ କମ୍ ଝିପି ଝିପି ବର୍ଷା ହେଉ ଥିବା ବେଳେ ଆଜି ଅପରାହ୍ନରେ ପ୍ରବଳ ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ପ୍ରାୟେ ସବୁ କିସମ ଜମିରେ ବର୍ଷା ପାଣି ଜମି ରହିଛି । ଅଧିକ ବର୍ଷା ଯୋଗୁଁ ଚାଷୀ ଆଶ୍ୱସ୍ତ ହୋଇ ଥିବା ବେଳେ ଚାଷ କାର୍ଯ୍ୟ ପାଇଁ ଚାଷୀ ତତ୍ପର ହୋଇଛି। ଖରିଫ୍ ବୁଣା ଧାନ ଫସଲ ବର୍ଷା ଅଭାବରୁ ନଷ୍ଟ ହେବାକୁ ବସିଥିଲା। ଧାନ ତଳି ମଧ୍ୟ ରୁଆ କାମରେ ଲାଗି ପାରୁ ନ ଥିଲା। ବାଲିଆପାଳ ବ୍ଲକରେ ଶତ କଡ଼ା ୭୦ ପ୍ରତିଶତ ଜମିରେ ଖରିଫ୍ ଧାନ ଚାଷ ହୋଇ ଥା ଏ। ଏ ଅଞ୍ଚଳରେ ଉଭୟେ ନଦୀ ଓ ବଙ୍ଗୋପସାଗର କୂଳରେ ହେକ୍ଟର ହେକ୍ଟର ଡିପ ଚାଷ ଜମି ରହିଛି। ସେହିପରି ଷୋଳସା ପାଣ୍ଡ , ମଧୁପୁରା ପାଣ୍ଡ, ଚନ୍ଦ୍ ମଣି ପାଣ୍ଡ , କାଳନ୍ଦା ପାଣ୍ଡ, ସୁନ୍ଦର କୁଲି ପାଣ୍ଡ ଆଦି ଗହିରୀ ଜମିରେ ଏବେ ବର୍ଷା ପାଣି ଜମି ରହିଛି। ଧାନ ଚାଷ ପାଇଁ ଏ ଅଞ୍ଚଳ ବିଖ୍ୟାତ। ହାଇ ଇଲଡିଂ ଧାନ ଚାଷ ଅପେକ୍ଷା ଖରିଫ୍ ଧାନ ଚାଷ ଏ ଅଞ୍ଚଳରେ ଅଧିକ ହୋଇ ଥା ଏ। ଏହି ଭଳି ଯଦି ଆଗକୁ ବର୍ଷା ସ୍ୱାଭାବିକ ଭାବେ ଲାଗି ରହେ ତାହେଲେ ଚାଷ ସୁରୁଖୁରେ ହୋଇ ପାରିବ ବୋଲି ଅନନ୍ତ କୁମାର ରାଉତ, ଦିଲ୍ଲୀପ କୁମାର ପଣ୍ଡା, ଶରତ କୁମାର ପ୍ରଧାନ, ଅନନ୍ତ କୁମାର ଜେନା, ଗଣେଶ କୁମାର ଧଳ ପ୍ରମୁଖ କହିଛନ୍ତି। ସବୁ ଚାଷୀ ଏ ଅବସରରେ ଫସଲ ବୀମା ଫାଇଦା ନେବାକୁ ଅଗ୍ରଣୀ ଚାଷୀ ମାନେ କହିଛନ୍ତି।



## ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ

ବାଲେଶ୍ୱର, ୨୬/୭ (ନି.ପ୍ର): ଆଗାମୀ ୨୭ ଓ ୨୮ ତାରିଖ ପାଇଁ ବାଲେଶ୍ୱର ଜିଲ୍ଲା ପାଇଁ ଜାରି କରାଯାଇଥିବା ସମ୍ଭାବ୍ୟ ବର୍ଷା ଓ ବନ୍ୟା ସତର୍କକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି ଓ ପ୍ରାପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଉପକୂଳ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି।ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡ଼ିଓ, ତହସିଲଦାର ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ। ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଉଶୁ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ଦଳଗତ ୩ୟ ପୁରସ୍କାର

### ଜିଲ୍ଲାରେ ଉଶୁ ଖେଳର ପ୍ରସାର ପାଇଁ ଅଧିକ ଗୁରୁତ୍ୱ ଦେବ ପ୍ରଶାସନ: ଜିଲ୍ଲାପାଳ

ବାରିପଦା, ୨୬/୭ (ନି.ପ୍ର): ରାଜ୍ୟସ୍ତରୀୟ ଉଶୁ କ୍ରୀଡା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାକୁ ମିଳିଛି ବଡ ସଫଳତା। ରାଉରକେଲା ଠାରେ ଆୟୋଜିତ ୩୦ତମ ରାଜ୍ୟ ସ୍ତରୀୟ ଉଶୁ ପ୍ରତିଯୋଗିତାରେ ମୟୂରଭଞ୍ଜର ବରିଷ୍ଠ ଦଳକୁ ତୃତୀୟ ପୁରସ୍କାର ମିଳିଛି। ସୂଚନାନୁସାରେ, ଏହି ପ୍ରତିଯୋଗିତା ପାଇଁ ଜିଲ୍ଲାରୁ ସବ-ଜୁନିଅର, ଜୁନିଅର ଏବଂ ସିନିଅର ବିଭାଗ ଉଶୁ ଦଳର ସର୍ବମୋଟ ୩୧ଜଣିଆ ଖେଳାଳିଙ୍କୁ ନେଇ ଉଶୁ କ୍ରୀଡା ପ୍ରଶିକ୍ଷକ ଶ୍ରୀ ଈଶ୍ୱର ଚନ୍ଦ୍ର ମହାନ୍ତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ଖେଳାଳି ବ୍ୟକ୍ତିଗତ ସ୍ତରରେ ସଫଳତା ଲାଭ କରିବା ସହିତ ସର୍ବ ସ୍ତରରେ ମୟୂରଭଞ୍ଜ ଦଳକୁ ଏହି ତୃତୀୟ ପୁରସ୍କାର ମିଳିଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବାପାଇଁ ଉପଦେଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତିଙ୍କ ସହ ସମସ୍ତ ସଫଳ କ୍ରୀଡ଼ାବିତ, କୋଚ ଏବଂ ସହାୟକ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଏହି ସଫଳତା ବିଷୟରେ ସୂଚନା ଦେବା ସହ ଆଗକୁ ଜିଲ୍ଲାରେ କିଭଳି ଉଶୁ କ୍ରୀଡାର ବିକାଶ ହେବ ସେ ବିଷୟରେ ଆଲୋଚନା କରିଛନ୍ତି। ଏଥି ନିମନ୍ତେ ଜିଲ୍ଲାପାଳ, ଉଶୁ ଅଭ୍ୟାସ ପାଇଁ ପ୍ରକୃଷ୍ଟ ମ୍ୟାଟ, ଏବଂ ଉନ୍ନତ ମାନର ଇଣ୍ଡୋର ଅଭ୍ୟାସର ବ୍ୟବସ୍ଥା ମଧ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ସୂଚନା ଥାଉକି ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଚଳିତ ବର୍ଷ ଜୁଲାଇ ୫ ରୁ ଆରମ୍ଭ ହୋଇ ୭ରେ ଶେଷ ହୋଇଥିଲା ଏବଂ ସମସ୍ତ ଜିଲ୍ଲା ମାନଙ୍କୁ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ଦଳଗତ ଭାବେ ୩ୟ ପୁରସ୍କାର ପ୍ରାପ୍ତ କରିଛନ୍ତି।



## ଶୂନ୍ୟକାଳରେ ଉଠିଲା ଆମ ଓଡିଶା ନବୀନ ଓଡିଶା ପ୍ରସଙ୍ଗ

ଭୁବନେଶ୍ୱର, ୨୬/୭ (ନି.ପ୍ର): ବିଧାନସଭାରେ ଶୁକ୍ରବାର ଦିନ ଶୂନ୍ୟକାଳରେ ଉଠିଛି ଆମ ଓଡିଶା ନବୀନ ଓଡିଶା ପ୍ରସଙ୍ଗ। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଆମ ଓଡିଶା ନବୀନ ଓଡିଶା ନାଁ ପରିବର୍ତ୍ତନ ଦ୍ୱାରା ମିଳିଥିବା କାର୍ଯ୍ୟାଦେଶ ଗୁଡିକରେ କାମ ହୋଇପାରୁନି। ଗୋଲାପ ମହକେ। ନାଁ ବଦଳାଇଲେ ଗୋଲାପ କଣ ଦୁଦୁରା ଫୁଲ ହେବ କି ? ଏହାକୁ କଡା କାଉଂଟର କରି ବିଜେପିର ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି ନିର୍ବଚନ ପୂର୍ବରୁ ଭୋଟ୍ କିଣିବାକୁ ଆମ ଓଡିଶା ନବୀନ ଓଡିଶା ଯୋଜନା ହୋଇଥିଲା। ଗାଁରେ ଏହି ଯୋଜନା ମାଧ୍ୟମରେ ଟଙ୍କା ବଂଟା ହେଉଥିଲା। ଏହା ଏକ ଭ୍ରଷ୍ଟ, ଦୁର୍ନୀତି ଯୁକ୍ତ ଯୋଜନା। ମିଛ ବିଲ କରି କୋଟି କୋଟି ଟଙ୍କା ଲୁଟ୍ ହେଉଛି । ମୋହନ ସରକାର ଆସିବା ପରେ ସେଥିଲାଗି ଏହାକୁ ପରିବର୍ତ୍ତନ କରାଗଲା।

## ବାଲିଆପାଳ ଭାରତୀୟ ପୂର୍ବତନ ସୈନିକ ସଂଗଠନ ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ

ଲଙ୍ଗଳେଶ୍ୱର/ବାଲିଆପାଳ, ୨୪/୭ (ନି.ପ୍ର): ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖା ତରଫରୁ ଶୁକ୍ର ବାର କାରଗିଲ ବିଜୟ ଦିବସ ବାଲିଆପାଳର ଗୁରୁକୁଳ ଭବନରେ ପାଳିତ ହୋଇଯାଇଛି ।ଏଥିରେ ସଂଗଠନର ସଭାପତି ବାୟୁ ସେନା ଅବସର ପ୍ରାପ୍ତ କର୍ମଚାରୀ କାମଲଲୋଚନ ପିଳା ପୌରାହିତ୍ୟ କରିଥିଲେ ।୧୯୯୯ ମସିହାରେ ଭାରତର ପ୍ରଧାନ ମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସମୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ନାୱାଜ ସରିଫ ଓ ପାକିସ୍ତାନ ସ୍ଥଳ ସେନାପତି ମୂଷାରଫ ଙ୍କ ନିର୍ଦ୍ଦେଶରେ ପାକିସ୍ଥାନ ସୈନ୍ୟ ୩୦୦୦ଫୁଟରୁ ୧୮୦୦୦ ଫୁଟ ଉପରେ ଥିବା କାରଗିଲ ଠାରେ ପଶି ଆସି ଥିଲେ ।ଏହି ଖବର ମେଷ୍ଟ ଚରାଳିଙ୍କ ଠାରୁ ଭାରତୀୟ ସୈନ୍ୟ ଜାଣିବାକୁ ପାଇଲେ । ସିମଳା ଓ ସିଆଚିନ ଚୁକ୍ତିକୁ ଉଲଘ୍ନ କରି ପାକିସ୍ଥାନ ସେନା ୮ କିଲୋ ମିଟର ପର୍ଯ୍ୟନ୍ତ କାରଗିଲ ଭିତରକୁ ପ୍ରବେଶ କରି ଆସ୍ଥାନ ଜମାଇଥିଲେ ।ବାଜପେୟୀ ପ୍ରଧାନମନ୍ତ୍ରୀ ତଥା ସେନାଧକ୍ଷ ବି ପି ମଲ୍ଲିକଙ୍କ ନିର୍ଦ୍ଦେଶ ରେ ଭାରତୀୟ ସୈନ୍ୟ ବୋଫାର୍ସ କମାଣ ମାଧ୍ୟମରେ ଆକ୍ରମଣ କରିଥିଲେ ।ଜୁନ ମାସ ୧୫ରୁ ଯୁଦ୍ଧ ଆରମ୍ଭ ହୋଇ ଜୁଲାଇ ୨୬ରେ ଭାରତୀୟ ସୈନ୍ୟ ବିଜୟୀ ହୋଇଥିଲେ ।ଏହି ଯୁଧରେ ୫୨୭ଜଣ ଯବାନ ସହିଦ ହୋଇଥିଲେ ।ଏହି ଦିବସକୁ ଭାରତ ସେହିଦିନ ଠାରୁ ବିଜୟ ଦିବସ ରୂପେ ପାଳନ କରି ଆସୁଛନ୍ତି ।ଆଜି ମଧ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ କର୍ମଚାରୀ କାରଗିଲ ଯାଇ ଏହି ଦିବସକୁ ବିଜୟ ଦିବସ ରୂପେ ପାଳନ କରୁଛନ୍ତି ।ଏହି ଯୁଦ୍ଧରେ ଅମର ସହିଦ ହୋଇଥିବା ସୌରଭ କାଳିଆ, ବିକ୍ରମ ବାତ୍ରା, ମନୋଜ ପାଣ୍ଡେ ରାଜେଶ ସିଂ ଆଦି ଯବାନଙ୍କୁ ଆମ ସରକାର ପରମ ବୀର ଚକ୍ରରେ ଭୂଷିତ କରିଛନ୍ତି ।ବାଲିଆପାଳର ସୈନିକ ଜୟରାମ ପାତ୍ର, ରାମଚନ୍ଦ୍ର ଜେନା, ରଜନୀ କାନ୍ତ ସି ଆଦି ସୈନିକ ମାନେ କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରି ଥିଲେ ଓ ସେମାନଙ୍କର ଅନୁଭୂତି ବର୍ଣନା କରିଥିଲେ, ।ମଂଚାସୀନ ଅତିଥି ରୂପେ ସଂଗଠନର ଉପସଭାପତି ମନୋଜ ସି ସ୍ୱାଗତ ଭାଷଣ ଦେଇଥିବା ବେଳେ ସେକ୍ରେଟାରୀ ରାଧାନାଥ ରାଉତ, ବିନୋଦ ବିହାରୀ ଦାସ ବକ୍ତବ୍ୟ ରଖିଥିଲେ ।ଏହି ବୈଠକକୁ କୋଷାଧକ୍ଷ ପଦ୍ମଲୋଚନ ଚକ୍ର ବର୍ତ୍ତୀ, ବ୍ରଜମୋହନ ବାରିକ ନିରଞ୍ଜନ ଗିରି ଓ ଭୀମ ବେହେରା ଆଦି ଅବସର ପ୍ରାପ୍ତ ସୈନିକ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ ।



## ଯକ୍ଷ୍ମା ରୋଗର ସ୍ୱାସ୍ଥ୍ୟ ମେଳା

ବେତନଟୀ , ୨୬/୭ (ନି.ପ୍ର): ଯକ୍ଷ୍ମାଭଳି ପ୍ରାଣଘାତକ ରୋଗକୁ ସମୂଳେ ପ୍ରତିହତ କରିବା ଏବଂ ଜିଲ୍ଲାକୁ ସମ୍ପୂର୍ଣ୍ଣ ଯକ୍ଷ୍ମାମୁକ୍ତ କରିବା ଲକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ରୋଗ ଚିହ୍ନଟ ଶିବିର କରାଯାଉଛି । ଏହି ଅବସରରେ ବେତନଟୀ ବ୍ଲକ ଅନ୍ତର୍ଗତ ଖଇରିବେଣି ଆଶ୍ରମ ବିଦ୍ୟାଳୟରେ ଏକ ଯକ୍ଷ୍ମା ରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି । ଫାଇଣ୍ଡ ନାମକ ସ୍ୱେଚ୍ଛାସେବୀ ସଂସ୍ଥା ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ସେମାନଙ୍କୁ ଯକ୍ଷ୍ମା ରୋଗ ବିଷୟରେ ସଚେତନ ବାର୍ତ୍ତା ଦିଆଯିବା ସହିତ ଲକ୍ଷଣ ନଥିବା ଓ ସାମାନ୍ୟ ଲକ୍ଷଣ ଥିବା ୭୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଠାରୁ କଫ ସଂଗ୍ରହ କରାଯାଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା ନିମନ୍ତେ ପଠାଯାଇଥିଲା । ଏହି ଶିବିର ରେ ଫାଇଣ୍ଡର ଜିଲ୍ଲା ସଂଯୋଜକ ଅନିଲ କୁମାର ଘନ, ଫିଲଡ଼ ଅଫିସର ବିନୋଦ କୁମାର ବାରିକ, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁରୋଗ ବିଶେଷଜ୍ଞ ଡା. ଦେବୀରଞ୍ଜନ ଖୁଣ୍ଟିଆ ପ୍ରମୁଖଙ୍କ ସହିତ ଏକ ଟିମ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନିତା ଦାଶଙ୍କ ସମେତ ଅନ୍ୟ କର୍ମଚାରୀ ଏହି ଶିବିର ସଂଚାଳନରେ ସହଯୋଗ କରିଥିଲେ ।

## ପଶ୍ଚିମବଙ୍ଗ ସରକାରଙ୍କ ଅଘୋଷିତ କଟକଣା ପାଇଁ ଆଳୁର ଚଢ଼ା ଦର

ଲଙ୍ଗଳେଶ୍ୱର , ୨୬/୭ (ନି.ପ୍ର): ଦୈନନ୍ଦିନ ଜୀବନରେ ଖାଇବାର ଚାହିଦା ଦୃଷ୍ଟିରୁ ଆଳୁର ଭୂମିକା ଅଧିକ ଥାଏ । ମାତ୍ର ୪ ଦିନ ଧରି ଆଳୁର ଦାମ୍ ହୁ ହୁ ହୋଇ ବଢୁଥିବା ବେଳେ ବାଲିଆପାଳ ,ସିମୁଳିଆ ହାଟ, ଲଙ୍ଗଳେଶ୍ୱର କାଳି ପଦା ବଜାର ଏବଂ ଆଖପାଖ ଅଞ୍ଚଳରେ ଆଜି ଆଳୁ କିଲୋ ପ୍ରତି ୭୦ ଟଙ୍କାକୁ ଛୁଇଁ ଥିବାରୁ ଖାଉଟୀ ଚିନ୍ତାରେ ପଡ଼ିଛନ୍ତି। ସୂଚନା ରୁ ପ୍ରକାଶ ଓଡ଼ିଶା ସରକାର ଆଳୁ ପାଇଁ ପଶ୍ଚିମବଙ୍ଗ ସରକାର ଉପରେ ନିର୍ଭର କରନ୍ତି। ବିଗତ ବର୍ଷ ପଶ୍ଚିମବଙ୍ଗରେ ଆଳୁର ଉତ୍ପାଦନ କମ୍ ହୋଇଥିବାରୁ ମମତା ସରକାର ରାଜ୍ୟରେ ଆଳୁ ସ୍ଥିରତା ପାଇଁ ଆଳୁ ରପ୍ତାନି ପ୍ରତି ରୋକ୍ ଲଗାଇଛନ୍ତି। ଏନେଇ ଆଳୁ ବ୍ୟବସାୟ ଏବଂ ଖାଉଟୀ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କୁ ଏନେଇ ଏକ ଦୃଢ଼ ପଦକ୍ଷେପ ପାଇଁ ଅପିଲ କରିଛନ୍ତି ଜନସାଧାରଣ ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଦ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo